# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୬/୨୦୨୧ (୧୨ ପୃଷ୍ଠା) | Sambalpur, Tuesday, July 6/2021 | ★★

୧୭ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



# NEWTON COLLEGE OF +2 SCIENCE

## NEWTON HIGHER SECONDARY SCHOOL OF SCIENCE

Hearty Congratulations to Class 10th Passout Students

1st Division 262 OUT OF 316

80% and above 51 Students & 70% Above 150

Special Group for Preparing NEET & JEE(2023) by Expert Faculties.

ADMISSION OPEN 2021-23
RESIDENTIAL COLLEGE

## NEWTON IS ALL ABOUT IT'S CONSISTENCY

### +2 SCIENCE (2020) ACHIEVERS

STATE RANK 18TH — 547 MARKS — UDIT KU. NATH, PADAMPUR, BARGARH

STATE RANK 21ST — 544 MARKS — OMKAR SAHU, BRAJRAJNAGAR, JHARSUGUDA

STATE RANK 25TH — 540 MARKS — PRATYUSH KU. BARIK, BHATLI, BARGARH

536 MARKS — ANWESH SAHU, DEOGAON, BRAJRAJNAGAR, JHARSUGUDA

536 MARKS — PRADYUMNA SAHU, RENGALI, JHARSUGUDA

536 MARKS — DIBYA SENAPATI, JAMANKIRA, SAMBALPUR

535 SUDHANSHU SH. SETHI, Burla, SBP
531 ASIM KU. PRADHAN, BARGARH
530 PRATYUSH KU. BEHERA, ARAYANA NAGAR, SUNDARGARH
529 AKAMKSHYA MEHER, PATNAGARH
528 SOURAV KU. BHOI, LAMTIBAHAL, JSG
526 SOURAV BISI, BHAWANIPATNA, KLD
526 SUMANTA SAHU, TULANDI, BARPALI
523 SWAPNIL SUPRATEEK DASH, BARGARH
522 ABHISHEK BISWAL, KHAMARDIHI, JSG
518 SUBHRA PRAKASH PADHAN, BHATLI, BARGARH
518 PABAN KU. PADHEE, RAMPUR, SONEPUR
518 ANWESH PANDA, KOKSARA, KALAHANDI
514 DEEPAK MEHER, JURIA, KHAPRAKHOL
511 PRIYANSHU PASAYAT, BURDA, REMUNDA, BARGARH
506 SUMIT NANDA, TORA, BARGARH
506 ANSHUMAN NATH, KURSUD, TITILAGARH
504 ARPITA PATEL, DARLIPALI, SUNDARGARH
504 ANIL PATEL, BHUKTA, BARGARH
503 NIRMAL SAHU, JAMANKIRA, SAMBALPUR
502 UJAL KU. PATEL, JAMANKIRA, SAMBALPUR
500 GULSAN KU. MEHER, PATNAGARH, BALANGIR
500 SWASTIK SARANGI, SOHELA, BARGARH
499 PRIYANKA MIRDHA, BURLA, SAMBALPUR
499 PREETAM KU. SAHU, TARBHA, SONEPUR
496 DEBASHREE CHHAND
496 SWEETARANI PADHAN
495 SNIGDHA NAIK
495 ABHISHEK PATEL
493 BIBEK PADHAN
491 GOUTAM MEHER
491 MAHIMA MEHER
489 ANKITA SAHU
489 PRACHEE PRADHAN
488 SHIBAM BHOI
488 SMITARANI PANDA
486 AYUSH PRASAD SA
486 ABINASH RANA
486 MANAS KUMBHAR
485 BHUSAN SA
485 BISHWA ARPITA SAHU
484 JAGRUTI BISWAL
483 SHRIYA MAYEE PATEL
482 PREMCHAND BUDHIA
482 RAMAKRUSHNA SAHOO
480 MILAN BARIK

PASS PERCENTAGE 99.6

## RESULTS THAT PROVE OUR CONSISTENCY

+2 EXAM-2011 POSITION — No. of Student appeared -250; No. of First Class- 178; Pass Percentage 98.4 — 2ND POSITION IN ODISHA: 552 Sekhar Anupam; 3RD POSITION IN ODISHA: 551 Sharmistha Meher; 7TH POSITION IN ODISHA: 546 Utkala Suna

+2 EXAM-2013 — 2ND POSITION IN ODISHA: 555 NEELKAMAL, 547 SIDHARTH, 545 SOURAV — No. of Student appeared -253; No. of First Class- 201; Pass Percentage 99.3

+2 EXAM-2014 — No. of Student appeared -214; No. of First Class- 130; Pass Percentage 99.7 — 535 ARANV, 536 S. AUROSMAN, 552 BINEET — 2ND POSITION IN ODISHA

+2 EXAM-2015 — 3RD POSITION IN ODISHA: 548 JUGAL, 541 SUSHREETA, 531 POOJA — No. of Student appeared -251; No. of First Class- 170; Pass Percentage 99.3

+2 EXAM-2016 — No. of Student appeared -252; No. of First Class- 203; Pass Percentage 98.5 — 539 Chandan Sahu, 548 Ankita Dash, 560 Lucky Behera — 1ST POSITION IN ODISHA

+2 EXAM-2017 POSITION — 1ST POSITION IN ODISHA: 555 Bikash Meher; 2ND IN ODISHA: 553 Subham Dash; 8TH IN ODISHA: 543 Kiran Dash — No. of Student appeared -288; No. of First Class- 187; Pass Percentage 99

+2 EXAM-2018 — No. of Student appeared -310; No. of First Class- 231; Pass Percentage 99 — 521 SWARNAMAYEE KHADANGA, Kalampur, Kalahandi; 527 ARDHENDU SEKHAR MALLO, Kesinga, Kalahandi; MATH 100, 537 ABHISHEK SARANGI, Dhama, Sambalpur — 1ST POSITION IN SAMBALPUR

+2 EXAM-2019 — AMONG THE STATE POSITION: 542 Abhilash Das, 537 Arpita Panda, 535 Amit Panda — No. of Student appeared - 310; No. of First Class- 257; Pass Percentage 99.36

Debaipali, Majhipali Chowk, Sambalpur,
Ph: 9438069105, 9938586082, 9337301382, 9938417517

## ୧୫ ସୁଦ୍ଧା ୮୦୦ ତଳକୁ ଖସିବ ସଂକ୍ରମଣ

**ଭୁବନେଶ୍ୱର,(ବ୍ୟୁରୋ):** ରାଜ୍ୟରେ କରୋନାର ଦୈନିକ ସଂକ୍ରମଣ ଆସନ୍ତା ୧୫ ତାରିଖ ସୁଦ୍ଧା ୮୦୦ ତଳକୁ ଖସିଯିବାର ସମ୍ଭାବନା ରହିଛି। ଆଇଆଇଟି କାନପୁରର ବିଶେଷଜ୍ଞମାନେ ଏଭଳି ଆକଳନ କରିଛନ୍ତି। ସେମାନଙ୍କ ପ୍ରୋଜେକ୍ଟ ମଡେଲ ଅନୁଯାୟୀ, ଦୈନିକ ସଂକ୍ରମଣ ବର୍ତ୍ତମାନ ହ୍ରାସ ପର୍ଯ୍ୟାୟରେ ରହିଛି। ଦୁଇ ସପ୍ତାହ ମଧ୍ୟରେ ଓଡ଼ିଶାରେ ସଂକ୍ରମଣ ହାର ଆହୁରି ହ୍ରାସ ପାଇଁ ଦୈନିକ ପ୍ରାୟ ୭୩୯ ସଂକ୍ରମିତ ଚିହ୍ନଟ ହେବେ। ଦ୍ୱିତୀୟ ଲହର ଶୀର୍ଷ ସମୟରେ ଯେତିକି ଦୈନିକ ସଂକ୍ରମଣ ଚିହ୍ନଟ ହେଉଥିଲେ, ସେହି ତୁଳନାରେ ଏବେ ୭୩.୭% ହ୍ରାସ ପାଇଛି। ଦୈନିକ ସଂକ୍ରମଣକୁ ଆଧାର କରି ବର୍ତ୍ତମାନର ମୃତ୍ୟୁ ହାର ୧.୫% ବୋଲି ଆଇଆଇଟି କାନପୁର ପ୍ରୋଜେକ୍ଟ କହିଛି।

# ଚଳିତବର୍ଷ ଦେଢ଼ଲକ୍ଷ ହେକ୍ଟର ବନୀକରଣ

ଭୁବନେଶ୍ୱର, ୫।୭(ବ୍ୟୁରୋ)

୨୦୨୧-୨୨ ଆର୍ଥିକ ବର୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବନୀକରଣ ଯୋଜନା ଯଥା ପ୍ରାକୃତିକ ଜଙ୍ଗଲର ପୁନର୍ଜନ୍ମ, ନୂତନ ଜଙ୍ଗଲ ସୃଷ୍ଟି, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ଚାରାରୋପଣ କାର୍ଯ୍ୟ ଚାଲୁ ରହିଛି। ୨୦୨୧-୨୨ ବର୍ଷରେ ରାଜ୍ୟରେ ସର୍ବମୋଟ ବିଭିନ୍ନ ଯୋଜନାରେ ୫୯୯ କୋଟି ଟଙ୍କା ବିନିଯୋଗ କରାଯାଇ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟରରେ ୬ କୋଟି ୬୭ ଲକ୍ଷ ୯୩ ହଜାର ଚାରାରୋପଣ କରାଯିବା ସହ ୩ କୋଟି ୨୧ ଲକ୍ଷ ୬୦ ହଜାର ଚାରା ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ସୋମବାର ଭୁବନେଶ୍ୱରର ବଡ଼ଗଡ଼ ହାଇସ୍କୁଲ ପରିସରରେ ୭୨ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକୃତିର ସୁରକ୍ଷା ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଧିକରୁ ଅଧିକ ବୃକ୍ଷ ରୋପଣ କରି ରାଜ୍ୟକୁ ବିଭିନ୍ନ ପ୍ରାକୃତିକ ଦୁର୍ବିପାକରୁ ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ।



ରାଜ୍ୟସ୍ତରୀୟ ବନ ମହୋତ୍ସବର ଚାରାରୋପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଏବଂ ଅନ୍ୟ ଅତିଥିମାନେ।

ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଚଳିତ ବର୍ଷ ୧୩ କୋଟି ଚାରା ଉତ୍ପାଦନ ହେବ ଓ ପ୍ରାୟ ସାଢ଼େ ୮ କୋଟି ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରହିଛି। ଜଙ୍ଗଲ ବିଭାଗ ବନ ମହୋତ୍ସବକୁ ଏକ ଲୋକ ମହୋତ୍ସବରେ ପରିଣତ କରିଛି। ସାରା ରାଜ୍ୟକୁ ସବୁଜିମାମୟ କରିବା ପାଇଁ ବିଭାଗ ଓ ଜନସାଧାରଣଙ୍କ ମିଳିତ ପ୍ରଚେଷ୍ଟା ପ୍ରଶଂସନୀୟ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଥିଲେ, ଜଙ୍ଗଲ ପରିସୀମା କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଚତୁର୍ଥ। ଆମ ରାଜ୍ୟରେ ୨୭୫ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ଘଟିଛି। ବ୍ୟାପକ ବନୀକରଣ ହେଲେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରାଯାଇପାରିବ। ତେଣୁ ଅଧିକରୁ ଅଧିକ ଚାରା ଲଗାଯିବା ଉପରେ ଶର୍ମା ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ ସ୍ୱାଗତ ଭାଷଣ ଓ ବଡଗଡ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଜେନା ଧନ୍ୟବାଦ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ଥିଲେ। ପରେ ବଡଗଡ ହାଇସ୍କୁଲ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

# ଆରମ୍ଭ ହେଲା ଭାଜପା, ବିଜେଡି ପକ୍କାଘର ଲଢ଼େଇ

ଭୁବନେଶ୍ୱର, ୫।୭(ବ୍ୟୁରୋ)

- ଆବାସ ଯୋଜନାରେ ହଜାର କୋଟିର ଦୁର୍ନୀତି: ଭାଜପା
- ଗରିବଙ୍କୁ ପକ୍କାଘର ପାଇବାରୁ ଭାଜପା ବଞ୍ଚିତ ନ କରୁ: ବିଜେଡି

୨୦୨୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ଗରିବ ଲୋକଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ଏଠି ପାତରଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀଙ୍କୁ ପକ୍କାଘର ଯୋଗାଇ ଚାଲିଛନ୍ତି। ଏଥିରେ ପ୍ରାୟ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ଭାଜପା ଲଢ଼େଇ ଜାରି ରଖିବ ବୋଲି ଦଳ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ସମ୍ପର୍କରେ ଭାଜପା ପଦାଧିକାରୀ ଏବଂ ବିଧାୟକମାନେ ଓଡ଼ିଶାର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏମ୍‌ପିମାନେ ବିଭାଗୀୟ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ସ୍ମାରକପତ୍ର ଦେବା ସହ ଏ ନେଇ ଆଲୋଚନା କରିଥିଲେ। କିଛିଦିନ ତଳେ କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ ୫ଟି ଜିଲାର ୯ ବ୍ଲକର ସମୀକ୍ଷା କରିବା ସମୟରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି। ତେବେ ଆବାସ ଯୋଜନାରେ ପାଖାପାଖି ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଆସନ୍ତା ୭,୮ ଓ ୯ ତାରିଖରେ ରାଜ୍ୟର ସବୁ ବ୍ଲକ ସାମ୍ନାରେ ଭାଜପା ପକ୍ଷରୁ ପ୍ରତିବାଦ କରାଯିବ ବୋଲି ସମୀର କହିଛନ୍ତି।

ଭାଜପାକୁ ସମାଲୋଚନାକରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାରେ ହତାଶ ହୋଇପଡ଼ିଥିବା ଭାଜପା କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ତାଙ୍କ ସଭାପତି ବହୁ କଷ୍ଟ କରୁଛନ୍ତି। ବର୍ତ୍ତମାନ ହତୋତ୍ସାହିତ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଆଉ ଗୋଟିଏ ଦୁର୍ବଳ ପ୍ରୟାସ କରୁଛନ୍ତି। ଗୋଟିଏ ପଟେ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରୁଥିବା ବେଳେ ଅନ୍ୟପଟେ ସମୀର ଗ୍ରାମାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସଫଳ କାର୍ଯ୍ୟକୁ ବଦନାମ କରିବାକୁ ଉଦ୍ୟମ ଚଳାଇଛନ୍ତି।

## ସଂକ୍ଷେପରେ

### ଡିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ମନ୍ଦିର ନିକଟରେ ଇକୋ ଟୁରିଜମ୍

**ଭୁବନେଶ୍ୱର, ୫।୭(ବ୍ୟୁରୋ):** ଡିଗିରିଆର ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ମନ୍ଦିର ନିକଟରେ ପ୍ରବାହିତ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲର ନରସିଂହପୁର ଶାଖା କେନାଲ ପାର୍ଶ୍ୱରେ ଉପଲବ୍ଧ ଥିବା ସରକାରୀ ଜାଗାର ଉନ୍ନତୀକରଣ କରାଯିବ। ଉକ୍ତ ସ୍ଥାନରେ ଇକୋ ଟ୍ୟୁରିଜମ୍ ଏବଂ ବିନୋଦନ ପାର୍କ ନିର୍ମାଣ ଲାଗି ପ୍ରସ୍ତାବ ଆସିବା ପରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃକ୍ଷରୋପଣ, ହର୍ବାଲ ଗାର୍ଡେନ ଓ ପାର୍କ ଇତ୍ୟାଦି ପ୍ରତିଷ୍ଠା କରାଯାଇ ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯିବ। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହା ଧବଳେଶ୍ୱର, ଭଟ୍ଟାରିକା, ସପ୍ତଶଯ୍ୟା ଏବଂ କପିଳାସ ଆଦି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନିକଟରେ ଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ମତ ରଖିଛନ୍ତି। ଜଙ୍ଗଲ ଏବଂ ଜଳ ସମ୍ପଦ ବିଭାଗ ସହଭାଗିତାରେ ଇକୋ ଟୁରିଜମ୍ ପାର୍କ ନିର୍ମାଣ ସହିତ ଜଙ୍ଗଲ ସଂରକ୍ଷଣ ଦ୍ୱାରା ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ। ଏଥି ସହ ଜଳ ସମ୍ପଦ ଏବଂ ପର୍ଯ୍ୟଟନ ବିଭାଗର ଯୁଗ୍ମ ଭାବେ କ୍ଷେତ୍ର ପରିଦର୍ଶନ କରିବେ।

### 'ମୁକ୍ତା' କାର୍ଯ୍ୟକାରିତାରେ ଅବହେଳା: କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର, ୫।୭(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଫ୍ଲାଗ୍‌ଶିପ୍ ଯୋଜନା 'ମୁକ୍ତା' କାର୍ଯ୍ୟକାରିତାରେ ଅନିୟମିତତା କରିବାରୁ ପୁରୀ ଜିଲା ନିମାପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ରଙ୍କୁ ରାଜ୍ୟ ସରକାର ସୋମବାର ନିଲମ୍ବିତ କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ଆଦେଶର ଅବମାନନା, କର୍ତ୍ତବ୍ୟରେ ଅବହେଳା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଦର୍ଶାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ପୁରୀ ଡିଆର୍‌ଡିଏ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଅଧିକାରୀଙ୍କ ବିନାନୁମତିରେ ତାଙ୍କୁ ମୁଖ୍ୟାଳୟ ଛାଡ଼ି ନ ଯିବାକୁ କୁହାଯାଇଛି। ସେହିଭଳି ବିଭାଗ ପକ୍ଷରୁ ଏହି ଏନ୍‌ଏସିର ସହକାରୀ ଯନ୍ତ୍ରୀ ସୁଧାକର ଦାସଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୁଧାକର ଦାସଙ୍କ ତତ୍କାଳ ଗଞ୍ଜାମ ଜିଲା କୋଦଳା ଏନ୍‌ଏସିକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କୋଦଳା ଏନ୍‌ଏସିର ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ବେହେରାଙ୍କୁ ଅବସ୍ଥାପିତ କରାଯାଇଛି।

# ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା ଫର୍ମ ପୂରଣ ଆରମ୍ଭ

କଟକ ଅଫିସ,୫।୭

ଚଳିତବର୍ଷ ମାଟ୍ରିକ ଫଳ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ କରୋନା କଟକଣା ମଧ୍ୟରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବେ। ଏଥିପାଇଁ ସୋମବାରଠାରୁ ଫର୍ମ ପୂରଣ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍(www.bseodisha.ac.in)ରେ ଆସନ୍ତା ୧୪ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏଥିପାଇଁ ସେମାନଙ୍କୁ କୌଣସି ଫି ଦେବାକୁ ପଡିବ ନାହିଁ। ଏହାପରେ ଆସନ୍ତା ୩୦ରେ ପରୀକ୍ଷା ଆରମ୍ଭ ହେବ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ଗଣିତ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ଅଫ୍‌ଲାଇନ ପରୀକ୍ଷାର ମାର୍କ ଆଧାରେ ଯୁକ୍ତଦୁଇ ଆବେଦନ ଲାଗି ଛାତ୍ରୀଛାତ୍ରଙ୍କୁ କୌଣସି ସମସ୍ୟା ହେବନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୂଚନା ମିଳିଛି।

ସୂଚନାଥାଉ କି, କରୋନା ମହାମାରୀ ଯୋଗୁ ଚଳିତବର୍ଷ ପ୍ରଥମଥର ପାଇଁ ବିନା ପରୀକ୍ଷାରେ ବୋର୍ଡ ପକ୍ଷରୁ ମାଟ୍ରିକ ଫଳ ପ୍ରକାଶ ପାଇଥିଲା। ହେଲେ ଏହାକୁ ନେଇ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ସ୍ଥାନରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିକ୍ଷୋଭ ସହ ରାସ୍ତାରୋକୋ କରିଥିଲେ। ପରବର୍ତ୍ତୀ ସମୟରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରାଇବାକୁ ବୋର୍ଡ ନିଷ୍ପତ୍ତି ନେଇଥିଲା।

# ୭ରେ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ମରାମତି

**ପୁରୀ ଅଫିସ,୫।୭:** ପୂର୍ବ ଛତିଶା ନିଯୋଗ ବୈଠକରେ ମହାପ୍ରଭୁଙ୍କର ସୁବର୍ଣ୍ଣ କୁଣ୍ଡଳ ଓ ଶ୍ରୀଭୂଜ ମରାମତି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ଆସନ୍ତା ୭ତାରିଖରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ସୋମବାର ଶ୍ରୀମନ୍ଦିର ନୀତିପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ଖୁଣ୍ଟଜୀ ପକ୍ଷରୁ ବିନା ମଜୁରିରେ ଏହି ମରାମତି କାର୍ଯ୍ୟ କରାଯିବ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କର ୨ଟି ଲେଖାଏଁ ଶ୍ରୀଭୂଜ, ଖଡ୍ଡୁ, ବଳା, ପାପୁଲି, ଆଙ୍ଗୁଠି ମରାମତି କରାଯିବ। ଏଥିପାଇଁ ପ୍ରାୟ ୧୨ଶହ ଗ୍ରାମ ସୁନା ଆବଶ୍ୟକ। ଶ୍ରୀମନ୍ଦିର ପକ୍ଷରୁ ଏସ୍‌ବିଆଇରେ ଥିବା ସୁନାକୁ ଅଣାଯାଇ ବିଧି ମୁତାବକ ବିଶୁଦ୍ଧ କରାଯାଇ ମରାମତି କାର୍ଯ୍ୟରେ ଲଗାଯିବ। ୪ ଅଭିଜ୍ଞ କାରିଗର ମରାମତି ଦାୟିତ୍ୱରେ ରହିବେ। ସୁନାବେଶରେ ମହାପ୍ରଭୁ ଏହି ସୁବର୍ଣ୍ଣ ଅଳକାର ପରିଧାନ କରିବେ।

**ବିନା ମଜୁରିରେ କାମ କରିବ ଖୁଣ୍ଟଜୀ**

# ଲୋକଙ୍କୁ କେତେ ଶୋଷିବେ କେନ୍ଦ୍ର ସରକାର: ନିରଞ୍ଜନ

ଭୁବନେଶ୍ୱର,୫।୭(ବ୍ୟୁରୋ)

**ତୈଳ ଦର ବୃଦ୍ଧି ନେଇ ୭ରୁ ୧୭ କଂଗ୍ରେସର ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ**

କରୋନା ଏବଂ ତଜ୍ଜନିତ ତାଲାବନ୍ଦ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ସାରିଲାଣି। ଆର୍ଥିକ ଅନଟନ ଲୋକଙ୍କୁ ମହାମାରୀଠୁ ଅଧିକ କଷ୍ଟ ଦେଲାଣି। ଏହି ସମୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ବାରମ୍ବାର ଦରବୃଦ୍ଧି ଲୋକଙ୍କ ପାଇଁ ବେଡ଼ି ଉପରେ କରୋଡ଼ା ମାଡ଼ ସାଜିଛି। ଲୋକଙ୍କୁ କେତେ ଆଉ ଶୋଷଣ କଲେ କେନ୍ଦ୍ର ସରକାର ସନ୍ତୁଷ୍ଟ ହେବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ଭାଜପା ସରକାରଙ୍କ ଏପରି ଜନମାରଣ ନୀତିର ଜବାବ ଲୋକମାନେ ଦେବେ। ପେଟ୍ରୋଲ ବର୍ତ୍ତମାନ ୧୦୦ ଟଙ୍କା ପାର ହୋଇସାରିଥିବା ବେଳେ ଡିଜେଲ ୧୦୦ ଛୁଇଁବ ଏବଂ ରନ୍ଧନ ଗ୍ୟାସ୍ ୮୬୧ଟଙ୍କା ହେଲାଣି। ୟୁପିଏ ସରକାର ସମୟରେ ୨୦୧୩ ଜୁଲାଇରେ ପେଟ୍ରୋଲ ଲିଟର ପିଛା ଦାମ ୭୪ ଟଙ୍କା ୨୪ ପଇସା ଥିଲାବେଳେ ଡିଜେଲ ୬୭ ଟଙ୍କା ୫୭ ପଇସା ଥିଲା। ସେତେବେଳେ ଅଶୋଧିତ ତୈଳର ଦାମ ବ୍ୟାରେଲ ପିଛା ଥିଲା ୧୦୨.୯୨ ଡଲାର ଥିଲା ବେଳେ ବର୍ତ୍ତମାନ ଏହା ୭୫ ଡଲାର ଅଛି। ଏହାଦ୍ୱାରା ଖାଉଟିଙ୍କ ଉପରେ ସିଧାସଳଖ ବୋଝ ପଡ଼ିବା ସହିତ ଦରଦାମ ବୃଦ୍ଧି ପାଉଛି। ଲୋକଙ୍କ ଅସନ୍ତୋଷ କ୍ରମଶଃ ପ୍ରତିବାଦ, ଆନ୍ଦୋଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିସାରିଲାଣି। ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ୍ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବିରୋଧରେ ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶ ତମାମ କଂଗ୍ରେସ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବ। ୭ରେ ପ୍ରତ୍ୟେକ ବ୍ଲକ ସାମ୍ନାରେ ପ୍ରତିବାଦରେ ଲୋକେ ଝାଞ୍ଜ, ଘଣ୍ଟମାଡ଼ କରି ପ୍ରତିବାଦ କରିବେ। ଜୁଲାଇ ୯ରେ ଜିଲା ସଦର ମହକୁମାରେ ସାଇକେଲ ଯାତ୍ରା ଜରିଆରେ ପ୍ରତିବାଦ ହେବ। ଜୁଲାଇ ୧୪ରେ ରାଜ୍ୟସ୍ତରୀୟ ପ୍ରତିବାଦ, ଆନ୍ଦୋଳନ, ଜୁଲାଇ ୧୫ରେ ମହଙ୍ଗା ମାଡ଼ର ପ୍ରତିବାଦ ସ୍ୱରୂପ କୌଣସି ବି ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଓ ଡିଜେଲ ନ ପକାଇବା ଓ ସେହିଦିନ ରନ୍ଧନ ଗ୍ୟାସ୍ ନ କିଣିବା ପାଇଁ ରାଜ୍ୟବାସୀଙ୍କୁ ନିବେଦନ, ଜୁଲାଇ ୧୭ରେ ସମସ୍ତ ପେଟ୍ରୋଲ ପମ୍ପ ସାମ୍ନାରେ ଦସ୍ତଖତ ଅଭିଯାନ ଆୟୋଜିତ ହେବ ବୋଲି ନିରଞ୍ଜନ କହିଛନ୍ତି।

DSPL - 75

୭୨ତମ ବନ ମହୋତ୍ସବ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା



ପବିତ୍ର ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ବୃକ୍ଷରୋପଣର ଗୁରୁତ୍ୱ ଓ ପରିବେଶ ଉପରେ ଏହାର ପ୍ରଭାବ ଉପରେ ବ୍ୟାପକ ସଚେତନତା ପାଇଁ ପ୍ରତି ବର୍ଷ ମୌସୁମୀର ପ୍ରାରମ୍ଭରେ ଦେଶବ୍ୟାପୀ ବନ ମହୋତ୍ସବ ପାଳନ କରାଯାଇ ଆସୁଅଛି ।

ମନୁଷ୍ୟର ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ । ସୁଷମ ଖାଦ୍ୟ, ସ୍ୱଚ୍ଛ ଜଳ ଓ ପ୍ରଦୂଷଣ ମୁକ୍ତ ବାୟୁର ଆବଶ୍ୟକତାକୁ ବୃକ୍ଷ ହିଁ ପୂରଣ କରିଥାଏ । ଏହା ବ୍ୟତୀତ ଉଦ୍ଭିଦ ଜଗତର ଔଷଧୀୟ ମୂଲ୍ୟକୁ ଆମେ ବିଭିନ୍ନ ସମୟରେ ଏପରିକି କୋଭିଡ ମହାମାରୀ ସମୟରେ ମଧ୍ୟ ଭଲଭାବେ ଉପଲବ୍ଧ କରି ପାରିଛୁ । ପାରମ୍ପରିକ ଔଷଧ ପ୍ରଣାଳୀକୁ ଅନୁଶୀଳନ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଔଷଧୀୟ ବୃକ୍ଷଗୁଡ଼ିକର ବ୍ୟବହାର ବୃଦ୍ଧି ପାଇଛି ।

ତେଣୁ ମୋର ନିବେଦନ, ଆପଣମାନେ ନିଜର ଘର, ଜମି କିମ୍ବା ଆଖପାଖ ଅଞ୍ଚଳରେ ଥିବା ଖାଲି ଜାଗାରେ ଅଧିକରୁ ଅଧିକ ଚାରା ରୋପଣ କରି ତାର ଯତ୍ନ ନିଅନ୍ତୁ ଏବଂ ଏକ ସୁସ୍ଥ ଓ ସୁନ୍ଦର ସବୁଜିମା ସୃଷ୍ଟି କରନ୍ତୁ ।

ଆପଣମାନେ ଜାଣନ୍ତି, କୋଭିଡର ଦ୍ୱିତୀୟ ଲହର ଶେଷ ହୋଇ ନାହିଁ । ଏହା ସହିତ ତୃତୀୟ ଲହରର ସୂଚନା ମଧ୍ୟ ଆସୁଛି । ତେଣୁ ଆପଣମାନେ ସମସ୍ତେ ଟୀକା ନିଶ୍ଚୟ ନିଅନ୍ତୁ । ମାସ୍କ ପିନ୍ଧନ୍ତୁ, ହାତ ଧୁଅନ୍ତୁ ଓ କୋଭିଡର ସବୁ ନିୟମକୁ ମାନନ୍ତୁ । ସୁସ୍ଥ ରୁହନ୍ତୁ ଓ ନିଜ ପରିବାରକୁ ସୁସ୍ଥ ରଖନ୍ତୁ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

୭୨ତମ ବନ ମହୋତ୍ସବ ପାଳନ ଉପଲକ୍ଷେ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ
ବାର୍ତ୍ତା



ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ପ୍ରାଗୈତିହାସିକ ଯୁଗରୁ ମନୁଷ୍ୟ ବୃକ୍ଷଲତା ଉପରେ ନିର୍ଭର କରିଆସୁଛି । ସଭ୍ୟତା ଓ ସଂସ୍କୃତିର ବିକାଶ ନିମିତ୍ତ ବୃକ୍ଷଲତାର ଦାନ ଅତୁଳନୀୟ । ପ୍ରତ୍ୟେକ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ଆମେ ସମସ୍ତେ ବୃକ୍ଷରୋପଣ ଭଳି ମହତ୍ କାର୍ଯ୍ୟ କରି ବନମହୋତ୍ସବ ପାଳନ କରିଥାଉ ।

ବୃକ୍ଷଲତା ଯୋଗୁଁ ବର୍ଷା ହୁଏ । ବର୍ଷା ଯୋଗୁଁ ଫସଲ ଉତ୍ପାଦିତ ହୁଏ । ଦେଶକୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଦୈନନ୍ଦିନ ଜୀବନର ସମସ୍ତ ମୌଳିକ ଚାହିଦା ବୃକ୍ଷରୁ ହିଁ ମିଳିଥାଏ । ଜଙ୍ଗଲ ସମ୍ପଦର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତାକୁ ରାଜ୍ୟ ସରକାର ସର୍ବଦା ଅଗ୍ରାଧିକାର ଦେଇଆସୁଛନ୍ତି ।

ଚଳିତ ବର୍ଷର ବାତ୍ୟା ୟସ୍ ପ୍ରକୋପରୁ ରାଜ୍ୟର ଉପକୂଳ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଭିତରକନିକାର ଘଞ୍ଚ ହେନ୍ତାଳ ବନ ଗ୍ରାମଗୁଡ଼ିକୁ ସୁରକ୍ଷା ଦେଇପାରିଥିଲା । ସେଥିପାଇଁ ଅବକ୍ଷୟିଷ୍ଣୁ ହେନ୍ତାଳ ବନର ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବନୀକରଣ ଯୋଜନା ଯଥା – ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, ନୂତନ ଜଙ୍ଗଲ ସୃଷ୍ଟି, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ଚାଲୁ ରହିଛି । ଏସବୁ ଯୋଜନା ମାଧ୍ୟମରେ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ହେକ୍ଟର ଅଞ୍ଚଳ ବନୀକରଣ କରାଯିବ । ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଓ ଅନୁଷ୍ଠାନମାନଙ୍କୁ ବିନାମୂଲ୍ୟରେ ବୃକ୍ଷଚାରା ବିତରଣ କରାଯାଉଛି ।

ଜନସାଧାରଣ ଏସବୁ ସୁଯୋଗର ସଦୁପଯୋଗ କରି ନିଜ ଜମି, ଘର ଓ ଅନୁଷ୍ଠାନ ପରିସରରେ ଅଧିକରୁ ଅଧିକ ବୃକ୍ଷଚାରା ରୋପଣ କରନ୍ତୁ ଓ ବନ ମହୋତ୍ସବର ଉଦ୍ଦେଶ୍ୟକୁ ସଫଳ କରନ୍ତୁ । ବନମହୋତ୍ସବ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସବୁସ୍ତରରେ ଉଦ୍ୟମ ହେଉ, ଏହା ହିଁ ମୋର ଆହ୍ୱାନ ।

(ବିକ୍ରମ କେଶରୀ ଆରୁଖ)

OIPR-08002/13/0009/2122

# ଧରିତ୍ରୀ
DHARITRI

ମଙ୍ଗଳବାର, ଜୁଲାଇ ୬/୨୦୨୧ | Tuesday, July 6/2021 | ପୃଷ୍ଠା-୧




### ଭୂତ୍ ପୋଲିସରେ ସୈଫଙ୍କ ନୂଆ ଲୁକ୍

ଅପ୍‌କମିଂ ହରର୍ ଓ କମେଡି ଫିଲ୍ମ 'ଭୂତ୍ ପୋଲିସ'ରେ ଅଭିନେତା ସୈଫ ଅଲ୍ଲୀ ଖାଁଙ୍କ ଫାଷ୍ଟ ଲୁକ୍ ସାମ୍ନାକୁ ଆସିଛି।

୦୮

୧୦

### ଖେଳରତ୍ନ ପାଇଁ ପ୍ରମୋଦଙ୍କ ନାମ ସୁପାରିସ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି।






# ଦିନକରେ ଗଲା ୫୨ ଜୀବନ

## କରୋନା ମୃତ୍ୟୁରେ ସର୍ବକାଳୀନ ରେକର୍ଡ

- ଆଉ ୨,୮୦୩ ଆକ୍ରାନ୍ତ, ୧୫ ଦିନରେ ୬୯୮ ମୃତ
- ରାଜ୍ୟରେ ମୃତ୍ୟୁ ସଂଖ୍ୟା ୪,୨୪୮କୁ ବୃଦ୍ଧି

ଭୁବନେଶ୍ୱର, ୫।୭(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଛି। ଧୀରେ ଧୀରେ କଟକଣା ବି କୋହଳ ହେଉଛି। ହେଲେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଦିନକୁ ଦିନ କୋଭିଡ୍-୧୯ ଭୂତାଣୁ ବୋଡ଼ା ସାପ ଭଳି ଘାତକ ହେଉଥିବାରୁ ଚିନ୍ତା ବଢ଼ିଛି। ଗତ ୧୫ ଦିନ ମଧ୍ୟରେ ଏହି ମହାମାରୀ ୬୯୮ ଆକ୍ରାନ୍ତଙ୍କ ମୁଣ୍ଡ ନେଇଥିବାବେଳେ ଏବେ ମୃତ୍ୟୁ ସଂଖ୍ୟାରେ ଆଉଏକ ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୨ ଆକ୍ରାନ୍ତଙ୍କ ଜୀବନ ଯାଇଛି, ଯାହା ସର୍ବକାଳୀନ ରେକର୍ଡ।

ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ



ସର୍ବାଧିକ ୯ଜଣ ଥିବାବେଳେ ବରଗଡ଼, ଗଞ୍ଜାମ, କଳାହାଣ୍ଡି, ପୁରୀ ଓ ସୁନ୍ଦରଗଡ଼ ଜିଲାରୁ ୫ ଜଣ ଲେଖାଏ ଏବଂ କେନ୍ଦ୍ରାପଡ଼ାରୁ ୪ଜଣ ରହିଛନ୍ତି। ସେହିଭଳି କଟକ, କନ୍ଧମାଳ ଓ ମୟୂରଭଞ୍ଜରୁ ୨ ଜଣ ଲେଖାଏ, ଢେଙ୍କାନାଳ, ଭଦ୍ରକ, ବୌଦ୍ଧ, ଝାରସୁଗୁଡ଼ା, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଓ ସମ୍ବଲପୁର ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ କରୋନା ମୃତ୍ୟୁ ୪,୨୪୮କୁ ବୃଦ୍ଧି ପାଇଛି। ☞ପୃଷ୍ଠା-୨

# ମହିଳାଙ୍କୁ ମାରି ସ୍ୱାମୀଙ୍କୁ ଭିଡିଓ କଲ୍

## ବର୍ତ୍ତିଲେ ୩ ବର୍ଷର ଶିଶୁପୁତ୍ର

ଭୁବନେଶ୍ୱର, ୫।୭(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସୋମବାର ଘଟିଛି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ହାଉସିଂ ବୋର୍ଡକଲୋନୀ ଫେଜ୍-୧ ପ୍ଲଟ୍‌ନଂ. ଏ/ଏଲ୍-୧ରେ ଭଡ଼ାରେ ରହୁଥିବା ଜଣେ ମହିଳାଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ସୌଭାଗ୍ୟବଶତଃ ବଞ୍ଚିଯାଇଛନ୍ତି ତାଙ୍କ ୩ ବର୍ଷର ଶିଶୁପୁତ୍ର। ମହିଳାଙ୍କୁ ହତ୍ୟା କରିବା ପରେ ହାତ କାଟି ଏବଂ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଅଭିଯୁକ୍ତ ଯୁବକ ଜଗନ୍ନାଥ ପ୍ରଧାନ। ମୃତ ମହିଳା ହେଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓରଫ ରିଙ୍କି(୨୬)। ପୋଲିସ ପ୍ରିୟଙ୍କାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିବା ସହ ଗୁରୁତର ହୋଇପଡ଼ିଥିବା ଅଭିଯୁକ୍ତ ଜଗନ୍ନାଥଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା।

ଜଗନ୍ନାଥଙ୍କ ଉଦ୍ଦେଶ୍ୟ ଥିଲା ଅତି ଭୟାନକ, ଯାହା ଘଟଣାସ୍ଥଳରୁ ମିଳିଥିବା ତାଙ୍କ ହାତଲେଖା ଚିଠି ଏବଂ ପୋଲିସକୁ ଦେଇଥିବା ବୟାନରୁ ଜଣାପଡ଼ିଛି। କେବଳ ପ୍ରିୟଙ୍କା ନୁହେଁ, ତାଙ୍କ ଶିଶୁପୁତ୍ରଙ୍କୁ ମଧ୍ୟ ମାରିଦେବାକୁ ଯୋଜନା କରି ଉକ୍ତ ଭଡ଼ାଘରେ ପହଞ୍ଚିଥିଲେ ଜଗନ୍ନାଥ। ସମୟ ଥିଲା ପୂର୍ବାହ୍ନ ପ୍ରାୟ ୧୧ଟା। ଏହା ପୂର୍ବରୁ ପ୍ରିୟଙ୍କାଙ୍କ ସ୍ୱାମୀ ରାକେଶ ସାହୁ ପ୍ରାୟ ୧୦ଟା ସମୟରେ ଅଫିସ୍ ପଳାଇଯାଇଥିଲେ। ଜଗନ୍ନାଥ ଏହି ସୁଯୋଗରେ ଘରେ ପଶି କବାଟ ବନ୍ଦ କରିଦେଇଥିଲେ। ଘର ଭିତରେ ପ୍ରିୟଙ୍କା ଏକା ଥିବାବେଳେ ତାଙ୍କ ଶିଶୁପୁତ୍ର ଉପର



ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ



ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ

ମହଲାରେ ରହୁଥିବା ଘରମାଲିକ ସୁଧାକର ମହାରଣାଙ୍କ ପାଖରେ ଥିଲେ। ଜଗନ୍ନାଥ ଛୁରିରେ ପ୍ରିୟଙ୍କାଙ୍କ ତଣ୍ଟି କାଟି ହତ୍ୟା କରିଦେଇଥିବାବେଳେ ଘରେ ନ ଥିବାରୁ ଶିଶୁପୁତ୍ରର ଜୀବନ ବଞ୍ଚିଯାଇଥିଲା। ଜଗନ୍ନାଥ ଏହାପରେ ପ୍ରିୟଙ୍କାଙ୍କ ସ୍ୱାମୀ ରାକେଶଙ୍କୁ ହ୍ୱାଟ୍ସଆପ୍ ଭିଡିଓ କଲ୍ କରିଥିଲେ। କିନ୍ତୁ କାର୍ଯ୍ୟବ୍ୟସ୍ତତା ଯୋଗୁ ରାକେଶ ତାହା ଉଠାଇପାରି ନ ଥିଲେ। କିଛି କ୍ଷଣ ପରେ ଜଗନ୍ନାଥ ହ୍ୱାଟ୍ସଆପ୍‌ରେ ପ୍ରିୟଙ୍କାଙ୍କ ରକ୍ତ ଜୁଡୁବୁଡୁ ଶରୀରର ଫଟୋ ରାକେଶଙ୍କ ପାଖକୁ ପଠାଇଥିଲେ। ଏହାଦେଖି ସେ ଘରମାଲିକ ସୁଧାକରଙ୍କୁ ଫୋନ୍ କରି

### ରାଜଧାନୀରେ ଚାଞ୍ଚଲ୍ୟ

- ମହିଳା, ତାଙ୍କ ଶିଶୁପୁତ୍ରଙ୍କୁ ମାରିବାକୁ ଥିଲା ଯୋଜନା
- ଘର ଭିତରୁ ମିଳିଲା ଅଭିଯୁକ୍ତଙ୍କ ଚିଠି

ଘଟଣା ସମ୍ପର୍କରେ କହିବା ସହ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ତତ୍‌କ୍ଷଣାତ ଘରମାଲିକଙ୍କ ପୁଅ ତଳ ମହଲାକୁ ଓହ୍ଲାଇ ଦେଖିଲାବେଳକୁ ରାକେଶଙ୍କ ଘର କବାଟ ବନ୍ଦ ଥିଲା। କେହି କବାଟ ନ ଖୋଲିବାରୁ ସେ ତାହାକୁ ଭାଙ୍ଗି ଭିତରେ ପଶିଥିଲେ।

ସେତେବେଳେ ପ୍ରିୟଙ୍କାଙ୍କ ରକ୍ତାକ୍ତ ଶରୀର ଚଟାଣରେ ପଡ଼ିଥିବାବେଳେ ଆଉ ଏକ ରୁମ୍‌ରେ ଜଗନ୍ନାଥ ମଧ୍ୟ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ।

ଖବର ପାଇ ଡିସିପି ଉମାଶଙ୍କର ଦାଶ, ଜୋନ୍ ଏସିପି ବିଷ୍ଣୁ ଜେନା, ସ୍ପେଶାଲ୍ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀ ଓ ଏୟାରଫିଲ୍ଡ ଥାନା ଅଧିକାରୀ ରାଧାକାନ୍ତ ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କିଛି ସମୟ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ହତ୍ୟାରେ ବ୍ୟବହୃତ ଛୁରି, ରକ୍ତ ନମୁନା ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିଥିଲା। ଅପରାହ୍ନରେ ପ୍ରିୟଙ୍କାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଯାଇଥିଲା। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ପରେ ପୋଲିସ ଜଗନ୍ନାଥଙ୍କୁ ପଚରାଉଚରା କରିଥିଲା। ପ୍ରିୟଙ୍କା ସହ ଜଗନ୍ନାଥଙ୍କ ପୂର୍ବରୁ ଜଣାଶୁଣା ଥିଲା। କିଛି ମାସ ହେଲା ସମ୍ପର୍କରେ ତିକ୍ତତା ଆସିବାରୁ ପ୍ରିୟଙ୍କା ଓ ତାଙ୍କ ଶିଶୁପୁତ୍ରଙ୍କୁ ମାରିବାକୁ ଯୋଜନା କରିଥିଲେ ବୋଲି ଜଗନ୍ନାଥ ସ୍ୱୀକାର କରିଥିବା ଡିସିପି କହିଛନ୍ତି। ତେବେ ଘଟଣାଟି ସମ୍ବେଦନଶୀଳ ଓ ତଦନ୍ତ ଚାଲୁଥିବାରୁ ପ୍ରିୟଙ୍କା ଏବଂ ଜଗନ୍ନାଥଙ୍କ ସମ୍ପର୍କ କିଭଳି ଥିଲା, କେଉଁ କାରଣରୁ ତିକ୍ତତା ସୃଷ୍ଟି ହୋଇଥିଲା ସେ ନେଇ କିଛି କହିବାକୁ ଡିସିପି ମନା କରିଦେଇଛନ୍ତି। ଏୟାରଫିଲ୍ଡ ଥାନା ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରିୟଙ୍କା ଓ ତାଙ୍କ ସ୍ୱାମୀ ରାକେଶ ☞ପୃଷ୍ଠା-୨



ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାର ଭୁବନେଶ୍ୱର ରାଜମହଲ ଛକରେ ସୃଷ୍ଟି ହୋଇଥିବା ଟ୍ରାଫିକ୍ ସମସ୍ୟା।

# ପୁଣି ପେଟ୍ରୋଲ ବଢ଼ିଲା ୩୫ ପଇସା

## ଡିଜେଲ ଦର ସ୍ଥିର

ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୭

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ଦେଶବ୍ୟାପୀ ବିରୋଧ ଓ ଆନ୍ଦୋଳନ ଚାଲିଛି। ଏହା ସତ୍ତ୍ୱେ ବି ତୈଳ ଦର ବୃଦ୍ଧି ରୋକିବାର ନାଁ ନେଉନାହିଁ। କ୍ରମାଗତ ୨ୟ ଦିନ ଲାଗି ପେଟ୍ରୋଲ ଦରରେ ପରିବର୍ତ୍ତନ ହୋଇଛି। ରବିବାର ପରେ ସୋମବାର ପୁଣି ଥରେ ପେଟ୍ରୋଲ ଉପରେ ୩୫ ପଇସା ବଢ଼ିଥିବାବେଳେ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଏହି ଦର ବୃଦ୍ଧି ଫଳରେ ଦେଶର ୧୩ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ସବୁସ୍ଥାନରେ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଉପରେ ରହିଥିବା ଜଣାପଡ଼ିଛି। ଏପରିକି ଓଡ଼ିଶାର ସମସ୍ତ ଜିଲାରେ ମଧ୍ୟ ପେଟ୍ରୋଲ ୧୦୦ ଟପି ରେର୍କଡ ସ୍ତରରେ ବିକ୍ରି ହେଉଛି। ଅପରପକ୍ଷରେ ରାଜ୍ୟର କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଘାଜିଆବାଦରୁ ବାଣୀ**

# ୨ ପର୍ଯ୍ୟାୟରେ ସିବିଏସ୍‌ଇ ପରୀକ୍ଷା

**ନୂଆଦିଲ୍ଲୀ, ୫।୭:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ୨୦୨୧-୨୨ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ସ୍ୱତନ୍ତ୍ର ମୂଲ୍ୟାଙ୍କନ ବ୍ୟବସ୍ଥା କରାଯାଇଛି। ସେହି ଅନୁଯାୟୀ ୨୦୨୧ ବ୍ୟାଚ୍ ପାଇଁ ବୋର୍ଡ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ କରାଯିବ ଏବଂ ପ୍ରତ୍ୟେକ ଅବଧିରେ ୫୦ ପ୍ରତିଶତ ସିଲାବସ୍ ରହିବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ନଭେମ୍ବର-ଡିସେମ୍ବରରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ଓ ଏପ୍ରିଲରେ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ଏକ ବ୍ୟବସ୍ଥିତ ପଦ୍ଧତି ଅନୁସରଣ କରାଯାଇ ବିଷୟ ☞ପୃଷ୍ଠା-୨






# ୧୩ ଜିଲାରେ ନିଅଣ୍ଟିଆ ବର୍ଷା

- ଚିନ୍ତାରେ ଚାଷୀ
- ୧୨ରେ ଲଘୁଚାପ

ଭୁବନେଶ୍ୱର, ୫।୭(ବ୍ୟୁରୋ)

ଆଷାଢ଼ ମାସରେ ବର୍ଷାର ଦେଖାନାହିଁ। କେଉଁଠି କେତେବେଳେ ଅସରାଏ ଦି ଅସରା ବର୍ଷା ହେଉଥିଲେ ମଧ୍ୟ ଅଧିକାଂଶ ସମୟରେ ପାଗ ଶୁଖିଲା ରହୁଛି। ରାଜ୍ୟର ଅଧା ଜିଲା ଏବେ ଅନାବୃଷ୍ଟି ସଙ୍କଟ ଦେଇ ଗତି କରୁଛି। ଧାନବୁଣା ହୋଇଥିଲେ ମଧ୍ୟ ଚାଷ କାମ ଆଗେଇ ପାରୁ ନାହିଁ। ମାଟି ଫାଟି ଆଁ କଲାଣି। ଚାଷୀମାନେ ବର୍ଷାକୁ ଅନାଇ ରହିଛନ୍ତି। ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୫ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୭ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୨୬୫.୪ ମିଲିମିଟର ବର୍ଷା ହେବା ଜାଗାରେ ୨୨୦.୪ ମିଲିମିଟର ହୋଇଛି। ରାଜ୍ୟର ୧୩ ଜିଲାରେ ବର୍ଷା ଅଭାବ ଯୋଗୁ ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଛି। ୧୭ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା କେବଳ ନୂଆପଡ଼ା ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅନୁଗୋଳ ଜିଲାରେ ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୩୦, ବୌଦ୍ଧ ୩୩, ☞ପୃଷ୍ଠା-୨

# ଗୃହରେ ବିଶୃଙ୍ଖଳିତ ଆଚରଣ ଅକ୍ଷମଣୀୟ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ମତ

ନୂଆଦିଲ୍ଲୀ, ୫।୭ (ଆଇଏଏନ୍‌ଏସ୍)

ପାର୍ଲାମେଣ୍ଟ ଏବଂ ବିଧାନସଭା ଭିତରେ ଆଇନ ପ୍ରଣେତାଙ୍କ ବିଶୃଙ୍ଖଳିତ ଆଚରଣକୁ କ୍ଷମା କରାଯାଇପାରିବ ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଗୃହ ମଧ୍ୟରେ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ସେମାନଙ୍କୁ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। କେରଳ ସରକାରଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ରଞ୍ଜିତ୍ କୁମାରଙ୍କୁ ଖଣ୍ଡପୀଠ କହିଥିଲେ, ବିଧାନସଭାରେ ବିଧେୟକ ଉପସ୍ଥାପନ ହେଉଥିବାବେଳେ ମାଇକ



ଫୋପାଡିବା ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଭଳି ଆଚରଣ ଦେଖାଇଥିବା ବିଧାୟକଙ୍କୁ ଆମେ କ୍ଷମା ଦେଇପାରିବୁ ନାହିଁ। ପାର୍ଲାମେଣ୍ଟ ଓ ବିଧାନସଭାରେ ଉତ୍ତମ ବ୍ୟବହାର ଦେଖାଇବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଥିଲେ। ଜନସାଧାରଣଙ୍କୁ ଆପଣମାନେ କିପରି ବ୍ୟବହାର ଦେଖାଉଛନ୍ତି ବୋଲି ଜଷ୍ଟିସ୍ ଶାହା ପ୍ରଶ୍ନ କରିଥିଲେ। ଗୃହରେ ଅର୍ଥ ବିଲ୍ ଉପସ୍ଥାପନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଜଣେ ବିଧାୟକ ଗୃହରେ ବିଶୃଙ୍ଖଳା ସୃଷ୍ଟି କରିବା ଦ୍ୱାରା କେଉଁ ବୃହତ୍ତର ଜନସ୍ୱାର୍ଥ ପୂରଣ ହେଉଛି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଜାଣିବାକୁ ଚାହିଁଥିଲେ। ଆଇନ ପ୍ରଣେତା ବିଧାନସଭାରେ ବଜେଟକୁ ଅଟକାଇବା ☞ପୃଷ୍ଠା-୨

## ମହାରାଷ୍ଟ୍ର ବିଧାନସଭାରୁ ୧୨ ଭାଜପା ବିଧାୟକ ନିଲମ୍ବିତ

### ବାଚସ୍ପତିଙ୍କୁ ଠେଲାପେଲା ମହଙ୍ଗା ପଡ଼ିଲା

**ମୁମ୍ବାଇ, ୫।୭:** ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମରୁ ଗୃହରେ ଉତ୍ତେଜନା ଲାଗି ରହିଥିଲା। ଏହି ସମୟରେ ଗୃହରେ ବାଚସ୍ପତି ଦାୟିତ୍ୱ ତୁଲାଉଥିବା ବରିଷ୍ଠ ନେତା ଭାସ୍କର ଯାଦବଙ୍କୁ ଗାଳିଦେବା ଓ ଠେଲାପେଲା କରିବା ଅଭିଯୋଗରେ ବିରୋଧୀ ଦଳ ଭାଜପାର ୧୨ ଜଣ ବିଧାୟକଙ୍କୁ ବର୍ଷକ ପାଇଁ ଗୃହରୁ ନିଲମ୍ବନ କରାଯାଇଛି। ତେବେ ମିଛ ଅଭିଯୋଗ ଅଣାଯାଇ ବିଧାୟକମାନଙ୍କୁ ନିଲମ୍ବିନ କରାଯାଇଛି ବୋଲି ଧସ୍ତାଧସ୍ତି ବେଳେ ଉପସ୍ଥିତ ☞ପୃଷ୍ଠା-୨

ଧରିତ୍ରୀ
DHARITRI
ମଙ୍ଗଳବାର, ୬ ଜୁଲାଇ, ୨୦୨୧



**ଆଜିର ମନ୍ତବ୍ୟ**

" ସବୁ ଭାରତୀୟଙ୍କ ଡିଏନ୍‌ଏ ସମାନ। ମୁସଲମାନଙ୍କୁ ଦେଶ ଛାଡ଼ି ଯିବାକୁ କହୁଥିବା ଲୋକ ନିଜକୁ ହିନ୍ଦୁ ବୋଲି କହିପାରିବେନି।

–ମୋହନ ଭଗଓ୍ବତ, ଆର୍‌ଏସ୍‌ଏସ୍ ମୁଖ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାରା ରାଜ୍ୟରେ ଆବାସ ପ୍ଲସ୍ ଆପ୍ କାର୍ଯ୍ୟକ୍ଷମ ହେଉ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୭(ବ୍ୟୁରୋ)

ସମଗ୍ର ରାଜ୍ୟ ପାଇଁ ଆବାସ ପ୍ଲସ୍ ମୋବାଇଲ ଆପ୍ କାର୍ଯ୍ୟକ୍ଷମ କରାଯାଉ। ୧ ମାସ ପାଇଁ ଏହି ଆପ୍‌କୁ କାର୍ଯ୍ୟକ୍ଷମ କରିବା ସହ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଆବାସ ପ୍ଲସ୍‌କୁ ସ୍ଥାନାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି।

କେନ୍ଦ୍ର ସରକାର କେବଳ ୧୪ ଫନୀ ପ୍ରଭାବିତ ଜିଲା ପାଇଁ ଉକ୍ତ ଆପ୍‌କୁ କାର୍ଯ୍ୟକ୍ଷମ କରିଛନ୍ତି। ଏଥିରୁ ଅନ୍ୟ ୧୬ ଜିଲା ବଞ୍ଚିତ ହୋଇଛନ୍ତି। ବଞ୍ଚିତ ଜିଲା ମଧ୍ୟରେ କେବିକେ ଓ ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଅଞ୍ଚଳ ହିତାଧିକାରୀ ରହିଛନ୍ତି। ବାଦ୍ ପଡିଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ରୁରାଲ ହାଉସିଂ ପୋର୍ଟାଲ ଜରିଆରେ ଚିହ୍ନଟ କରିଛନ୍ତି। ଏହା ଆବାସ ପ୍ଲସ୍ ଆପ୍ ପଦ୍ଧତିକୁ ଅନୁସରଣ କରି ଏହି ଚୟନ କରାଯାଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଜଣାଇଛନ୍ତି। ଫନୀ ପ୍ରଭାବିତ ହୋଇ ନ ଥିବା ୧୬ ଜିଲାର ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଓଡ଼ିଶା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ ଲକ୍ଷ ୧୭ ହଜାର ଘର ଯୋଗାଇ ଦେବାକୁ ଅନୁମୋଦନ କରିଛନ୍ତି। ଏହି ସବୁ ଘର ୧୪ଟି ଜିଲାରେ ଫନୀ ପ୍ରଭାବିତଙ୍କୁ ଯୋଗାଇ ଦିଆଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୪୩ ରୁଟ୍‌ରେ ଆଜିଠୁ ଗଡ଼ିବ ଓଏସ୍‌ଆର୍‌ଟିସି ବସ୍

ଭୁବନେଶ୍ୱର,୫।୭(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ବସ୍ ମଙ୍ଗଳବାରଠାରୁ ୪୩ଟି ରୁଟ୍‌ରେ ଚଳାଚଳ କରିବ। କାଟେଗୋରି-ଏରେ ଥିବା ଜିଲାଗୁଡ଼ିକରେ ଏହି ରୁଟ୍‌ଗୁଡିକ ଅବସ୍ଥିତ। ଓଏସ୍‌ଆର୍‌ଟିସିର ୧୬ଟି ଡିପୋରୁ ଏହି ବସ୍ ଚଳାଚଳ କରିବ ବୋଲି ଓଏସ୍‌ଆର୍‌ଟିସି ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

ଏସବୁ ବସ୍‌ରେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯିବ। ବସ୍‌ଗୁଡ଼ିକରେ କେବଳ ବସିବା କ୍ଷମତା ଅନୁସାରେ ଯାତ୍ରୀମାନଙ୍କୁ ଯାତ୍ରା କରିବାକୁ ଅନୁମତି ଦିଆଯିବ। କୌଣସି ଯାତ୍ରୀଙ୍କୁ ଛିଡ଼ା ହୋଇ ଯିବାକୁ ଅନୁମତି ଦିଆଯିବ ନାହିଁ। ମାସ୍କ ପିନ୍ଧି ନ ଥିବା ଯାତ୍ରୀଙ୍କୁ ଯାତ୍ରା କରିବାକୁ ଅନୁମତି ଦିଆଯିବ ନାହିଁ।

ସଂକ୍ରମଣ କମିଥିବା ୨୦ଟି ଜିଲାରେ ରାଜ୍ୟ ସରକାର ଜୁନ୍ ୩୦ ତାରିଖରେ କଟକଣା କୋହଳ କରିଥିଲେ। ଏଥିସହିତ ସେସବୁ ଜିଲାଗୁଡ଼ିରେ ବସ୍, ଅଟୋ ଓ ଟ୍ୟାକ୍ସି ପରିବହନକୁ ଅନୁମତି ଦେଇଥିଲେ। ଅନ୍ୟପକ୍ଷରେ କାଟେଗୋରି-ବିରେ ଥିବା ଉପକୂଳବର୍ତ୍ତୀ ୧୦ଟି ଜିଲାରେ ବସ୍ ଚଳାଚଳକୁ ଅନୁମତି ଦିଆଯାଇନାହିଁ।

# ୨୦ ସୁଦ୍ଧା ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କର: ହାଇକୋର୍ଟ

## କୋଭିଡ୍‌ଜନିତ ମୃତ୍ୟୁ ଅଡିଟ୍ ପ୍ରସଙ୍ଗ

କଟକ ଅଫିସ,୫।୭

କୋଭିଡ୍‌ଜନିତ ମୃତ୍ୟୁର ଅଡିଟ୍ ପ୍ରସଙ୍ଗରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଏଥିରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ହେଲେ କୋଭିଡ୍ ମୃତ୍ୟୁ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିପାରି ନ ଥିଲେ। ଏଥିରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏହି ସମୟ ସୁଦ୍ଧା ରାଜ୍ୟ ସରକାର ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜ୍ୟ ସରକାର ସୋମବାର ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଥିଲେ, କୋଭିଡ୍‌ଜନିତ ମୃତ୍ୟୁର ତଥ୍ୟ ସଂଗ୍ରହ ପାଇଁ ପ୍ରତି ଜିଲାରେ କମିଟି ଗଠନ କରାଯାଇଛି। ଏହି କମିଟି କୋଭିଡ୍ ମୃତ୍ୟୁର ଯାଞ୍ଚ କରିବ। ସେହିପରି ଘରକୁ ଘର ବୁଲି ଟିକାକରଣ ପ୍ରସଙ୍ଗରେ ରାଜ୍ୟ ସରକାର ଜବାବ ରଖିଛନ୍ତି। ଏହା ସମ୍ଭବ ନୁହେଁ ବୋଲି ସରକାର ହାଇକୋର୍ଟଙ୍କୁ ଜଣାଇଛନ୍ତି। ସଂକ୍ରମଣ ରୋକିବା ପାଇଁ କୋଭିଡ୍ ଗାଇଡ୍‌ଲାଇନ ପାଳନ ଉପରେ ଗୁରୁତ୍ୱ ଦିଆଯାଉଥିବା ନେଇ ସରକାର ଅବଗତ କରାଇଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ମୃତ୍ୟୁର ଅଡିଟ୍ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିଶିକାନ୍ତ ମିଶ୍ର ଗତ ୧୮ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# ଆଜିଠୁ ଉଚ୍ଚ ଶିକ୍ଷାନୁଷ୍ଠାନର ସବୁ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ

ଭୁବନେଶ୍ୱର, ୫।୭(ବ୍ୟୁରୋ)

ଏଣିକି ଶତପ୍ରତିଶତ କର୍ମଚାରୀଙ୍କୁ ନେଇ ଉଚ୍ଚ ଶିକ୍ଷାନୁଷ୍ଠାନ ଚାଲିବ। ମଙ୍ଗଳବାରଠାରୁ ସମସ୍ତ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ୍ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଆସି କାର୍ଯ୍ୟରେ ଯୋଗଦେବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। କରୋନା ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ଥିବାବେଳେ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କେବଳ ଅଫିସିଆଲ କାର୍ଯ୍ୟ କରାଯାଉଥିଲା। ପାଖାପାଖି ଅଢ଼େଇ ମାସ ହେବ ଏଭଳି ଚାଲିଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପଡ଼ି ରହିଛି। ସେହିପରି ଉଚ୍ଚ ଶିକ୍ଷା ବିଭାଗ ୟୁଜି ଓ ପିଜି ଶେଷବର୍ଷ ଫାଇନାଲ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇଛି। ଛାତ୍ରୀଛାତ୍ରଙ୍କ କ୍ୟାରିୟରରେ ଯେପରି ଏହାର ପ୍ରଭାବ ନ ପଡ଼େ ସେଥିପାଇଁ ଶୀଘ୍ର ପରୀକ୍ଷାଫଳ ପ୍ରକାଶ କରିବା ବିଭାଗ ପ୍ରସ୍ତୁତ ହେଉଛି। ତେଣୁ ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ବିଭାଗ ୫୦ପ୍ରତିଶତ କର୍ମଚାରୀରେ କାର୍ଯ୍ୟ ବ୍ୟବସ୍ଥାକୁ ବନ୍ଦ କରିଦେବା ସହ ସମସ୍ତଙ୍କୁ ଶିକ୍ଷାନୁଷ୍ଠାନ ଆସିବାକୁ କହିଛନ୍ତି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ଡିଗ୍ରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ୨୦ ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ମୃତ୍ୟୁ

## ସଂକ୍ରମିତ ହେଲେଣି ୧୩୦ଜଣ

ଭୁବନେଶ୍ୱର, ୫।୭(ବ୍ୟୁରୋ)

ରାଜ୍ୟରେ 'ବ୍ଲାକ୍ ଫଙ୍ଗସ' ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମେ' ୧୦ରେ ରାଜ୍ୟରେ ପ୍ରଥମ ବ୍ଲାକ୍ ଫଙ୍ଗସ ରୋଗୀ ଚିହ୍ନଟ ହୋଇଥିଲେ। ଇତିମଧ୍ୟରେ ମୋଟ୍ ୧୩୦ଜଣ ବ୍ଲାକ ଫଙ୍ଗସରେ ସଂକ୍ରମିତ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୨୦ ଜଣଙ୍କର ମୃତ୍ୟୁ ହୋଇଛି ଓ ୧୬ଜଣ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୬ଟି ଜିଲାରୁ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ଗଞ୍ଜାମ ଓ ଖୋର୍ଦ୍ଧାରୁ ସର୍ବାଧିକ ୨୧ଜଣ ଲେଖାଏ ଥିବାବେଳେ ବାଲେଶ୍ୱରରୁ ୮, ଅନୁଗୋଳ ଓ କଟକରୁ ୭ ଜଣ ଲେଖାଏ ରୋଗୀ ଚିହ୍ନଟ ହୋଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଏବେ ଆଉ କାଁ ଭାଁ ବ୍ଲାକ୍ ଫଙ୍ଗସ୍ କେସ୍ ସାମ୍ନାକୁ ଆସୁଛି। ବ୍ଲାକ୍ ଫଙ୍ଗସ କେସ୍‌କୁ ନେଇ ଏତେ ଭୟଙ୍କର ସ୍ଥିତି ରାଜ୍ୟରେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ମହିଳାଙ୍କୁ ମାରି...

ଏବଂ ଅଭିଯୁକ୍ତ ଜଗନ୍ନାଥଙ୍କ ଘର ଯାଜପୁର ଜିଲାରେ। ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ବନ୍ଧଡିହର ପ୍ରିୟଙ୍କା ୨୦୧୪ରେ କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ମହମ୍ମଦପୁର ଗ୍ରାମର ରାକେଶଙ୍କୁ ବିବାହ କରିଥିଲେ। ରାକେଶ 'ୟୁରେକା ଫୋର୍ବସ୍'ରେ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ତିନିବର୍ଷ ହେଲା ଉପରୋକ୍ତ ଭଡ଼ା ଘରେ ରହୁଛନ୍ତି। ସେହିପରି ଅଭିଯୁକ୍ତ ଜଗନ୍ନାଥଙ୍କ ଘର ବଡ଼ ମଙ୍ଗଳପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି।

## ୨ ପର୍ଯ୍ୟାୟରେ ସିବିଏସ୍‌ଇ...

ବିଶେଷଜ୍ଞଙ୍କ ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ବୋର୍ଡ ପ୍ରତ୍ୟେକ ସେସନ୍ ଶେଷରେ ବିଭାଜିତ ସିଲାବସ୍ ଆଧାରରେ ପରୀକ୍ଷା କରିବ। ଶିକ୍ଷାବର୍ଷ ଶେଷରେ ବୋର୍ଡର ଦଶମ ଏବଂ ଦ୍ୱାଦଶ ପରୀକ୍ଷାକୁ ନିଶ୍ଚିତ କରିବାର ଉଦ୍ଦେଶ୍ୟ ରଖି ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

## ଦିନକରେ ଗଲା...

ତେବେ ଏଭଳି ସ୍ଥିତି ଆଉକିଛିଦିନ ଜାରି ରହିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପ୍ରାୟ ୬୦ଜଣ ଭେଣ୍ଟିଲେଟରରେ ଓ ୪୫୦ଜଣ ଆଇସିୟୁରେ ଅଛନ୍ତି। ଆଇସିୟୁର ପ୍ରାୟ ୩୦ପ୍ରତିଶତ ରୋଗୀ ଭେଣ୍ଟିଲେଟରକୁ ଶିଫ୍ଟ ହୁଅନ୍ତି। ଆଉ ଭେଣ୍ଟିଲେଟରରେ ଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୯୦ରୁ ୯୨% ରୋଗୀଙ୍କ ମୃତ୍ୟୁ ଘଟିଥାଏ। ତେଣୁ ଯେ ପର୍ଯ୍ୟନ୍ତ ଗୁରୁତର ରୋଗୀ ଅଛନ୍ତି, ମୃତ୍ୟୁ ସଂଖ୍ୟା ଏମିତି ରହିବ ବୋଲି ଡା. ମହାପାତ୍ର କହିଛନ୍ତି।

ସେପଟେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୪% ତଳକୁ ଖସିଛି। ୭୪,୭୪୦ ନମୁନା ପରୀକ୍ଷା ହୋଇଥିବା ବେଳେ ୨,୮୦୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୩.୭୫%ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୭୫ଜଣ ଥିବାବେଳେ କଟକ ୪୪୧, ମୟୂରଭଞ୍ଜ ୧୯୩, ବାଲେଶ୍ୱର ୧୫୫, ପୁରୀ ୧୫୪, ଯାଜପୁର ୧୫୩, ଭଦ୍ରକ ୧୩୧, କେନ୍ଦ୍ରାପଡ଼ା ୧୧୯, ଜଗତ୍‌ସିଂହପୁର ୧୧୭ ଓ ନୟାଗଡ଼ ଜିଲାରୁ ୧୧୫ ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟରେ କରୋନା ସଂକ୍ରମଣ ୯,୨୪,୬୯୯ରେ ପହଞ୍ଚିଛି।

ରାଜ୍ୟରେ କରୋନା ସ୍ଥିତିକୁ ନେଇ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଆଗକୁ ସଂକ୍ରମଣ ଆହୁରି କମିବ। ମହାମାରୀ ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୁଏ ନାହିଁ। ରୋଗୀ ସଂକ୍ରମିତ ହେବାପରେ ମୃତ୍ୟୁ ପର୍ଯ୍ୟନ୍ତ ଏକ ଗ୍ୟାପ୍ ରହୁଛି। ତେଣୁ ଧୀରେ ଧୀରେ ମୃତ୍ୟୁ ସଂଖ୍ୟା ମଧ୍ୟ କମିବ ବୋଲି ଡିଏମ୍‌ଇଟି କହିଛନ୍ତି। ଅନ୍ୟପଟେ କରୋନାସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍‌ର ଯାହା ତଥ୍ୟ ଦରକାର ତାହା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

**ତୃତୀୟ ଲହର: ତିନୋଟି ଦିଗକୁ ଗୁରୁତ୍ୱ**

ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଏବେଠୁ ସମସ୍ତଙ୍କ ଚିନ୍ତା ବଢ଼ିଲାଣି। ଏହାକୁ ମୁକାବିଲା କରିବା ପାଇଁ ମଧ୍ୟ ରାଜ୍ୟ ସରକାର କିଛିଦିନ ତଳୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତୃତୀୟ ଲହର ଆସୁ କି ନ ଆସୁ, ଏଥିଲାଗି ଆମକୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ତୃତୀୟ ଲହରର ମୁକାବିଲା ପାଇଁ ତିନୋଟି ଦିଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଟିକାକରଣ ବଢ଼ାଇବା, ସର୍ଭିଲାନ୍ସ ଜାରି ରଖିବା ଏବଂ ଭିତ୍ତିଭୂମି ପ୍ରସ୍ତୁତ ରଖିବା ପ୍ରାଥମିକ ଲକ୍ଷ୍ୟ। ତେବେ ଶିଶୁଙ୍କ ଚିକିତ୍ସା ଉପରେ ଆମର ଫୋକସ ରହିବ। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇସାରିଥିବା ସେ କହିଛନ୍ତି।

## ପୁଣି ପେଟ୍ରୋଲ...

ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ଜିଲାରେ ଡିଜେଲ ମୂଲ୍ୟ ମଧ୍ୟ ୧୦୦ ଟଙ୍କା ଉପରେ ରହିଥିବା ସୂଚନା ମିଳିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୩୬ ପଇସା ବୃଦ୍ଧି ଘଟିଥିବାବେଳେ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୦.୬୬ ଟଙ୍କା ଏବଂ ଡିଜେଲ ୯୭.୩୯ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ପକ୍ଷେ କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୦.୯୮ ଟଙ୍କା ଏବଂ ଡିଜେଲ ୯୭.୭୦ ଟଙ୍କାରେ କାରବାର ହେଉଛି। ଗତ ମେ'୪ ପରଠାରୁ କ୍ରମାଗତ ଭାବେ ତୈଳ ଦରରେ ପରିବର୍ତ୍ତନ ହୋଇଚାଲିଛି। ଏହା ମଧ୍ୟରେ ପେଟ୍ରୋଲ ମୂଲ୍ୟ ୩୫ ଥର ଏବଂ ଡିଜେଲ ୩୩ ଥର ବଢ଼ିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୯.୫୪ ଟଙ୍କା ଏବଂ ଡିଜେଲ ୯.୪୧ ଟଙ୍କା ବୃଦ୍ଧି ଘଟିଲାଣି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ପଇସା ବଢ଼ିଥିବା ବେଳେ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୯.୮୬ ଟଙ୍କା ଏବଂ ଡିଜେଲ ୮୯.୩୬ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୯.୪୬ ଟଙ୍କା ଏବଂ ଡିଜେଲ ୮.୬୩ ଟଙ୍କା ବଢିଥିବା ଜଣାପଡିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୦.୭୫ ଟଙ୍କା, ୯୯.୮୪ ଟଙ୍କା ଏବଂ ୧୦୫.୯୨ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ପୂର୍ବପରି ଯଥାକ୍ରମେ ୯୩.୯୧ ଟଙ୍କା, ୯୨.୨୭ ଟଙ୍କା ଏବଂ ୯୬.୯୧ ଟଙ୍କାରେ ରହିଛି। ଦେଶରେ ତୈଳ ଦର ହୁ ହୁ ହୋଇ ବଢୁଥିବା ବେଳେ ସରକାର ଦର ହ୍ରାସ ବିଷୟରେ ଚିନ୍ତା ନ କରି ବିଭିନ୍ନ ବାହାନା ଓ ରାଜନୈତିକ ଦୋଷାରୋପ କରି ଚାଲିଛନ୍ତି। ଏହାକୁ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଘୋର ନିନ୍ଦା କରିବା ସହ ଜୁଲାଇ ୭ ରୁ ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ ଦରଦାମ ବୃଦ୍ଧି ଓ ତେଲ ଏବଂ ଗ୍ୟାସ୍ ଦରର ରେର୍କଡ ସ୍ତର ଦର ବୃଦ୍ଧିକୁ ନେଇ ପଲ୍ଲୀରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ବିରୋଧ କରିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ୧୩ ଜିଲାରେ ନିଅଣ୍ଟିଆ...

ଭଦ୍ରକ ୫୪, ଦେବଗଡ଼ ୨୭, ଗଜପତି ୪୮, ଗଞ୍ଜାମ ୩୯, ଯାଜପୁର ୪୪, କନ୍ଧମାଳ ୨୪, ମୟୂରଭଞ୍ଜ ୩୦, ନବରଙ୍ଗପୁର ୨୧, ରାୟଗଡ଼ା ୨୩ ଏବଂ ସମ୍ବଲପୁରରେ ୨୧ ପ୍ରତିଶତ ସବୁଠାରୁ କମ୍ ବର୍ଷା ହୋଇଛି। କେବଳ ନୂଆପଡ଼ାରେ ଜୁନ୍ ୧ରୁ ଜୁଲାଇ ୫ ତାରିଖ ମଧ୍ୟରେ ସ୍ୱାଭାବିକ ଭାବେ ୨୨୯.୫ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୨୮୬.୧ ପ୍ରତିଶତ। ଆସନ୍ତା ୧୨ ତାରିଖରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ କିଛି ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି। ତେବେ ଏହି ଲଘୁଚାପର ସେତେଟା ପ୍ରଭାବ ରହିବ ନାହିଁ। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଜିଲାରେ କିଛି ମାତ୍ରାରେ ବର୍ଷା ହେଲେ ମଧ୍ୟ ରାଜ୍ୟର ଅନ୍ୟ ସ୍ଥାନରେ ବର୍ଷାର ସେତେଟା ପ୍ରଭାବ ରହିବ ନାହିଁ। ଓଡ଼ିଶା ଉପକୂଳରେ ଘୂର୍ଣ୍ଣିବଳୟ ରହୁଥିବାରୁ ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଅନୁଗୋଳରେ ୨୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୩.୩, ସମ୍ବଲପୁର ୧୪.୪, ବଲାଙ୍ଗୀର ୨୯, କୋରାପୁଟ ୨୭, ଟିଟିଲାଗଡ଼ ୭୫.୬ ଏବଂ ଫୁଲବାଣୀରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଗୃହରେ ବିଶୃଙ୍ଖଳିତ...

ଘଟଣାରେ ଖଣ୍ଡପୀଠ ଜବାବ ଚାହିଁବାରୁ ସମ୍ପୃକ୍ତ ବିଧାୟକଙ୍କୁ ନିଲମ୍ବନ କରାଯାଇଥିବା ଆଇନଜୀବୀ ରଞ୍ଜିତ କହିଥିଲେ ଏବଂ କେରଳ ହାଇକୋର୍ଟଙ୍କ ରାୟକୁ ଦର୍ଶାଇଥିଲେ। କେରଳ ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଧିକ ସମୟ ମାଗିବାରୁ ପରବର୍ତ୍ତୀ ଶୁଣାଣି ଜୁଲାଇ ୧୫କୁ ଧାର୍ଯ୍ୟ କରାଯାଇଛି। ୨୦୧୫ରେ କେରଳ ବିଧାନସଭାରେ ତତ୍କାଳୀନ ବିରୋଧୀ ଦଳ ସିପିଆଇ-ଏମ୍ ନେତା ଭି. ସିଭାନ୍‌କୁଟ୍ଟି ଓ ଅନ୍ୟମାନେ ଭଙ୍ଗାରୁଜା କରିଥିଲେ। ସେମାନଙ୍କ ବିରୋଧରେ ଚାଲିଥିବା ମାମଲା ପ୍ରତ୍ୟାହାର ପାଇଁ ବର୍ତ୍ତମାନ କ୍ଷମତାରେ ଥିବା ବାମଦଳ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚ ୧୨ରେ କେରଳ ହାଇକୋର୍ଟ ମାମଲା ପ୍ରତ୍ୟାହାର ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ।

## ମହାରାଷ୍ଟ୍ର ବିଧାନସଭାରୁ...

ଥିବା ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼୍‌ନବିସ୍ କହିଛନ୍ତି। ଭାଜପାରୁ କେହି ବାଚସ୍ପତିଙ୍କୁ ଗାଳି କରିନାହାନ୍ତି। ସମ୍ପୂର୍ଣ୍ଣ କାହାଣୀ ସୃଷ୍ଟି କରାଯାଇଛି। ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ସ୍ଥାନ ସଂରକ୍ଷଣ ଲାଗି ଆମେ ୧୨ରୁ ଅଧିକ ବିଧାୟକଙ୍କୁ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଫଡ଼୍‌ନବିସ୍ କହିଥିଲେ। ମୌସୁମୀ ଅଧିବେଶନରେ ଓବିସିକୁ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରି ଭାଜପା ଗୃହରେ ହଟ୍ଟଗୋଳ କରିଥିଲା। ଏହା ଉପରେ କହିବା ପାଇଁ ଗୃହରେ ଅଧକ୍ଷତା କରୁଥିବା ବାଚସ୍ପତି ଯଥେଷ୍ଟ ସମୟ ଦେଲେ ନାହିଁ ବୋଲି ଭାଜପା କହିଛି। ଗୃହକୁ ମୁଲତବୀ ଘୋଷଣା କରାଯିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ବିରୋଧୀ ଦଳ ନେତାମାନେ ତାଙ୍କ କ୍ୟାବିନକୁ ଆସି ବରିଷ୍ଠ ନେତା ଦେବେନ୍ଦ୍ର ଫଡ଼୍‌ନବିସ୍ ଏବଂ ଚନ୍ଦ୍ରକାନ୍ତ ପାଟିଲଙ୍କ ଉପସ୍ଥିତିରେ ଅସାମ୍ବିଧାନିକ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ ବୋଲି ଯାଦବ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳଙ୍କ କହିବା ଅନୁଯାୟୀ ଭେଟିବାକୁ ଯାଇଥିବା ନେତାଙ୍କୁ ବାଚସ୍ପତି ଦାୟିତ୍ୱ ତୁଲାଉଥିବା ଯାଦବ ପ୍ରଥମେ ଗାଳିଗୁଲଜ କରିଥିଲେ। ଘଟଣାର ତଦନ୍ତ ପାଇଁ ଯାଦବ ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ କହିଛନ୍ତି। ୧୨ ଭାଜପା ବିଧାୟକଙ୍କୁ ବର୍ଷେ ନିଲମ୍ବିନ କରିବା ନେଇ ପ୍ରସ୍ତାବ ଅଣାଯାଇଥିଲା। ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାର ତାଲିବାନ ଭଳି କାର୍ଯ୍ୟ କରୁଛି। ଭାସ୍କର ଯାଦବଙ୍କୁ କୌଣସି ବିଧାୟକ ଗାଳି କରି ନ ଥିବା ଭାଜପା ବିଧାୟକ ଆଶିଷ ଶେଲାର କହିଛନ୍ତି। ପୂର୍ବତନ ବାଚସ୍ପତି ନାନା ପାଟୋଲ ଇସ୍ତଫା ଦେଇ କଂଗ୍ରେସ ରାଜ୍ୟ ସଭାପତି ଦାୟିତ୍ୱ ନେଇଥିବାବେଳେ ନୂଆ ବାଚସ୍ପତି ନିର୍ବାଚନ ହୋଇ ନାହିଁ। ବାଚସ୍ପତି ନିର୍ବାଚନ କରିବାରେ ଶାସକ ଦଳ ମହାରାଷ୍ଟ୍ର ବିକାଶ ଅଘାଡ଼ି(ଏମ୍‌ଭିଏ)ର ସାମର୍ଥ୍ୟ ରହିଥିବାବେଳେ ଭାଜପା ଏହି ପଦ ପାଇଁ ପ୍ରାର୍ଥୀ ଦେବାକୁ ଚାହୁଁଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
କାର୍ଯ୍ୟସିଦ୍ଧି କାରଣରୁ ମାନସିକ ପ୍ରଫୁଲ୍ଲତା ଅକ୍ଷୁଣ୍ଣ ରହିବ। ଧନସ୍ଥାନରେ ରାହୁ ଚନ୍ଦ୍ର ଅର୍ଥହାନି, ବୃଥା କଳହର କାରଣ ହୋଇପାରେ। ବନ୍ଧୁମାନଙ୍କ ପରାମର୍ଶ କ୍ରମେ ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଗାଡ଼ି, ମୋଟର କିଣାବିକା କ୍ଷେତ୍ରରେ ସମସ୍ୟା ଉପୁଜିପାରେ।

**ବୃଷ**
ପ୍ରତ୍ୟେକ କାମକୁ କୌଶଳର ସହ ହାସଲ କରିବାରେ ସମର୍ଥ ହେବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବାରୁ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ଦୂରାଗତ ବନ୍ଧୁଙ୍କ ସହ ଦେଖା ହୋଇ କିଛି ସମୟ ଅଟକି ରହିଯାଇପାରନ୍ତି। ଶୁକ୍ରଙ୍କ ପ୍ରଭାବରୁ ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତିରେ ସଫଳତା ହାସଲ କରିପାରନ୍ତି।

**ମିଥୁନ**
ଭାଗ୍ୟସ୍ଥାନସ୍ଥ ବୃହସ୍ପତିଙ୍କ ଶୁଭତ୍ୱରୁ ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବା ପାଇଁ ଚେଷ୍ଟା କରି ସଫଳତା ଅର୍ଜନ କରିବେ। ପରିବାର ଭିତରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ତର୍କ ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ।

**କର୍କଟ**
ଶୁକ୍ରମଙ୍ଗଳ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ। ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ। ନିର୍ମାଣ, ପ୍ରକାଶନ, ପ୍ରଶାସନ ଓ ସାଂଗଠନିକ କାର୍ଯ୍ୟ ସମସ୍ୟାବହୁଳ ରହିବ।

**ସିଂହ**
ପାପଗ୍ରହ ଯୁକ୍ତ ଚନ୍ଦ୍ର କର୍ମଭାବସ୍ଥ ହେତୁ କୌଣସି ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଯାତ୍ରା ସମୟରେ ସତର୍କ ନ ରହିଲେ ଜିନିଷ ହଜିଯାଇପାରେ। ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ, ଅଧ୍ୟାପନା, ପ୍ରତିଯୋଗିତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ବୁଧ ଭାଗ୍ୟଭାବରେ ଥିବାରୁ ଯେଉଁ କାମରେ ହାତଦେବେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟର କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କ ମଧ୍ୟରେ କଥାବାର୍ତ୍ତାରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ରୋଗର ପୀଡାର ପ୍ରାଦୁର୍ଭାବଜନିତ ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ତୁଳା**
କର୍ମସ୍ଥାନରେ ରାଶ୍ୟାଧିପ ଧନାଧିପଙ୍କ ସହ ରହିଥିବାରୁ ଧନସମ୍ପଦ ଲାଭ ଯୋଗ ରହିଛି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ମନ ଅଶାନ୍ତ ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଅଫିସ୍ କାମରେ ଯୁକ୍ତିତର୍କର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଏବଂ ପରିବହନରେ ଅବଶ୍ୟ ଲାଭବାନ୍ ହେବେ।

**ବିଚ୍ଛା**
ସପ୍ତମଭାବସ୍ଥ ଗ୍ରହ ସମ୍ପର୍କରୁ ଆଜି ପ୍ରତ୍ୟେକ କାମ ବ୍ୟୟ ବହୁଳ ହେବ କିନ୍ତୁ ସଫଳତା ପାଇବେ। ପ୍ରଶାସନ, ପ୍ରକାଶନ, ପରିବହନ, ବ୍ୟବସାୟ ,ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ।

**ଧନୁ**
ବୃହସ୍ପତି ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ସମସ୍ୟା ସମାଧାନରେ ସଫଳତା ପାଇବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ନିଜ ଲୋକମାନଙ୍କୁ ଅବିଶ୍ୱାସ କରି ପର କଥା ଶୁଣି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି।

**ମକର**
ଧନସ୍ଥାନରେ ବ୍ୟୟାଧିପ ଥିବାରୁ ଆର୍ଥିକ ଅନଟନ କିଛି ମାତ୍ରାରେ ଦେଖାଦେବ। ଆକସ୍ମିକ ଭାବରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ଶିକ୍ଷା, ପରୀକ୍ଷା, ଶିଳ୍ପ, ବାଣିଜ୍ୟ, ଗବେଷଣା, ପ୍ରଶାସନିକ ସ୍ତରରେ ଉନ୍ନତି ଘଟିବ। ସ୍ନାୟବିକ ଦୁର୍ବଳତାରୁ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ**
ରାଶିରେ ବୃହସ୍ପତି ହେତୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଭାବପ୍ରବଣତାରେ ହଜି ନ ଯାଇ ନିୟନ୍ତ୍ରଣରେ ରହିଲେ ଉପକୃତ ହେବେ। ଆଜିର ପ୍ରତ୍ୟୂଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଭଲ। ଜମିଜମା କାରବାର ଚୁକ୍ତିପତ୍ର ପାଇଁ ଟଣାଓଟରା ଲାଗିପାରେ।

**ମୀନ**
କୋଣଭାବରେ ଗ୍ରହ ପ୍ରଭାବରୁ ନୂତନ ଯୋଜନା ସକାଶେ ମନ ବଳାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ଅନୁତାପ କରିବାକୁ ପଡ଼ିପାରେ। ଶନିଯୁକ୍ତ ଚନ୍ଦ୍ରଜନିତ ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ପରିବାରରେ ପିଲାମାନଙ୍କୁ କେନ୍ଦ୍ରକରି କୌଣସି ଘଟଣା ମନକୁ ବିବ୍ରତ କରିପାରେ।

ଆଜି ଆଷାଢ଼ ଶୁକ୍ଳ ଏକାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ, ଶ୍ରୀମନ୍ଦିରରେ ଅଣସର ଦ୍ୱାଦଶୀ/ରାଜପ୍ରାସାଦ ବିଜେ, ଜୁଲାଇ ୬ ତାରିଖ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୧୬ମି. ଗତେ ଘ. ୦୭.୫୪ମି. ମଧ୍ୟେ, ଘ.୦୯.୩୯ମି. ଗତେ ଘ.୧୨.୧୭ମି. ମଧ୍ୟେ, ଘ.୦୩.୪୮ମି. ଗତେ ଘ.୦୪.୪୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୫ମି. ଗତେ ଘ.୦୩.୪୮ମି. ମଧ୍ୟେ, ଘ.୦୪.୪୦ମି. ଗତେ ଘ.୦୫.୩୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୩.୦୮ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**SALE**

Buy or Sale Property-7064631567, 5BHK Duplex at Balianta- 99lakh/ 3BHK Apartments at AIIMS-3700. Residential Land near IIT-600/ Jaanla-900/ Pahala-1200/ Tamando-1500/ Ghangapatna-1500/ Patrapada-3500/. D-21012

**Gharabari plot for sale near Lingaraj Mandir parking, Bhubaneswar. Contact: 7789841141.** D-69988

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

**LOST**

By virtue of an affidavit before Notary Public, Puri, I Biswanath Mishra of Pejanala Kone, Baniapati, P.S. Singhadwar, Puri declare that my original Sale Deed document No. 11482103501 date 25/06/2021 and No. 4497 dt. 16/12/1997. Original Agreement for sale document, Land Patta, Pauti, Municipality Holding Tax Receipt, PKDA Plan, SBI Cheque Book, Original Aadhaar Card, PAN Card of Laxmipriya Mishra has been lost. If found please call Mob. 8984452809. D-68872

**AFFIDAVIT**

By virtue of affidavit sworn before Executive Magistrate, Bhubaneswar on 05.07.21, I Prajna Paramita Kar have changed my surname from "Kar" to "Mahapatra". Henceforth I'll be known as "Prajna Paramita Mahapatra" for all purposes. D-21021

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୪୭,୪୭,୬୭୭ | ୩୯,୯୬,୧୮୫ | ୧୬,୯୦,୫୦,୩୧୧ |
| ଭାରତ | ୩,୦୬,୦୪,୬୮୨ | ୪,୦୩,୦୮୫ | ୨,୯୭,୨୩,୫୫୩ |
| ଓଡ଼ିଶା | ୯,୨୪,୬୯୯ | ୪୨୪୮(+୫୩) | ୮,୯୪,୧୦୪ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ତିକ୍ତତାରୁ ହତ୍ୟା

## ରାଜଧାନୀରେ ରକ୍ତର ହୋରି

ରାଜଧାନୀ ଭୁବନେଶ୍ୱରରେ କିଛିମାସ ମଧ୍ୟରେ ଏକାଧିକ ହତ୍ୟାକାଣ୍ଡ ଘଟିଛି। ରକ୍ତର ହୋରି ଖେଳିଛନ୍ତି ଅପରାଧୀ। ତେବେ ସୋମବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ଅଞ୍ଚଳରେ ଜଣେ ମହିଳାଙ୍କ ହତ୍ୟା ଘଟଣା ଅତ୍ୟନ୍ତ ବୀଭତ୍ସ ଓ ହୃଦୟବିଦାରକ ଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓରଫ ରିଙ୍କିଙ୍କୁ ହତ୍ୟା କରିବାକୁ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ ସତେ ଯେମିତି ରକ୍ତମୁଖା ହୋଇଯାଇଥିଲେ। ପ୍ରିୟଙ୍କାଙ୍କ ତଣ୍ଟି ଓ ଶରୀରକୁ ଛୁରିରେ କାଟି ମାରିବା ପରେ ନିଜ ହାତକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘର ଭିତର ଚାରିଆଡେ ରକ୍ତର ଛିଟା ପଡିଥିବାବେଳେ ଚଟାଣ ସାରା ରକ୍ତର ସୁଅ ଛୁଟୁଥିଲା।

କମିଶନରେଟ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ବିଶେଷକରି ସମ୍ପର୍କରୁ ହତ୍ୟାକାଣ୍ଡର ଖିଅ ଖୋଜୁଛି। ପ୍ରିୟଙ୍କାଙ୍କ ସହ ଜଗନ୍ନାଥଙ୍କର ପୂର୍ବରୁ ଚିହ୍ନା ପରିଚିତ ଥିବା ପୂରା ଘଟଣାରୁ ଜଣାପଡୁଛି। ସମ୍ପର୍କରେ ତିକ୍ତତା ପରେ ଜଗନ୍ନାଥ ପ୍ରତିଶୋଧ ନିଆଁରେ ଜଳୁଥିଲେ। ହତ୍ୟା କରି ନିଜେ ଆତ୍ମହତ୍ୟା କରିବାକୁ ବହୁ ପୂର୍ବରୁ ଚରମ ନିଷ୍ପତ୍ତି ନେଇଥିବା ଜବତ ଚିଠି ଓ ଅନ୍ୟ ସୂତ୍ରରୁ ପୋଲିସ ଜାଣିବାକୁ ପାଇଛି। ତେବେ ସେମାନଙ୍କ ମଧ୍ୟରେ କେଉଁ ସମ୍ପର୍କ ଥିଲା, ବିବାହ ପରେ ପ୍ରିୟଙ୍କା ଦୂରେଇ ଦେଇଥିଲେ କି, ଏସବୁ ପରିବାର ଲୋକେ ଜାଣି ଥିଲେ କି ନା ନାହିଁ, ପୂର୍ବାହ୍ନ ଜଗନ୍ନାଥ ତାଙ୍କ ଘରକୁ ଆସିଥିଲେ କି, ହତ୍ୟା ପଛରେ ଆଉ କ'ଣ କାରଣ ଥାଇପାରେ ତାହାକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି।



ହତ୍ୟାକାଣ୍ଡ ପରେ ପ୍ରିୟଙ୍କା ରହୁଥିବା ଘର ଆଗରେ ଭିଡ଼।

## ଘର ମାଲିକଙ୍କ ପାଇଁ ବଞ୍ଚିଗଲା ଶିଶୁପୁତ୍ର



ଅଭିଯୁକ୍ତ ଜଗନ୍ନାଥ ପୂର୍ବରୁ ପ୍ରିୟଙ୍କା ଓ ତାଙ୍କ ତିନିବର୍ଷର ପୁଅକୁ ହତ୍ୟା କରିବାକୁ ଯୋଜନା କରି ଆସିଥିଲେ। ଶାର୍ଟ ତଳେ ଲୁଚାଇ ଏକ ଧାରୁଆ ଛୁରି ଆଣି ଛକି ରହିଥିଲେ। ତେବେ ସ୍ୱାମୀ ରାକେଶ ଅଫିସ ବାହାରିଯିବା ପରେ ଏହି ସମୟକୁ ସୁଯୋଗ ବୋଲି ଭାବି ଜଗନ୍ନାଥ ତାଙ୍କ ଘରେ ପଶିଥିଲେ। ସେତେବେଳେ ଘରେ ଏକୁଟିଆ ପ୍ରିୟଙ୍କା ଥିଲେ। ତାଙ୍କ ତିନିବର୍ଷର ପୁଅକୁ ଉପର ମହଲାରେ ରହୁଥିବା ଘର ମାଲିକ ସୁଧାକର ମହାରଣା ନେଇଯାଇଥିଲେ। ଫଳରେ ଅଭିଯୁକ୍ତ ଜଗନ୍ନାଥଙ୍କ କବଳରୁ ଶିଶୁପୁତ୍ରଟି ବଞ୍ଚିଯାଇଥିଲା।

### ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କୁ ଭିଡିଓ କଲ୍

ଅଭିଯୁକ୍ତ ଜଗନ୍ନାଥ ଏକ ଧାରୁଆ ଛୁରିରେ ପ୍ରିୟଙ୍କାଙ୍କ ବେକକୁ ଅତି ନିର୍ମମ ଭାବେ କାଟି ହତ୍ୟା କରିଥିଲେ। ଏହାପରେ ମୃତଦେହ ପାଖରେ ବସି ତାଙ୍କ ସ୍ୱାମୀ ରାକେଶଙ୍କୁ ହ୍ୱାଟ୍ସ୍ଆପ୍‌ରେ ଭିଡିଓ କଲ୍ କରିଥିଲେ। ରାକେଶ କଲ୍ ରିସିଭ୍ ନ କରିବାରୁ ସେ ପ୍ରିୟଙ୍କାଙ୍କ ରକ୍ତ ଜୁଡୁବୁଡୁ ମୃତଦେହର ଫଟୋ ଉଠାଇ ସ୍ୱାମୀଙ୍କ ହ୍ୱାଟ୍ସଆପ୍‌କୁ ପଠାଇଥିଲେ।

### 'ମାରିବି, ମରିବି': ହତ୍ୟା ସ୍ଥଳରୁ ଚିଠି ଜବତ

ହତ୍ୟାକାଣ୍ଡ ଘଟିଥିବା ଘରୁ ପୋଲିସ ଏକ ଚିଠି ଜବତ କରିଛି। ଉକ୍ତ ଚିଠିଟି ଅଭିଯୁକ୍ତ ଜଗନ୍ନାଥ ଲେଖିଥିବା ଜଣାପଡୁଛି ବୋଲି ପୋଲିସ କହିଛି। ପୂର୍ବ ସମ୍ପର୍କର ତିକ୍ତତା ଯୋଗୁ ସେ ପ୍ରିୟଙ୍କା ଓ ତାଙ୍କ ପୁଅକୁ ମାରିବା ପରେ ନିଜେ ଆତ୍ମହତ୍ୟା କରିବେ ବୋଲି ସେଥିରେ ଉଲ୍ଲେଖ ରହିଛି। କୌଣସି କାରଣରୁ ପ୍ରତିହିଂସା ପରାୟଣ ହୋଇ ଅଭିଯୁକ୍ତ ହତ୍ୟା କରିଥିବା ଏହି ଚିଠିରୁ ଜଣାପଡୁଛି।

### ଝିଅ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ

ମୋ ଝିଅ ଜ୍ୱାଇଁଙ୍କର ପାରିବାରିକ ସମ୍ପର୍କ ବହୁତ ଭଲ ଚାଲିଥିଲା। ସେ ଜ୍ୱାଇଁ ନୁହେଁ, ମୋ ବଡ଼ ପୁଅ ଭଳି। ତେବେ ହତ୍ୟାକାରୀ ମୋ ଝିଅକୁ କାହିଁକି ମାରିଲା, ତା'ର ମୋ ଝିଅ ସହ କିଭଳି ପରିଚୟ ହେଲା ମୁଁ କିଛି ଜାଣି ନାହିଁ। ଏମିତିକି ମୁଁ ତାଙ୍କୁ ମଧ୍ୟ ଜାଣିନାହିଁ। ମୋ ଝିଅର ଏକ ଛୋଟ ପୁଅ ଥିବାବେଳେ ସେ ଏବେ ମା' ଛେଉଣ୍ଡ ହୋଇଗଲା। ଏଭଳି ଅପରାଧୀଙ୍କୁ ଫାଶୀ ଦିଆଯାଉ ବୋଲି ପ୍ରିୟଙ୍କାଙ୍କ ମା' କାନ୍ଦି କାନ୍ଦି କହିଛନ୍ତି।

### ହତ୍ୟା ପୂର୍ବରୁ ପ୍ରିୟଙ୍କା ଗ୍ରସେରୀ କିଣିଥିଲେ

ହତ୍ୟାର କିଛି ସମୟ ପୂର୍ବରୁ ମହିଳା ଜଣକ ମୋ ଦୋକାନ ପାଖରେ ଥିବା ଏକ ଗସେରୀ ଦୋକାନକୁ ଆସିଥିଲେ। ଜିନିଷ କିଣି ସାରିବା ପରେ ଘର ଭିତରକୁ ପଳାଇଥିଲେ। ପରେ ଜଣେ ଯୁବକ ତାଙ୍କ ଘରକୁ ଯାଇଥିଲେ। ଏହାର କିଛି ସମୟ ପରେ ତାଙ୍କୁ ହତ୍ୟା କରାଯାଇଥିବା ଜାଣିଲୁ ବୋଲି ଘର ସମ୍ମୁଖରେ ଥିବା ଜଣେ ଦୋକାନୀ କହିଛନ୍ତି।

### ସ୍ୱାମୀଙ୍କୁ ଖୁସିରେ ବାଟେଇ ଦେଇଥିଲେ

ସକାଳ ପ୍ରାୟ ସାଢ଼େ ୯ଟାରେ ରାକେଶ ଅଫିସ ବାହାରିଥିଲେ। ଘର ସମ୍ମୁଖ ଗେଟ ବାହାରେ ସେ ବାଇକ ଉପରେ ବସିଥିବାବେଳେ ସ୍ତ୍ରୀ ପ୍ରିୟଙ୍କା କୁନି ପୁଅକୁ ଧରି କିଛି ସମୟ ସ୍ୱାମୀଙ୍କ ସହ ହସିହସି କଥା ହେଉଥିଲେ। କୁନି ପୁଅ ଗେଲ କରିବା ପରେ ରାକେଶ ଅଫିସ ଯିବାକୁ ଗାଡି ଷ୍ଟାର୍ଟ କରିଥିଲେ। ପ୍ରିୟଙ୍କା ସ୍ୱାମୀଙ୍କୁ ହସିହସି ବାଟେଇ ଦେଇ ଘର ଭିତରକୁ ଯାଇଥିଲେ। ହେଲେ ହଠାତ୍ ସାଢେ ୧୨ଟା ବେଳକୁ ପିସିଆର ଭ୍ୟାନ୍ ଓ ଆମ୍ବୁଲାନ୍ସ ଦେଖିବା ସହ ମହିଳାଙ୍କୁ ହତ୍ୟା କରାଯାଇଥିବା ଜାଣି ମୁଁ ହତବାକ ହୋଇଗଲି। କିଛି ସମୟ ପରେ ଘରୁ ଷ୍ଟ୍ରେଚରରେ ଜଣେ ଅଜଣା ଆହତ ଯୁବକଙ୍କୁ ବାହାରକୁ ଅଣାଗଲା। - **ଅରୁଣ କୁମାର ମହାପାତ୍ର, ପଡ଼ୋଶୀ**

### ଖୁସି ଗପବେଳେ ହଠାତ୍ କଲ୍ ଆସିଲା

ରାକେଶ ୟୁରେକା ୱାଟର ପ୍ୟୁରିଫାୟର କମ୍ପାନୀରେ କାମ କରିବାବେଳରୁ ଆମେ ଏକାଠି ଚଳୁଥିଲୁ। ରାକେଶ ରହୁଥିବା ୪ଟି ଘର ଛାଡି ମୋ ଘର। ଆଜି ଅଫିସରେ ଆମେ ଦୁହେଁ କାମ କରିବା ଭିତରେ ଖୁସିଗପ ହେଉଥିଲୁ। ହଠାତ ରାକେଶ୍ ଏକ ଫୋନ୍ କଲ୍ ପାଇ ବ୍ୟସ୍ତ ହୋଇ ଅଫିସରୁ ବାହାଯାଇଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଶୁଣି ବିଶ୍ୱାସ କରିପାରିଲିନି। ଅଭିଯୁକ୍ତକୁ କଠୋର ଶାସ୍ତି ମିଳିବା ଦରକାର। - **ବିକ୍ରମ, ରାଜେଶଙ୍କ ଅଫିସ ସହକର୍ମୀ**

### ଘର ଭିତର ଦୃଶ୍ୟ ଭୟଙ୍କର ଥିଲା

ମାର୍କେଟିଂ କରିବାକୁ ଯିବା ସମୟରେ ଗହଳି ଦେଖି ଅଟକି ଯାଇଥିଲି। ଘର ଭିତରୁ ପାଟିତୁଣ୍ଡ ସହ କବାଟ ପିଟିବାର ଶବ୍ଦ ଶୁଣାଗଲା। କ'ଣ ହୋଇଛି ଭାବି ସେଠାକୁ ଯାଇ ଦେଖିବାବେଳକୁ ଘର ମାଲିକଙ୍କ ସହ ମୃତ ମହିଳାଙ୍କ ସ୍ୱାମୀ ମିଶି କବାଟକୁ ଭାଙ୍ଗୁଥିଲେ। କିଛି ସମୟ ପରେ କବାଟ ଭାଙ୍ଗିଗଲା। ଘର ଭିତରେ ମହିଳାଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡିଥିବାବେଳେ ପାଖରେ ଜଣେ ଯୁବକ ମଧ୍ୟ ରକ୍ତାକ୍ତ ଅବସ୍ଥାରେ ପଡି ରହିଥିଲେ। ଘର ଭିତରର ଏହି ଭୟଙ୍କର ଦୃଶ୍ୟ ଦେଖି ମୋ ଦେହ ଥରିଉଠିଥିଲା। କେମିତି ଜଣେ ଲୋକର ହାତ ଗଲା ଏମିତି ହତ୍ୟା କରିବାକୁ! - **ଲିଙ୍ଗରାଜ ବେହେରା, ସ୍ଥାନୀୟ ବାସିନ୍ଦା**



ଘଟଣାସ୍ଥଳରେ ଡିସିପି ଉମାଶଙ୍କର ଦାଶ ତଦନ୍ତ କରୁଛନ୍ତି।



# ଘାଜିଆବାଦରୁ ବାଣୀ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍‌) ମୁଖ୍ୟ ମୋହନ ଭଗଓ୍ୱତ ୪ ଜୁଲାଇରେ ଘାଜିଆବାଦର ମେଓ୍ୱର ପ୍ରତିଷ୍ଠାନରେ ଖ୍ୱାଜା ଇଫ୍‌ତିକାର ଅହମ୍ମଦଙ୍କ ପୁସ୍ତକ 'ମିଟିଂ ଅଫ୍‌ ମାଇଣ୍ଡ୍‌ସ' ଉନ୍ମୋଚନ କରିବା ଅବସରରେ କହିଛନ୍ତି ଯେ, ଧର୍ମ ନାମରେ ଯେଉଁମାନେ ହିଂସାତ୍ମକ କାଣ୍ଡ ଭିଆଉଛନ୍ତି ତାହା ହିନ୍ଦୁତ୍ୱ ନୀତି ବିରୋଧୀ। ଏଥିସହିତ ମୁସଲମାନମାନଙ୍କୁ ନିବେଦନ କରି କହିଛନ୍ତି, ସେମାନେ ଆଦୌ ଭୟଭୀତ ହେବାର ନାହିଁ ଏବଂ ସେମାନଙ୍କ ଧର୍ମ ଓ ଜୀବନ ଧାରଣ ଲାଗି ଭାରତରେ କୌଣସି ବିପଦ ନାହିଁ।

ଘାଜିଆବାଦରେ ଭଗଓ୍ୱତ ଯେଉଁଭଳି ଭାବେ ଶବ୍ଦ ଉଚ୍ଚାରଣ କରିଛନ୍ତି, ତାହା କେନ୍ଦ୍ରରେ ଭାଜପା ସରକାରର ଦୀର୍ଘ ୭ ବର୍ଷ ମଧ୍ୟରେ ଏହି ବାର୍ତ୍ତାକୁ ସ୍ପଷ୍ଟ ଭାବେ କହିଥିଲେ ଦେଶବ୍ୟାପୀ ସ୍ଥିତି ଭିନ୍ନ ହୋଇଥାଆନ୍ତା। ଏଠାରେ ସଂଖ୍ୟାଲଘୁଙ୍କ ସପକ୍ଷରେ କୁହାଯାଉ ନାହିଁ ; କାହାର ସପକ୍ଷ ବା ବିପକ୍ଷରେ କହିବାର ମଧ୍ୟ ପ୍ରୟୋଜନ ନାହିଁ। କିନ୍ତୁ ଏକବିଂଶ ଶତାବ୍ଦୀରେ ଭାରତ ପରି ଗରିବ ଦେଶର ପ୍ରତ୍ୟେକ ନାଗରିକର ଅର୍ଥନୈତିକ ଉନ୍ନତି କରାଇବା ହେବାକଥା ସରକାରର ମୂଳ ଲକ୍ଷ୍ୟ। ଅର୍ଥନୈତିକ ଉନ୍ନତିର ଅନେକ ଶତ୍ରୁଙ୍କ ମଧ୍ୟରୁ ଏକ ଶକ୍ତିଶାଳୀ ଶତ୍ରୁ ହେଉଛି ଧର୍ମ ଆଲୋଚନା। ଯେଉଁ ରାଷ୍ଟ୍ରକୁ ଧର୍ମଚିନ୍ତାରେ ବୁଡ଼େଇ ଦିଆଯାଏ ସେଠାରେ ଅର୍ଥନୈତିକ କିମ୍ବା ସାମାଜିକ ଉନ୍ନତି ଅସମ୍ଭବ। ଏହାର ଜ୍ୱଳନ୍ତ ଉଦାହରଣ ଆଫଗାନିସ୍ତାନ, ଇରାକ, ସିରିଆ ଓ ୟେମେନ୍‌ ଭଳି ଅନେକ ମୁସଲମାନ ଦେଶରେ ଦେଖିବାକୁ ମିଳେ। ସେଭଳି ମଧ୍ୟଯୁଗୀୟ ଚିନ୍ତାଧାରା ଯୋଗୁ ଆଜି ଇସ୍‌ଲାମ ଧର୍ମ ସମଗ୍ର ବିଶ୍ୱରେ ଅବିଶ୍ୱାସ ଏବଂ ହିଂସାର ସମ୍ମୁଖୀନ ହେଉଛି। ଏହାର ମୁଖ୍ୟ କାରଣ ହେଲା, ସେହି ସମ୍ପ୍ରଦାୟର ନେତୃତ୍ୱ କେବେହେଲେ ହିଂସାକୁ ନିନ୍ଦା କଲେ ନାହିଁ। ଫଳସ୍ୱରୂପ ଇସ୍‌ଲାମିକ୍‌ ଷ୍ଟେଟ୍‌ (ଆଇଏସ୍‌) ଭଳି ସଙ୍ଗଠନ ଗଢ଼ିଉଠିଲା। ସେଥିପାଇଁ ବିଶ୍ୱବ୍ୟାପୀ ସେହି ସମ୍ପ୍ରଦାୟ ଘୃଣିତ ହେଉଛି। ଏହି ପ୍ରଚ୍ଛଦପଟରେ ଘାଜିଆବାଦଠାରେ ଆର୍‌ଏସ୍‌ଏସ୍‌ ମୁଖ୍ୟ ଭଗଓ୍ୱତ ଦେଇଥିବା ଭାଷଣକୁ ଏଠାରେ ଦେଖାଯାଇପାରେ। ସେ ତାଙ୍କ ଭାଷଣରେ ଆର୍‌ଏସ୍‌ଏସ୍‌ ସଙ୍ଗଠନ ଏବଂ ବିଶେଷକରି ହିନ୍ଦୁତ୍ୱର ଆକ୍ରମଣାତ୍ମକ କାର୍ଯ୍ୟ ସମ୍ପର୍କରେ ବୁଝାଇବାକୁ ଯାଇ କହିଥିଲେ ଯେ, ଲିଞ୍ଚିଂ ବା ହତ୍ୟା କରୁଥିବା ବ୍ୟକ୍ତି ଆତତାୟୀ। ସେମାନେ ହିନ୍ଦୁତ୍ୱକୁ କ୍ଷତି ପହଞ୍ଚାଉଛନ୍ତି। ଏକନିଃଶ୍ୱାସରେ ସେ ଏହା କହିଲେ ଯେ, ଏଭଳି ଆତତାୟୀଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେମାନଙ୍କୁ ଦଣ୍ଡିତ କରାଯିବା ଦରକାର। ଏଭଳି ଘଟଣାରେ ଆଇନ ତା'ବାଟରେ ଯିବା ଉଚିତ। ତାଙ୍କର ଏହି ଭାଷଣକୁ ପ୍ରଶଂସା କରାଯିବା ସହିତ ଏହା ମଧ୍ୟ ମନେରଖିବା ଦରକାର ଯେ, ଭାରତର ଆଇନ ବ୍ୟବସ୍ଥାର ନିଜସ୍ୱ କୌଣସି ଶକ୍ତି ନାହିଁ। ରାଜନେତାମାନେ ସାଧାରଣରେ ଏହିଭଳି ବାହ୍ୟ ଉଚ୍ଚାରଣ କରି କଠିନ ସ୍ଥିତିରୁ ଖସିଯିବାକୁ ଉଦ୍ୟମ କରନ୍ତି। ଯଦି ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇଥାଆନ୍ତା, ତେବେ ହୁଏତ ଭଗଓ୍ୱତଙ୍କ କଥା ବିଶ୍ୱାସଯୋଗ୍ୟ ହୋଇଥାଆନ୍ତା। ଜବାହରଲାଲ୍‌ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ), ଦିଲ୍ଲୀ ଦଙ୍ଗା ଏବଂ ଆହୁରି ଅନେକ ଘଟଣାର ଉଦାହରଣ ଦେଖିଲେ ହିନ୍ଦୁ ସମାଜରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କିନ୍ତୁ ସଙ୍ଗଠିତ ଭାବରେ କୌଣସି ରାଜନୈତିକ ଦଳ ବା ସାମାଜିକ ସଙ୍ଗଠନ କେବେହେଲେ ଏହିସବୁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ନାହାନ୍ତି। ଦଙ୍ଗା ରୋକିବା ଦିଗରେ ଆର୍‌ଏସ୍‌ଏସ୍‌ର କୌଣସି ମତ ପ୍ରକାଶ ପାଇଥିଲେ ହୁଏତ ପରିସ୍ଥିତି ଭିନ୍ନ ହୋଇପାରିଥାଆନ୍ତା। ଭଗଓ୍ୱତ ଯେତେବେଳେ କହୁଛନ୍ତି ଯେ ଇତିହାସରେ ଭାରତକୁ ଯିଏ ଯେତେବେଳେ ଆସିଛି, ଯେଉଁ କାରଣରୁ ହେଉ ପଛେ, ସେମାନେ ଏଠି ଅସ୍ତିତ୍ୱ ବଜାୟ ରଖିଛନ୍ତି। ଯିଏ ଜୀବିତ ଅଛି ତା'ର ଏଠାରେ ବଞ୍ଚିବାର ଅଧିକାର ଅଛି ବୋଲି ଭଗଓ୍ୱତ କହିଛନ୍ତି। ତାଙ୍କର ଏହି ମତକୁ ସମସ୍ତେ ସ୍ୱାଗତ କରିବେ। ତେବେ ଏଠାରେ କୁହାଯାଇପାରେ ଯେ ଜୀବିତ ରହିବା କେବଳମାତ୍ର ପ୍ରସଙ୍ଗ ନୁହେଁ, ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ବିନା ଭୟରେ ଯେଉଁ ନାଗରିକ ବଞ୍ଚିପାରିବ ସିଏ ସମାଜ ପାଇଁ ସକାରାତ୍ମକ ହୋଇପାରିବ।



# ଦର ବୃଦ୍ଧି ବନାମ ବିକାଶ

ଗୋପାଳ ଚନ୍ଦ୍ର ନାଥ

ଭାରତ ସ୍ୱାଧୀନ ହେଲା ପରଠାରୁ ଦେଶର ସମ୍ବଳ ଓ ଦକ୍ଷତାକୁ ନେଇ ସରକାର ବିଭିନ୍ନ ପଦକ୍ଷେପ ଜରିଆରେ ବିକାଶ ପାଇଁ ଉଦ୍ୟମ କରିଆସୁଛନ୍ତି। ସ୍ୱାଧୀନ ସମୟରେ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ସୀମିତ ଥିଲା। ଦେଶରେ ଦାରିଦ୍ର୍ୟ ଏକ ମହାମାରୀ ଭଳି କାୟା ବିସ୍ତାର କରି ରହିଥିଲା। ଅଧିକାଂଶ ଜନତା ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ, ସମ୍ପୂର୍ଣ୍ଣ ରୂପେ ପ୍ରକୃତିକୁ ନିର୍ଭର କରି ଚାଷ କରୁଥିବା ଚାଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ ହୋଇ ଅଭାବ ଅନଟନରେ କାଳାତିପାତ କରୁଥିଲେ। ଚାଷ ଭିନ୍ନ ଅନ୍ୟ ପନ୍ଥା ନ ଥିବା ଏବଂ ସେହି ଚାଷ ଉପରେ ନିର୍ଭର କରି ଅଧିକାଂଶ ଜନତା ଚଳୁଥିବା ହେତୁ ଦେଶରେ ବହୁମାତ୍ରାରେ ଖାଦ୍ୟାଭାବ ମଧ୍ୟ ଦେଖାଦେଇଥିଲା। ସ୍ୱାଧୀନ ଭାରତର ସରକାର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରି ଲୋକଙ୍କ ଅଭିବୃଦ୍ଧିରେ ସହାୟକ ହେଲେ। ଫଳରେ ଦେଶରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନାର ପରିକଳ୍ପନା କରାଯାଇ ଲୋକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଗଲା। କୃଷିର ଉନ୍ନତି ପାଇଁ ଇଂରେଜ ସରକାର ଭାରତବର୍ଷରେ ଅଧିକ ଶସ୍ୟ ଉତ୍ପାଦନ ଲାଗି ଏକ ସ୍ୱତନ୍ତ୍ର ବିଭାଗ ଗଠନ କରି ଅଧିକ ଅମଳ ପାଇଁ ଚେଷ୍ଟା କରିଥିଲେ। ହେଲେ ଆମ ଦେଶରେ ଜଳସେଚନ ଓ ଆଧୁନିକ ପ୍ରଣାଳୀର ଚାଷ ପାଇଁ ଚାଷୀ ପାଖରେ ସେଭଳି କୌଣସି ବ୍ୟବସ୍ଥା ନ ଥିବା ହେତୁ କ୍ରମେ ସେ ବିଭାଗର ଗୁରୁତ୍ୱ ହ୍ରାସ ପାଇଥିଲା। ସ୍ୱାଧୀନତା ପ୍ରାପ୍ତି ପରେ ବହୁ ଜଳସେଚନ ପ୍ରକଳ୍ପ ଆରମ୍ଭ ହେଲା। ଜୈବସାର ସାଙ୍ଗକୁ ରାସାୟନିକ ସାର ବ୍ୟବହାର ପାଇଁ ଚାଷୀକୁ ପ୍ରବର୍ତ୍ତାଇବା ସହ ଚାଷର ଆବଶ୍ୟକତାକୁ ପୂରଣ କରିବା ପାଇଁ ରାସାୟନିକ ସାର କାରଖାନା ମଧ୍ୟ ସ୍ଥାପନ କରାଗଲା। ଏହାଦ୍ୱାରା ସରକାର ବହୁଳ ଭାବରେ ସୁଲଭ ଦରରେ ଚାଷୀକୁ ସାର ଯୋଗାଇ ପାରିଲେ। ଚାଷୀ ବିଭିନ୍ନ ଯୋଜନାକୁ ଠିକ୍‌ ଭାବେ ଜାଣି ଚାଷରେ ଉପଯୁକ୍ତ ଭାବରେ ଉପଯୋଗ କରିବାରେ ସକ୍ଷମ ହେଲା। ଯୋଜନାଗୁଡ଼ିକ ମଧ୍ୟ ଚାଷୀଙ୍କ ପାଇଁ ଏକ ବଡ଼ ଭୂମିକା ନେଲା। କେବଳ ଚାଷ ନୁହେଁ ଶିକ୍ଷାକୁ ସାର୍ବଜନୀନ କରି ସମସ୍ତଙ୍କୁ ଶିକ୍ଷିତ କରିବା ପାଇଁ ସରକାର ପଦକ୍ଷେପ ନେଲେ।

କିନ୍ତୁ ଏ ସମସ୍ତ ବାଦ୍‌ ଦେଶରେ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇବା କେତେକାଂଶରେ ସମ୍ଭବ ହେଲା। ଲୋକେ ପ୍ରକୃତିର କ୍ରୂର ପରିହାସରେ ଅନାହାର ଦୁର୍ଭିକ୍ଷ ଭଳି କଷ୍ଟରେ ବଞ୍ଚିବାର ସଂଗ୍ରାମ କଲେ। କ୍ରମେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବହୁ କଳକାରଖାନା ଓ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କୁ ଆତ୍ମନିର୍ଭର କରିବାର ରାସ୍ତା ଦେଖାଇଲା। ଆଜି ଯେଉଁ ପ୍ରଗତିଶୀଳ ଭାରତ ଆମେ ଉପଭୋଗ କରୁଛେ, ତା' ସେହି ପରିଶ୍ରମର ଅଂଶବିଶେଷ। ଲୋକ ଶିକ୍ଷିତ ହେଲେ, କଳକାରଖାନାରେ ଓ ବିଭିନ୍ନ ସଂସ୍ଥାରେ କାମ କରି ଭଲ ରୋଜଗାର କଲେ। ତଥାପି ଚାଷର ଯେଉଁଭଳି ଭାବେ ବିକାଶ ହେବା କଥା, ତା' ହୋଇପାରିଲା ନାହିଁ। ଜଳସେଚନର ଯେଭଳି ବିକାଶ ହେବା କଥା ତା' ଆଦୌ କରାଗଲା ନାହିଁ। ଲୋକଙ୍କୁ ବିକାଶର ନୂଆ ନୂଆ ଦିଶା ଦେଖାଇବା ପରିବର୍ତ୍ତେ ରାଜନୈତିକ ଫାଇଦା ପାଇବା ପାଇଁ ଚାଷକୁ ଗୌଣ କରିଦେଇ ସେମାନଙ୍କୁ ମାଗଣା ଚାଉଳ, ଡାଲି, ଜୋତା, ଛତା ଆଦି ଯୋଗାଇ ଦିଆଗଲା। ଛୁଆଟିଏ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାକୁ କିଛି କିଛି ମାଗଣା ପାଇବା ପାଇଁ ବ୍ୟବସ୍ଥା କରାଗଲା। ଯେତେବେଳେ ଚାଷୀ ମାଗଣା ପାଇବାର ସ୍ୱାଦ ଚାଖିଲା ଓ ମରୁଡ଼ି, ଅନାହାରରୁ ନିଜକୁ ବଞ୍ଚାଇ ପାରିଲା, ସେ ସରକାରଙ୍କ ନାମ ଗାନ କରିବାକୁ ଲାଗିଲା। ଚାଷକୁ ଆଉ ଗୁରୁତ୍ୱ ଦେଲା ନାହିଁ। ବର୍ତ୍ତମାନ ଯେଉଁମାନେ ଚାଷ କରିବାକୁ ମନ ବଳାଉଛନ୍ତି, ସେମାନଙ୍କୁ ଚାଷ କରିବା ପାଇଁ ଶ୍ରମିକ ମିଳୁନାହାନ୍ତି। ସରକାରଙ୍କ ଅପରିଣାମଦର୍ଶୀ କାର୍ଯ୍ୟକ୍ରମ ଦେଶର ଚାଷୀମାନଙ୍କ ପେଟକୁ ନାତ ମାରୁଛି। ଚାଷୀ ତା'ର ଉତ୍ପାଦ ଦ୍ରବ୍ୟକୁ ଠିକ୍‌ ଭାବେ ବଜାର କରିପାରୁନାହିଁ କି ଉଚିତ ପ୍ରାପ୍ୟ ମଧ୍ୟ ପାଇ ପାରୁ ନାହିଁ। ଜଗତୀକରଣ ଦେଶକୁ ବିକାଶର ଏକ ସୋପାନରେ ପହଞ୍ଚାଇ ଦେଇଥିବା ବେଳେ ଚାଷୀ ଆଜିବି ମଧ୍ୟସ୍ଥିମାନଙ୍କ କବଳରେ କବଳିତ। ସରକାର କୃଷିନୀତିକୁ ନେଇ ଆନ୍ଦୋଳନରତ ଚାଷୀମାନଙ୍କ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଚାଷର ଉନ୍ନତି ନ ହେବା ଯାଏ, ଉତ୍ପାଦନର ବୃଦ୍ଧି ନ ହେବା ଯାଏ, ଦେଶର ଅର୍ଥନୀତିରେ ବିକାଶ ହେବ ନାହିଁ କି ସାଧାରଣ ଜନତାର ବିକାଶ ହେବ ନାହିଁ। ଚାଷୀର ମୁଣ୍ଡପିଛା ଆୟର ହିସାବ ସ୍ୱତନ୍ତ୍ର ଭାବରେ ହିସାବ ନ କରି ଦେଶର ସରକାରୀ ଚାକିରିଆ, କଳକାରଖାନାରେ କାମ କରୁଥିବା ଲୋକଙ୍କ ସହ ହିସାବ କରାଯାଉଛି। ସରକାର ପୁଞ୍ଜିପତିର ରୋଜଗାର ଚାଷୀ ରୋଜଗାର ସହ ମିଶାଇ ବାହାବା ନେଇ ଦେଶ ଆଗେଇଛି ବୋଲି କହୁଛନ୍ତି। ବାସ୍ତବ ଚିତ୍ର କ'ଣ ? ଚାଷୀ ଆଜି ନିଜ ଚାଷ ଜମିକୁ ପଡ଼ିଆ ପକାଇ କୌଣସି କଳ କାରଖାନାରେ ଶ୍ରମିକ ଭାବେ କାମ କରୁଛି ତ ନ ହେଲେ ବାହାରକୁ ଯାଇ ଦାଦନ ଖଟୁଛି। ଚାଷରୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପାଇ ପାରୁ ନ ଥିବା ବେଳେ କେଉଁଠି ଶ୍ରମିକ ଭାବେ କାମ କଲେ ବେଳବୁଡ଼କୁ ନିର୍ଦ୍ଦିଷ୍ଟ ଭାବେ କିଛି ଟଙ୍କା ପାଇପାରୁଛି, ନିଜ ଗୁଜୁରାଣ ମେଣ୍ଟାଇବା ସହ ପରିବାରର ଆବଶ୍ୟକତା ପୂରଣ କରିପାରୁଛି।

ଆଲୋଚନା ମଧ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ହେଲା ଦରବୃଦ୍ଧି। ଆଜି ପ୍ରତ୍ୟେକ ଲୋକଙ୍କୁ ବାଧୁଛି ଦର ବୃଦ୍ଧି, କି ଧନୀ କି ଗରିବ, କି କଂଗ୍ରେସ କି ଭାଜପା। କିଏ କହି ପାରୁଛି, ଆଉ କିଏ ଘର କୋଣରେ ବସି କାନ୍ଦୁଛି, ଫରକ ଏତିକି। ଦରବୃଦ୍ଧି ହେଲେ ଦେଶର ବିକାଶ ହେବ ବୋଲି ଯେଉଁ ଅର୍ଥବିଶାରଦମାନେ ଭାବୁଛନ୍ତି, ତା' କେବଳ କାହାକୁ ତୋଷାମଦ କରୁଥିବା ପରି ଜଣାଯାଏ। ଦେଶ ସ୍ୱାଧୀନ କାଳରୁ ବା ତା'ର ବହୁ ଆଗରୁ କେତେକ ସାମଗ୍ରୀକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବରେ ନେଇ ସେସବୁର ଦରକୁ କଦାପି ବଢ଼ିବାକୁ ଦେଇ ନ ଥାଆନ୍ତି। ଫଳରେ ତାହା ଦେଶର ଅନ୍ୟ ଉତ୍ପାଦ ସାମଗ୍ରୀ ଉପରେ ପ୍ରଭାବ ପକାଇ ନ ଥାଏ। କିନ୍ତୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ପ୍ରଭାବିତ ହେଲା ଭଳି କୌଣସି ପଦକ୍ଷେପ ନେବାକୁ କୌଣସି ସରକାର ସାହସ କରନ୍ତି ନାହିଁ। କାରଣଏହା ଦ୍ୱାରା ସାଧାରଣ ଜନତା ଉପରେ ତା'ର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ।

ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ହିଁ ପ୍ରତ୍ୟେକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏସବୁ ବିନା ଚାଷଠାରୁ ଗମନାଗମନ ସହ ପରିବହନ କୌଣସି କାର୍ଯ୍ୟ ସମାହିତ ହୋଇପାରିବ ନାହିଁ। ତୈଳ ଦର ଯେଭଳି ଭାବରେ ବଢ଼ୁଛି, ସରକାର ସେହି ହାରରେ ଚାଷୀମାନଙ୍କର ଉତ୍ପାଦ ସାମଗ୍ରୀର ଦର ବଢ଼ାଇ ନାହାନ୍ତି। ଯଦି ଚାଷୀ ଉତ୍ପାଦ ସାମଗ୍ରୀର ଦର ନିର୍ଦ୍ଧାରଣ କରିବ, ତେବେ ସେହି ଦର ନିଶ୍ଚିତପକ୍ଷେ ଗ୍ରହଣୀୟ ହେବ ନାହିଁ। ଚାଷୀ ଯେତେବେଳେ ତା'ର ଉଚିତ ମୂଲ୍ୟ ନ ପାଇବ, ତେବେ ଚାଷ କାହିଁକି କରିବ! ଏ ସମସ୍ତ କଥାକୁ ସାମଗ୍ରିକ ଭାବରେ ଆଲୋଚନା କରିବାକୁ ହେଲେ ସରକାର ଦରକୁ ଯେକୌଣସି ପ୍ରକାରେ ସ୍ଥିର ରଖିବା ଆବଶ୍ୟକ। ନଚେତ୍‌ ଦେଶର ସମସ୍ତ ସାମଗ୍ରୀର ଦର ବୃଦ୍ଧି ହେବ।

କିଛି ଲୋକଙ୍କର ମତ ଯେ ଦେଶକୁ ବିକାଶ ଦିଗରେ ନେବାକୁ ହେଲେ ସରକାରଙ୍କର ଅର୍ଥର ଆବଶ୍ୟକତା ରହିଛି, ସେ ଅର୍ଥ ସରକାର ଆଣିବେ କେଉଁଠୁ? ଏହା କୌଣସି ପ୍ରକାରେ ଉଚିତ ଉତ୍ତର ହୋଇ ନ ପାରେ। ଦେଶର ବିକାଶର ଧାରାକୁ ଚଳାଇବାକୁ ହେଲେ ସରକାର କୌଣସି ନା କୌଣସି ନୂତନ ପନ୍ଥା ବାହାର କରିବା ଆବଶ୍ୟକ। ଦେଶରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ନାଆଁରେ ଯେଉଁଭଳି ଭାବରେ ଶାଗମାଛ ଦରରେ ପୁଞ୍ଜିପତି ହାତକୁ ଟେକି ଦିଆଯାଉଛି, ତଦ୍ୱାରା ଦେଶର ବିକାଶ ହେବା ପରିବର୍ତ୍ତେ ଦେଶରେ ବେକାରି ଓ ଶୋଷଣ ବହୁମାତ୍ରାରେ ବଢ଼ିବ। ସରକାର ଯେତେବେଳେ ମଙ୍ଗଳକାରୀ ଶାସନ ଦିଅନ୍ତି, ସେତେବେଳେ ଲୋକ ଆନନ୍ଦରେ କାଳାତିପାତ କରନ୍ତି। ଏହାସହ ସରକାର ଜନାଦୃତ ହୋଇଥାଏ। କିନ୍ତୁ ସରକାର ଯେଭଳି ଭାବରେ ତୈଳ ଉପରେ ଉତ୍ପାଦ ଶୁଳ୍କ ନେଉଛନ୍ତି, ତା' ଜନମଙ୍ଗଳ ପରିବର୍ତ୍ତେ ଜନବିରୋଧୀ ହୋଇଛି। ରାଜ୍ୟ ସରକାର ଭାଟ୍‌ ଅଧିକ ନେଉଥିବା ମଧ୍ୟ ଆଲୋଚନା ହେଉଛି। ହେଲେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ତାଗିଦା କରିବା ପୂର୍ବରୁ ଉତ୍ପାଦ ଶୁଳ୍କ ଯଦି ୟୁପିଏ ସରକାର ସମୟର ନିଅନ୍ତେ, ତେବେ ରାଜ୍ୟ ସରକାର ଅନୁରୂପ ଭାବରେ ଭାଟ କମ୍‌ କରିବାକୁ ବାଧ୍ୟ ହୁଅନ୍ତେ। ପେଟ୍ରୋଲ ଓ ଡିଜେଲ ଦରର ସ୍ଥିରତା ଆସିଲେ ଅନ୍ୟ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ମଧ୍ୟ ସ୍ଥିର ହୁଅନ୍ତା। ଏଣୁ ଏ କଥା ସତ୍ୟ, ଦେଶର ବିକାଶ ଭଲ ଭାବରେ ହୋଇପାରନ୍ତା, ଯଦି ଦରରେ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଥିରତା ରଖନ୍ତେ।

ଅନୁଗୋଳ, ମୋ: ୯୪୩୭୨୯୦୬୬୨



# କୋଭିଡ୍‌ ପରିଚାଳନା ଓ ଅଦାଲତ

ରବିନାରାୟଣ ସାମଲ

କରୋନା ମହାମାରୀର ଦ୍ୱିତୀୟ ଲହରରେ ଗୋଟିଏ ଗୋଟିଏ ପରିବାର ଉଜୁଡ଼ି ଗଲା। ସାଧାରଣ ଜନତା ଅସହାୟ ହୋଇପଡ଼ିଲେ। କେଉଁଠି ଅକ୍ସିଜେନ୍‌ ଅଭାବରୁ ରୋଗୀର ପ୍ରାଣ ଗଲା ତ ଆଉ କେଉଁଠି ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁମୁଖରେ ପଡ଼ିଲା। ମାସ ମାସ ଧରି ଲୋକେ ଅପେକ୍ଷା କଲେଣି, ଟିକା ମିଳିଲା ନାହିଁ। ଦ୍ୱିତୀୟ ଲହର ନ ଯାଉଣୁ ତୃତୀୟ ଲହରର ଚିନ୍ତା ବି ଘାରିଲାଣି। ସରକାରଙ୍କ ମତିଗତି ଯାହା ତୃତୀୟ ଲହର କ'ଣ କେତେ ଯେ କ୍ଷତି ଘଟାଇବ ତାହା ସହଜରେ ଅନୁମାନ କରି ହେଉ ନାହିଁ। ଦେଶର ଅଦାଲତ ଯଦି ହସ୍ତକ୍ଷେପ କରି ନ ଥା'ନ୍ତେ ତେବେ ପରିସ୍ଥିତି ଆହୁରି ଭୟାନକ ହୋଇଥା'ନ୍ତା।

ଗତ ଏପ୍ରିଲ ମାସରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଗୋଟିଏ ଭଲ ମନ୍ତବ୍ୟ ଦେଇଥିଲେ– 'କରୋନା ମହାମାରୀରେ ବିଫଳତାକୁ ସ୍ୱୀକାର କରିବା ନେତା ଓ ଅମଲାଙ୍କୁ ବାଧୁଛି।' ବାସ୍ତବରେ ସମାଲୋଚନାକୁ ସରକାର ସହି ପାରୁ ନ ଥିବା ଦେଖିବାକୁ ମିଳୁଛି। ସାମାଜିକ ଗଣମାଧ୍ୟମରେ କୋଭିଡ୍‌ ସମ୍ପର୍କିତ ପୋଷ୍ଟିଂକୁ ଅପରାଧ ଭାବେ ବିବେଚନା କରିବାକୁ ସରକାର ଗତ ଏପ୍ରିଲ୍‌ ମାସରେ ନିର୍ଦ୍ଦେଶନାମା ଜାରି କଲେ। ମାତ୍ର ସୁପ୍ରିମ୍‌ କୋର୍ଟ ନିଜ ଆଡୁ ହସ୍ତକ୍ଷେପ କରି ଏଥିପାଇଁ କାହାକୁ ଗିରଫ କଲେ ଅଦାଲତ ଅବମାନନା ହିସାବରେ ଗ୍ରହଣ କରାଯିବ ବୋଲି ବିଭିନ୍ନ ରାଜ୍ୟର ପୋଲିସ ଡିଜିଙ୍କୁ ରୋକଠୋକ ଜଣାଇ ଦେଲେ। ସେହିପରି 'ଆମ ପିଲାମାନଙ୍କର ଟିକା ବାହାର ଦେଶକୁ କାହିଁକି ଦେଲ' ବୋଲି ଦିଲ୍ଲୀର ରାସ୍ତାଘାଟରେ ପୋଷ୍ଟର ଦେଖିବାକୁ ମିଳିଲା। ଏହା ସରକାର ବିରୋଧୀ କହି ପୋଲିସ ୩୫ ଜଣଙ୍କୁ ଗିରଫ କଲା। ଏହା ବିରୋଧରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। କୋର୍ଟ ତାଙ୍କ ରାୟ ଶୁଣାଇବା ବାକି ରହିଛି।

ଦ୍ୱିତୀୟ ଲହର ଘାତକ ହେବ ବୋଲି ଗତ ଜାନୁୟାରୀ ମାସରୁ ବିଶେଷଜ୍ଞମାନେ ସତର୍କ କରାଇ ଆସିଥିଲେ। ଏକ ମାମଲାର ଶୁଣାଣି ବେଳେ ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏକଥା ଦର୍ଶାଇଛନ୍ତି। କିନ୍ତୁ ସରକାର ଏଥି ପ୍ରତି କର୍ଣ୍ଣପାତ କରି ନ ଥିଲେ। ପାଞ୍ଚଟି ରାଜ୍ୟର ନିର୍ବାଚନୀ ସଭାରେ ହଜାର ହଜାର ଲୋକଙ୍କ ସମାବେଶ ସାଙ୍ଗକୁ କୁମ୍ଭମେଳାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ସାରା ଦେଶରେ କରୋନା ଭୂତାଣୁକୁ ବାଣ୍ଟି ଦେଲା। ନିର୍ବାଚନରେ କୋଭିଡ୍‌ ନିୟମ ପାଳନ କରାଯାଇ ନ ଥିବାରୁ ମାଡ୍ରାସ ଉଚ୍ଚ ନ୍ୟାୟାଳୟ 'ନିର୍ବାଚନ କମିଶନ ହତ୍ୟାକାରୀ' ବୋଲି 'କଠୋର' ମନ୍ତବ୍ୟଟିଏ ଦେଇଥିଲେ। କୁମ୍ଭମେଳା ଓ ଚାରିଧାମ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ କରି 'ଆମେ ଗୋଟିକ ପରେ ଗୋଟିଏ ଭୁଲ୍‌ କରୁଛନ୍ତି' ବୋଲି ଉତ୍ତରାଖଣ୍ଡ ହାଇକୋର୍ଟ ସରକାରଙ୍କୁ ତାଗିଦ୍‌ କଲେ।

ଏପ୍ରିଲ ମାସ ଶେଷ ସପ୍ତାହରେ ଅକ୍ସିଜେନ ଅଭାବ ଯୋଗୁ ବହୁତ ରୋଗୀ ମୃତ୍ୟୁମୁଖରେ ପଡ଼ିଲେ। ଦିଲ୍ଲୀରେ ମଧ୍ୟ ସେହି ଅବସ୍ଥା ଜାରି ରହିଲା। ଅକ୍ସିଜେନ ଯୋଗାଣକୁ ନେଇ କେନ୍ଦ୍ର–ରାଜ୍ୟ ମଧ୍ୟରେ ବାଦାନୁବାଦ ଚାଲିଲା। ଏକ ଜନସ୍ୱାର୍ଥ ମାମଲାର ବିଚାର କରି 'ଅକ୍ସିଜେନ ଯୋଗାଣରେ ବାଧା ଦେଲେ ଫାଶୀ' ବୋଲି ଦିଲ୍ଲୀ ହାଇକୋର୍ଟ କଡ଼ା ଟିପ୍ପଣି ଦେଲେ। ଅବସ୍ଥାର କୌଣସି ପରିବର୍ତ୍ତନ ହୋଇ ନ ଥିବା ଲକ୍ଷ୍ୟ କରି ପୁନରାୟ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କଲେ – 'ତୁମେ ଓଟପକ୍ଷୀ ଭଳି ବାଲିରେ ମୁହଁ ପୋତି ପାରିବ, କିନ୍ତୁ ଆମେ ନୁହେଁ।' ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ ଅକ୍ସିଜେନ ଯୋଗାଇବାକୁ ହାତ ଯୋଡ଼ି ପ୍ରାର୍ଥନା କଲେ। ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନରେ କୋଭିଡ୍‌ ନିୟମର ଅନୁପାଳନରେ ଅବହେଳାକୁ ମାନ୍ୟବର କୋଲକାତା ହାଇକୋର୍ଟ ଗୁରୁତ୍ୱର ସହ ବିଚାରକୁ ନେଇ ନିର୍ବାଚନ କମିଶନକୁ ତାଗିଦ୍‌ କରିଥିଲେ।

ଦିଲ୍ଲୀ, ମାଡ୍ରାସ, ଉତ୍ତରାଖଣ୍ଡ ଓ କୋଲକାତା ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟକୁ ଦେଖି ସର୍ବୋଚ୍ଚ ନ୍ୟାୟାଳୟ ତତ୍ପର ହୋଇ ଉଠିଥିଲେ। 'ଆଉ ଚୁପ୍‌ ହୋଇ ବସିବୁ ନାହିଁ' ବୋଲି ନିଜ ଆଡୁ ଏକ ଶୁଣାଣି କରି ଏପ୍ରିଲ ୨୬ରେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କଲେ। କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ଉପରେ ଜାରି କରିଥିବା କଟକଣାକୁ ପ୍ରତ୍ୟାଖ୍ୟାନ, ମେଡିକାଲ ଅକ୍ସିଜେନ ଉପଲବ୍ଧ ଓ ଯୋଗାଣକୁ ସୁନିଶ୍ଚିତ କରିବାକୁ 'ଜାତୀୟ ଟାସ୍କ ଫୋର୍ସ' ଗଠନ, ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଟିକାର ସୁଷମ ବଣ୍ଟନ ଏବଂ ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଲେ। କୋଭିଡ୍‌–୧୯ ଜନିତ ପରିସ୍ଥିତିକୁ 'ଏକ ଅଭୂତପୂର୍ବ ମାନବିକ ସଙ୍କଟ' ବୋଲି ମଧ୍ୟ ସୁପ୍ରିମ୍‌ କୋର୍ଟ ଅଭିହିତ କରିଥିବା ବେଶ୍‌ ତାତ୍ପର୍ଯ୍ୟପୂର୍ଣ୍ଣ।

କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ପ୍ରଥମ ଲହରଠାରୁ ଦ୍ୱିତୀୟ ଲହର ଅଧିକ ଘାତକ ସାଜିଲା। ତାଳିମାଡ଼, ଥାଳିମାଡ଼, ଟିକା ଉତ୍ସବ ଭଳି ପ୍ରହେଳିକା ଏଥିରେ ରୋକ୍‌ ଲଗାଇ ପାରିଲା ନାହିଁ। ଗତ ମାସରେ ସରକାରୀ ହିସାବରେ ମୃତ୍ୟୁସଂଖ୍ୟା ୩ ଲକ୍ଷ ୭୦ ହଜାର ହୋଇଥିଲା ବେଳେ ନ୍ୟୁୟର୍କ ଟାଇମ୍ସର ସର୍ଭେ ଏହି ସଂଖ୍ୟାକୁ ୪୨ ଲକ୍ଷ ବୋଲି ଦର୍ଶାଇଲା। ଭାରତ ସରକାର ଏହାକୁ ଖଣ୍ଡନ କରିଥିଲେ ମଧ୍ୟ ବିଭିନ୍ନ ଶ୍ମଶାନରେ ଶବଦାହ ଏବଂ ଉତ୍ତରପ୍ରଦେଶରେ ଗଙ୍ଗା ନଦୀ ପାଣିରେ ଓ ବାଲିରୁ ଉଦ୍ଧାର କରାଯାଇଥିବା ମୃତଦେହ ସରକାରୀ ହିସାବକୁ ଓଲଟ ପାଲଟ କରିଦେଲା। ପ୍ରକୃତ ତଥ୍ୟ ଏଯାବତ୍‌ ଲୋକଲୋଚନକୁ ଆସିପାରିଲା ନାହିଁ।

ମହାମାରୀରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ କେନ୍ଦ୍ର ସରକାର ଟାଳଟୁଳ ନୀତି ଅନୁସରଣ କରୁଥିଲେ। ଏପରି କି ବିପର୍ଯ୍ୟୟ ପରିଚାଳନା ଆଇନର ଧାରା ୧୨କୁ ମଧ୍ୟ ସଂଶୋଧନ କରିଥିଲେ। ମାତ୍ର କେତେଗୁଡ଼ିଏ ପିଟିଶନ୍‌ର ଏକତ୍ର ଶୁଣାଣି କରି ସୁପ୍ରିମ୍‌ କୋର୍ଟ କ୍ଷତିପୂରଣ ଦେବା ନିମିତ୍ତ ୬ ସପ୍ତାହ ମଧ୍ୟରେ ସାନି ଗାଇଡ୍‌ ଲାଇନ୍‌ ଜାରି କରିବାକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲକ୍‌ଡାଉନ୍‌, ଶଟ୍‌ଡାଉନ୍‌ ଓ କୋଭିଡ୍‌ କଟକଣା ଭିତରେ ଦେଶର ଜନତା ଦୁଃଖ, ଯନ୍ତ୍ରଣା, ଅନାହାର ଓ ଅସହାୟତା ମଧ୍ୟରେ କାଳାତିପାତ କରୁଛନ୍ତି। ଏତିକି ବେଳେ ଦେଶର ଅଦାଲତ ଜନତାଙ୍କ ପାଖରେ ଛିଡ଼ା ହୋଇଛନ୍ତି। ମାତ୍ର ସରକାର ଏହାକୁ ସହ୍ୟ କରିପାରୁ ନାହାନ୍ତି। 'ଅଦାଲତ ନିଜ ସୀମା ଭିତରେ ରହିବା ଉଚିତ' ବୋଲି ଏକ ସତ୍ୟପାଠରେ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ମାତ୍ର ନ୍ୟାୟାଳୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ ଅନୁଯାୟୀ ଦେଶର ସମସ୍ତ ନାଗରିକଙ୍କୁ ସମାନ ସୁବିଧା ଓ ସୁରକ୍ଷା ଯୋଗାଇ ଦେବାକୁ ସରକାରଙ୍କୁ ଚେତାଇ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପ୍ରତି ଅସହିଷ୍ଣୁ ନ ହୋଇ ସରକାର ଏଥିରୁ କିଛି ଶିକ୍ଷା ଗ୍ରହଣ କଲେ ଦେଶବାସୀଙ୍କର ମଙ୍ଗଳ ହେବ।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ବନବିଭାଗର ଜଣେ ଉଚ୍ଚ ପଦାଧିକାରୀଙ୍କ ନିଷ୍ଠାପର କାର୍ଯ୍ୟ କିଭଳି ପରିବେଶ ଓ ଜୀବଜଗତ ଲାଗି ଉପଯୋଗୀ ହୋଇପାରେ ତାହାର ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡରେ। ରୁଦ୍ରପ୍ରୟାଗରେ ଡିଏଫ୍‌ଓ ଭାବେ କାର୍ଯ୍ୟରତ ଆଇଏଫ୍‌ଏସ୍‌ ଅଧିକାରୀ ବୈଭବ ସିଂ ବର୍ଷାଜଳ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ୨୦୧୫ରେ ଦାୟିତ୍ୱ ନେବା ପରେ ଏବେ ସୁଦ୍ଧା ସେ ୧ କୋଟି ଲିଟର ବର୍ଷାଜଳ ସଂରକ୍ଷଣ କରି ବନାଗ୍ନିରୁ ହିମାଳୟର ୪୦୦ ହେକ୍ଟର ବନସମ୍ପଦକୁ ରକ୍ଷା କରିବା ସହ ଜଙ୍ଗଲ ଓ ବନବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ଜଳ ସଂରକ୍ଷଣ ପାଇଁ ବୈଭବ ଓ ତାଙ୍କ ବନଖଣ୍ଡର କର୍ମଚାରୀମାନେ ୬୧୨ଟି ଖାଲ ବା ଗାଡ଼ିଆ ଖୋଳିଛନ୍ତି। ପ୍ରତ୍ୟେକଟିର ଜଳଧାରଣ କ୍ଷମତା ୧୦,୦୦୦ ଲିଟରରୁ ୨,୫୦,୦୦୦ ଲିଟର ମଧ୍ୟରେ ରହିଛି। ସମୁଦ୍ର ପତ୍ତନଠାରୁ ୧ରୁ ୨ ହଜାର ମିଟର ଉଚ୍ଚରେ ସଞ୍ଚିତ ଏହି ପାଣିକୁ ସେ ବିଭିନ୍ନ ପ୍ରୋଜେକ୍ଟ ମାଧ୍ୟମରେ ଲୋକଙ୍କୁ ଯୋଗାଇ ଦେବାରେ ବାଟ ଦେଖାଇଛନ୍ତି। ସଂରକ୍ଷିତ ଜଳକୁ ନେଇ ଉତ୍ତରାଖଣ୍ଡ ସରକାର ପ୍ରାୟ ଛୋଟବଡ଼ ୭୦ଟି ଓ୍ୱାଟର ପ୍ରୋଜେକ୍ଟ କାର୍ଯ୍ୟକାରୀ କରୁଛନ୍ତି। କେବଳ ଏତିକି ନୁହେଁ ବନାଞ୍ଚଳରେ ଏକ ପ୍ରକାର ଘାସ ରୋପଣ କରି ମୃତ୍ତିକା କ୍ଷୟ ରୋକିବାରେ ସେ ସଫଳ ହୋଇଛନ୍ତି।

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଲି ତହିଁ ନବ
ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୬ ଜୁଲାଇ ୧୯୯୬

- ଦକ୍ଷିଣ ଭିଏତ୍‌ନାମର ମେକଙ୍ଗ ତ୍ରିକୋଣଭୂମି ଅଞ୍ଚଳରେ ଏକ ତୈଳବାହୀ ଟ୍ୟାଙ୍କର ସହ ଯାତ୍ରୀବାହୀ ବୋଟ୍‌ର ଧକ୍କା ହେବାରୁ ୧୧ ଜଣଙ୍କ ମୃତ୍ୟୁ।
- ଦଳବିରୋଧୀ କାର୍ଯ୍ୟ ପାଇଁ ଜନତା ଦଳର ତୁଙ୍ଗ ନେତ୍ରୀ ତଥା ପାର୍ଲାମେଣ୍ଟ ସଦସ୍ୟ ମେନକା ଗାନ୍ଧୀ ୬ ବର୍ଷ ପାଇଁ ଦଳରୁ ବହିଷ୍କୃତ।
- ଦିଲ୍ଲୀ ଦଙ୍ଗାରେ ନିହତ ଶିଖମାନଙ୍କ ବିଧବା ପତ୍ନୀଙ୍କୁ ୩.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| | | | 2 | | | | 5 | |
| | | 6 | 4 | 7 | | | | |
| 5 | 1 | | | 4 | | 7 | | |
| | 4 | | | 3 | | 8 | | 2 |
| | | | 6 | | | | | 3 |
| | 9 | 8 | 3 | | | | | |
| 1 | | | | | | 9 | | |
| | 7 | | 5 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 6 | 4 | 2 | 5 | 9 | 3 |
| 2 | 5 | 3 | 7 | 9 | 1 | 4 | 8 | 6 |
| 9 | 4 | 6 | 3 | 8 | 5 | 7 | 2 | 1 |
| 8 | 9 | 2 | 5 | 3 | 7 | 1 | 6 | 4 |
| 4 | 6 | 5 | 2 | 1 | 8 | 3 | 7 | 9 |
| 3 | 1 | 7 | 4 | 6 | 9 | 2 | 5 | 8 |
| 6 | 2 | 4 | 8 | 5 | 3 | 9 | 1 | 7 |
| 1 | 7 | 8 | 9 | 2 | 4 | 6 | 3 | 5 |
| 5 | 3 | 9 | 1 | 7 | 6 | 8 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଦେଶୀ ଥିଲା ଅର୍ଥବ୍ୟବସ୍ଥାର ମୂଳ ଆଧାର

ମହାଶୟ,

ଭାରତବର୍ଷର ବିକାଶ ପାଇଁ ଏକ ନୂତନ ମୂଲ୍ୟଭିତ୍ତିକ ପରି ଯୋଜନାର ଆବଶ୍ୟକତା ରହିଛି କୋଭିଡ୍‌–୧୯ର ଅନୁଭୂତିରୁ ସ୍ପଷ୍ଟ ହୋଇଛି। କିନ୍ତୁ ପରିତାପର ବିଷୟ ସ୍ୱାଧୀନତା ପରେ ଆବଶ୍ୟକତା ଅନୁଯାୟୀ ଦେଶରେ ଅର୍ଥନୈତିକ ନୀତି ନିର୍ଦ୍ଧାରଣ ହୋଇପାରିଲା ନାହିଁ। ଆଜି ଆମ ବୈଦେଶିକ ନୀତି ଓ ସୀମା ବିବାଦକୁ ନେଇ ଚାଇନା ଭଳି ଦେଶ ସହ ଉପୁଜିଥିବା ସମସ୍ୟାକୁ ନେଇ ଆମେ ପଛରେ ପଡ଼ିଯାଇଛନ୍ତି। ଗାନ୍ଧିଜୀଙ୍କ ସ୍ୱରାଜ ପରିକଳ୍ପନାରେ ସ୍ୱଦେଶୀ ଥିଲା ଭାରତୀୟ ଅର୍ଥବ୍ୟବସ୍ଥାର ମୂଳ ଆଧାର। ଗାନ୍ଧିଜୀଙ୍କ ଅର୍ଥନୈତିକ ବିଚାର ଉଭୟ ପୁଞ୍ଜିବାଦ ଓ ସାମ୍ୟବାଦର ବିକଳ୍ପ, ଯେଉଁଥିରେ ଲୋଭ ଓ ଲାଭ କିମ୍ବା ଶ୍ରେଣୀ ଓ ଶୋଷଣହୀନ ସମାଜ ପ୍ରତିଷ୍ଠା ଲାଗି ହିଂସା, ଦ୍ୱେଷ, ଭୟ ଓ ଅତ୍ୟାଚାର ନାହିଁ। ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଗଢ଼ା ଗାନ୍ଧୀ ଅର୍ଥନୀତି ସମାଜରେ ସବୁଠାରୁ ଦରିଦ୍ରତମ ଲୋକର ବିକାଶ ପାଇଁ ଉଦ୍ଦିଷ୍ଟ। ଗାନ୍ଧିଜୀଙ୍କ ଅର୍ଥନୀତି ଏତେ ସରଳ ଯେ ଏଥିରେ ସଂଘର୍ଷ ନାହିଁ। ସ୍ୱାଧୀନତା ପରେ ଆମେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଅନୁକରଣ କରି ଦେଶ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କଲୁ। କିନ୍ତୁ ଏହା ଭିତରେ ନିଜ ଲୋକଙ୍କ ଜ୍ଞାନ ଏବଂ ଦକ୍ଷତାକୁ ଆମେ ଭୁଲିଗଲୁ ବା ଦୃଷ୍ଟି ଦେଲୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପ୍ରତ୍ୟେକଟି କଥାରେ ସ୍ୱଦେଶୀକୁ ଗୁରୁତ୍ୱ ଦେଉଥିବା କହିଚାଲିଛନ୍ତି। କହିବା ବଦଳରେ ଯଦି ଏସବୁକୁ କାର୍ଯ୍ୟରେ ପରିପ୍ରକାଶ କରାଯାଏ ତେବେ ସୁନାର ଭାରତ ନିଜର ଶକ୍ତି ବୃଦ୍ଧି କରିପାରିବ। କେବଳ ସ୍ୱଦେଶୀ ଜ୍ଞାନ କୌଶଳକୁ ଆପଣାଇପାରିଲେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ ସମ୍ଭବ ହୋଇପାରିବ।

–ଦେବତିକ୍ତ ମିଶ୍ର, 'ଦେବଭବନ'
ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### କାର୍ କାଚ ଭାଙ୍ଗି ଲୁଟିନେଲେ ୪୦ ହଜାର

**ସୋନପୁର,(ନି.ପ୍ର.):** ଜଣେ ବ୍ୟବସାୟୀଙ୍କ କାର କାଚ ଭାଙ୍ଗି ଦୁର୍ବୃତ୍ତମାନେ ୪୦ହଜାର ଟଙ୍କା ଲୁଟି ନେଇଛନ୍ତି। ସୁବର୍ଣ୍ଣପୁର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ସୋମବାର ଅପରାହ୍ଣରେ ଏହି ଘଟଣା ଘଟିଛି। ରାମପୁର ଅଞ୍ଚଳର ସୁଶାନ୍ତ କୁମାର ସାହୁ ସୋନପୁର ସହର କୁଞ୍ଜ ଛକଠାରେ କୀଟନାଶକ ଦୋକାନ କରିଛନ୍ତି। ସେ କାର ନେଇ ସୋନପୁର କଲେଜ କ୍ୟାଣ୍ଟିନ୍‌କୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ। ସାହୁ ଖାଇ ସାରି ଫେରିବା ବେଳକୁ କାର କାଚ ଭାଙ୍ଗି ଟଙ୍କା ଲୁଟ୍ ହୋଇ ସାରିଥିଲା । ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିବା ସହିତ ତନାଘନା ଆରମ୍ଭ କରିଛି । ତେବେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇନି।

## ସଂକ୍ଷେପରେ

### ଦୁଇ ନୂତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ

**ଅତାବିରା,୫।୭ (ଡି.ଏନ.ଏ):** ବରଗଡ ଜିଲା ଗୋଡଭଗା ଓ ରୁଖୁଡା ଫାଣ୍ଡିରେ ଦୁଇ ଜଣ ନୂତନ ଫାଣ୍ଡି ଅଧିକାରୀ ଯୋଗଦାନ କରିଛନ୍ତି। ଗୋଡଭଗା ଫାଣ୍ଡିରେ ବିପିନ ବାଗ ଓ ରୁଖୁଡା ଫାଣ୍ଡିରେ ଅରୂପ ରଞ୍ଜନ ବରେଇ ଫାଣ୍ଡି ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଏହି ଦୁଇ ଫାଣ୍ଡି ଅଞ୍ଚଳରେ ଜୁଆ, ସଟ୍ଟା, ଲୁଟ୍‌ପାଟ ଭଳି ଘଟଣା ସହିତ ଦୁର୍ଘଟଣା ମାମଲା ଗୁଡିକର ତଦନ୍ତ ଅଗ୍ରଗତି ହୋଇପାରୁ ନ ଥିଲା। ବରଗଡ ଏସ୍‌ପି ପଦ୍ମିନୀ ସାହୁଙ୍କ ଦୃଷ୍ଟିକୁ ଆସିବା ପରେ ଦୁଇ ଫାଣ୍ଡି ଅଧିକାରୀଙ୍କୁ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି।

### ସୋଲାର ପାନୀୟ ଜଳପ୍ରକଳ୍ପ ଅଚଳ

**ବାଉଁଶୁଣୀ,୫।୭(ଡି.ଏନ.ଏ):** ବୌଦ୍ଧ ବ୍ଲକ ଖଲିଆପାଲି ପଞ୍ଚାୟତ ଗୁଦୁଗୁଦା ସାପ୍ତାହିକ ବଜାର ନିକଟରେ ଥିବା ସୋଲାର ପାନୀୟ ଜଳପ୍ରକଳ୍ପ ପ୍ରାୟ ୨ ମାସ ହେବ ଅଚଳ ହୋଇ ପଡିରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ବୌଦ୍ଧ ବ୍ଲକ ତରଫରୁ ୫ ଲକ୍ଷ ଟଙ୍କାର ଅନୁଦାନରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ବାରମ୍ବାର ପ୍ରକଳ୍ପ ଅଚଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ଉପରେ ୧୨ଟି ପରିବାର ନିର୍ଭର କରନ୍ତି। ବଜାର ଆସୁଥିବା ବ୍ୟବସାୟୀ ଓ ଗ୍ରାହକମାନେ ମଧ ଏଠାରୁ ପାଣି ନେଇଥାନ୍ତି। ତୁରନ୍ତ ଏହି ଅଚଳ ଜଳପ୍ରକଳ୍ପ ମରାମତି କରିବାକୁ ଦାବି ହେଉଛି।

### ଶାନ୍ତିବନରେ ୭୨ତମ ବନ ମହୋତ୍ସବ

**ଜାମଟିକ୍ରା,୫।୭(ଡି.ଏନ.ଏ):** ଅତାବିରା ବ୍ଲକ ଟାଙ୍ଗରପାଲି ଶାନ୍ତିବନ ଆଶ୍ରମରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ତରଫରୁ ସୋମବାର ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରାରୋପଣ କରାଯାଇଥିଲା। ଆଶ୍ରମର ସ୍ୱାମୀଜୀ ନାରଦାନନ୍ଦ ସରସ୍ୱତୀଙ୍କ ସମେତ ଅତାବିରା ବ୍ଲକର ପୂର୍ବତନ ଅଧକ୍ଷ ଚିତ୍ତରଞ୍ଜନ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଯାଚକେଶ୍ୱର ପଧାନ, ଅବସରପ୍ରାପ୍ତ ଶିଶୁରୋଗ ବିଶେଷଜ୍ଞ ପଲଭ ପଧାନ, ଅବସରପ୍ରାପ୍ତ ଅଧାପକ ଗୋରାଚାନ୍ଦ ମହାପାତ୍ର, ପୂର୍ବତନ ସରପଞ୍ଚ ବୈଶାଖୁ ଭୋଇ, ବରଗଡ ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ନିରୋଜ ବାରିକ, ଫରେଷ୍ଟର ନୀଳାଞ୍ଚଳ ଜେନା ଓ ଫରେଷ୍ଟ ଗାର୍ଡ ଭୁବନେଶ୍ୱର ମୁଦୁଲି ଅଂଶଗ୍ରହଣ କରିଥିଲେ।

### ଭାଗବତ ମନ୍ଦିର ଜମି ଜବରଦଖଲ

**ବାଉଁଶୁଣୀ,୫।୭ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ମନମୁଣ୍ଡା ଗ୍ରାମପଞ୍ଚାୟତର ବାସୁଦେବପାଲି ଗ୍ରାମରେ ଥିବା ଶ୍ରୀ ଶ୍ରୀ ଭାଗବତ ସ୍ୱାମୀଙ୍କ ବିଜେସ୍ଥଳୀ ଓ ତତ୍‌ସଂଲଗ୍ନ ସର୍ବସାଧାରଣ ଜମିକୁ ଜଣେ ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ ରେକର୍ଡ କରାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ତହସିଲଦାର ତଦନ୍ତ କରି ରିପୋର୍ଟ ଦେବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାସୁଦେବପାଲି ମୌଜାର ଖାତା ନମ୍ବର ୭୩/୦୬ର ପ୍ଲଟ ନଂ. ୧୪୨ରେ ୬ ଡେସିମିଲ ଜମି ରହିଥିଲା। ଉକ୍ତ ପ୍ଲଟ ନମ୍ବରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏକ ଭାଗବତ ମନ୍ଦିର ରହିଛି। ଗତ ଜୁନ୍ ୨୬ ତାରିଖରେ ରାଜସ୍ୱ ନିରୀକ୍ଷକ ମନ୍ଦିର ପ୍ଲଟ୍‌କୁ ଡିମାର୍କେଶନ କରିଥିଲେ। ଏହି ସମୟରେ ଉକ୍ତ ପ୍ଲଟ୍ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ଗତ ୧୯୯୮ରୁ ରେକର୍ଡ ହୋଇ ସାରିଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଉକ୍ତ ବିବାଦୀୟ ପ୍ଲଟ ଉପରେ ତଦନ୍ତ କରି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି ।

### ଜବାହର ଉଚ୍ଚ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ

**କେସିଙ୍ଗା, ୫।୭ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଜବାହର ଉଚ୍ଚ ବିଦ୍ୟାପୀଠଠାରେ ସୋମବାର ବନ ମହୋତ୍ସବ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ସଭାପତିତ୍ୱ କରିଥିଲେ। କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଏଏସ ମୂର୍ତ୍ତି, କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ତରୁଣକାନ୍ତି ମିଶ୍ର, କେସିଙ୍ଗା ଉତ୍ତର ବନଖଣ୍ଡର ଫରେଷ୍ଟର ଦେବବ୍ରତ ମିଶ୍ର, ମଞ୍ଜୁବାଳା ଶତପଥୀ ଏବଂ ବନ ବିଭାଗ କର୍ମଚାରୀମାନେ ତଥା ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିମ୍ବ, କରଞ୍ଜ, ଦେବଦାରୁ ଚାରାରୋପଣ କରାଯାଇଥିଲା ।

# ସମସ୍ୟା ପୁରୁଣା, ଆଶା ନୂଆ

**ବରଗଡ଼ ଅଫିସ୍,୫।୭**

ବରଗଡ଼ର ନୂତନ ଜିଲାପାଳ ଭାବେ ମୋନିଷା ବାନାର୍ଜୀ ଯୋଗଦାନ କରିଛନ୍ତି। ଦୀର୍ଘବର୍ଷର ବ୍ୟବଧାନ ପରେ ଜିଲାବାସୀ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଜିଲାପାଳ ଭାବେ ପାଇଛନ୍ତି। ନୂତନ ଜିଲାପାଳଙ୍କ ଉପରେ ଭରସା କରି ସୋମବାର ଜିଲାର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲାପାଳ ବାନାର୍ଜୀଙ୍କୁ ଭେଟି କିଏ ଭତ୍ତା, ରାଶନ କାର୍ଡ଼ ତ ଆଉ କେହି ଗୃହ ନିର୍ମାଣ ଯୋଜନା ଆଦି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ସୋମବାର ଲୋକେ ସିଧାସଳଖ ଜିଲାପାଳ ବାନାର୍ଜୀଙ୍କୁ ଭେଟି ସ୍ୱାଗତ କରିବା ସହ ନିଜ ସମସ୍ୟା ଅବଗତ କରିବାର ସୁଯୋଗ ପାଇଥିଲେ ଏବଂ ନୂଆ ଆଶା ନେଇ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା।

ଜିଲାପାଳଙ୍କୁ ଭେଟିଥିବା ବରଗଡ଼ର ବୃଦ୍ଧା ଦଶମତୀ ହାତଖୁଜିଆ କହିଥିଲେ, ଆମେ ଗରିବ। ପୂର୍ବ ପୁରୁଷ ଅମଳରୁ ସ୍ଥାନୀୟ ପଞ୍ଚାୟତ କଲେଜ ପାଖରେ ଥିବା ଜମିରେ ବସ୍ତି କରି ରହିଆସୁଛୁ। ଅନ୍ୟ ଜଣେ ଏବେ ତାହା ନିଜର ରୟତ ଜମି ଦାବି କରି ସେଠାରୁ ଉଚ୍ଛେଦ କରିବା ଯୋଜନା କରୁଛନ୍ତି। ଏହି ଅଭିଯୋଗ ନେଇ ପୂର୍ବରୁ ଆମେ ଜିଲାପାଳଙ୍କୁ ଜଣାଇଥିଲୁ। କିନ୍ତୁ କିଛି ପଦକ୍ଷେପ ନିଆଯାଇନାହିଁ। ନୂତନ ଜିଲାପାଳ ଆସିଥିବା ଖବର ପାଇ ଆମେ ପଡ଼ାବାସୀ ଆଜି ପୁଣି ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲୁ। ଜିଲାପାଳ ଆମ କଥା ଶୁଣିଲେ ଏବଂ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଲେ। ସେହିପରି ଭେଡ଼େନ ବ୍ଲକ ଲୁପୁରସିଂହା ଗ୍ରାମର ଏକ ବୃଦ୍ଧ ଦମ୍ପତି କହିଥିଲେ, ଆମର ଭଲ ଘରଦ୍ୱାର ନାହିଁ। ଗୃହ ନିର୍ମାଣ ଯୋଜନାରେ ଘର ପାଇଁ ଅନେକଥର ଗୁହାରି କରିଛୁ। କିନ୍ତୁ ରୟତ ଜମି ନ ହେଲେ ସେହି ସୁବିଧା ମିଳିବ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଆମେ ଅନୁସୂଚିତ ଜନଜାତି ଶ୍ରେଣୀର ଲୋକ ଏବଂ ଆମର ନିଜର ରୟତ ଜମିବାଡ଼ି ନାହିଁ। ଏ ନେଇ ଜିଲାପାଳଙ୍କୁ ଜଣାଇବାରୁ ସେ ସାଙ୍ଗେ ସାଙ୍ଗେ ଭେଡ଼େନର ବିଭାଗୀୟ ଅଧିକାରୀଙ୍କୁ ଫୋନ କରିଥିଲେ। ଫଳରେ ଆମ ସମସ୍ୟାର ସମାଧାନ ହେବ ବୋଲି ଆଶା ରଖିଛୁ। ସେହିପରି ବରଗଡ଼ର ବିମଳାଦେବୀ ଚାରିଟେବୁଲ ଟ୍ରଷ୍ଟର ସୁଶୀଲ ଅଗ୍ରୱାଲ ମଧ୍ୟ ଜିଲାପାଳଙ୍କୁ ଭେଟି ଅନାଥାଶ୍ରମ ସମସ୍ୟା ଉପରେ ଅବଗତ କରିଥିଲେ। ଜିଲାପାଳ ସେ ଦିଗରେ ନିଶ୍ଚୟ ପଦକ୍ଷେପ ନେବେ ବୋଲି ତାଙ୍କର ଆଶା ରହିଛି ବୋଲି ଅଗ୍ରୱାଲ କହିଛନ୍ତି।



ସମସ୍ୟା ଜଣାଇବା ପାଇଁ ଜିଲାପାଳ ଅଫିସ ଆଗରେ ଲୋକେ ଧାଡ଼ିରେ ଛିଡ଼ା ହୋଇଛନ୍ତି ।

**ସମସ୍ୟାର ସମାଧାନ ହିଁ କର୍ତ୍ତବ୍ୟ**



ଲୋକଙ୍କ ସମସ୍ୟାର ସମାଧାନ ପାଇଁ ହିଁ ଆମେ ଅଛୁ। କିନ୍ତୁ ସବୁ ସମସ୍ୟାର ସମାଧାନ ସାଙ୍ଗେ ସାଙ୍ଗେ ହୋଇପାରୁନାହିଁ। ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ମୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛି। କିନ୍ତୁ ସବୁ ସମସ୍ୟାର ସମାଧାନ ମଧ୍ୟ ଆମ ପାଖରେ ନାହିଁ। ଲୋକେ ତାହା ବୁଝିବା କଥା। କିନ୍ତୁ ଯେତେବେଳେ ବି ଲୋକେ ସେମାନଙ୍କ ସମସ୍ୟା ନେଇ ଆସୁଛନ୍ତି, ନିଶ୍ଚିତ ଭାବେ ତା'ର ସମାଧାନ ପାଇଁ ଆମେ ଚେଷ୍ଟା କରିବା।

-ମୋନିଷା ବାନାର୍ଜୀ, ଜିଲାପାଳ

# ଅନନ୍ୟ ପ୍ରତିଭା ଅନସୂୟା



ଅନସୂୟା ଜଣେ ବିଧବାଙ୍କୁ ସହାୟତା ଦେଉଛନ୍ତି।

**ଅତାବିରା,୫।୭ (ଡି.ଏନ.ଏ)**

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଛୋଟ ବେଳୁ ଜଣେ କୁନି ଝିଅର ପ୍ରତିଭା ଦେଖା ଯାଇଥିଲା। ଦିନକୁ ଦିନ ସେହି ଝିଅଟି ବଡ ହେବାକୁ ଲାଗିଲେ। ପ୍ରଥମ ଶ୍ରେଣୀରୁ ପାଠ ପଢ଼ା ଆରମ୍ଭ କରି ଉଚ୍ଚ ଶିକ୍ଷିତା ହୋଇ ଜଣେ ଶିକ୍ଷୟିତ୍ରୀ ହେଲେ। ପେଶା ହେଉଛି ଶିକ୍ଷା କିନ୍ତୁ ନିଶା ତାଙ୍କର ସମାଜସେବା। ନିଜ ପ୍ରତିଭା ବଳରେ ସେ ଅତାବିରା ଠାରୁ ଆରମ୍ଭ କରି ଭୁବନେଶ୍ୱର, ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିପାରିଛନ୍ତି। ଏଭଳି ଜଣେ ପ୍ରତିଭାଧାରୀ ହେଉଛନ୍ତି ବରଗଡ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଅନସୂୟା ଦେବତା।

**ପେସା ଶିକ୍ଷକତା, ନିଶା ସମାଜସେବା**

ଅନସୂୟାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍‌ଏସ୍‌ସି ବିଏଡ୍। ସେ ଗାଇଡ କ୍ୟାପଟେନ୍ ଭାବେ ମଧ ପରିଚିତ। ଅନସୂୟା ବସନ୍ତ ବିଶ୍ୱାଳ ଆୱାର୍ଡ, ପ୍ରକୃତି ବନ୍ଧୁ, ଲିଡରଶିପ୍ ଭଳି ବହୁ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୁଷ୍ଠ ରୋଗୀ, ବିକଳାଙ୍ଗ, ଅନାଥ, ସଡ଼କ ଦୁର୍ଘଟଣାରେ ପଡି ରହିଥିବା ବ୍ୟକ୍ତି ବିଶେଷଙ୍କୁ ସହଯୋଗର ହାତ ବଢ଼ାଇ ଅନସୂୟା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ପ୍ରଥମ କିସ୍ତି ପରେ ମିଳିନି ଆବାସ ଯୋଜନା ଟଙ୍କା

- ଲୁତୁରପଙ୍କ ପଞ୍ଚାୟତ
- ଭଙ୍ଗାଘରେ ଭିନ୍ନକ୍ଷମ କ୍ଷୀରସିନ୍ଧୁ
- ଖୁବ୍‌ଶୀଘ୍ର ବାକି ଟଙ୍କା ଦିଆଯିବ: ପିଇଓ

**ଅମରପାଲି, ୫।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ଆବାସ ଯୋଜନା ଅବ୍ୟବସ୍ଥାର ଏକ ଚିତ୍ର ଦେଖିବାକୁ ମିଳିଛି। ପ୍ରଥମ କିସ୍ତି ଟଙ୍କା ପରେ ବାକି ଟଙ୍କା ଆଉ ମିଳି ପାରୁନାହିଁ। ଫଳରେ ଘର ସମ୍ପୂର୍ଣ୍ଣ ହୋଇ ପାରୁନାହିଁ।

ବାବୁପାଲି ଗ୍ରାମରେ ରୁହନ୍ତି ଭିନ୍ନକ୍ଷମ କ୍ଷୀରସିନ୍ଧୁ ବେହେରା। ୨୦୧୫-୧୬ ଆର୍ଥିକ ବର୍ଷରେ ତାଙ୍କୁ ଏକ ଇନ୍ଦିରା ଆବାସ ମିଳିଥିଲା। ସେହି ସମୟରେ ୭୫ ହଜାର ଟଙ୍କାର ଘର ଆସୁଥିବାରୁ କାର୍ଯ୍ୟାଦେଶ ପରେ ପ୍ରଥମ କିସ୍ତିର ୧୫ହଜାର ଟଙ୍କା ମଧ ପ୍ରଦାନ କରାଯାଇଥିଲା। ସେ ଘର କାମ ଆରମ୍ଭ କରିଥିଲେ। ମାତ୍ର ପରବର୍ତ୍ତୀ କିସ୍ତି ଟଙ୍କା ଆଉ ତାଙ୍କୁ ମିଳିଲା ନାହିଁ । ତେଣୁ ଘର ଅସମ୍ପୂର୍ଣ୍ଣ ରହିଲା। ଏବେ ବାଧ ହୋଇ ଭଙ୍ଗାଘରେ ପରିବାର ସହିତ ରହୁଛନ୍ତି କ୍ଷୀରସିନ୍ଧୁ। ସ୍ତ୍ରୀ ଓ ଦୁଇ ନାବାଳକ ପୁଅକୁ ନେଇ ବଡ଼କଷ୍ଟରେ ସେ ରହୁଛନ୍ତି। ସୀମିତ ରୋଜଗାରରେ ଚାରିପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହେଉଥିବା କହିଛନ୍ତି କ୍ଷୀରସିନ୍ଧୁଙ୍କ ସ୍ତ୍ରୀ ସବିତା। ଏହି ସ୍ଥିତିରେ ଘର ତିଆରି କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ପପୁନ କୁମାର ସାହୁଙ୍କୁ ପଚାରିବାରୁ କ୍ଷୀରସିନ୍ଧୁଙ୍କୁ ୨୦୧୫-୧୬ରେ ଇନ୍ଦିରା ଆବାସ ଯୋଜନାରୁ ୭୫ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ଇନ୍ଦିରା ଆବାସ ବଦଳରେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇ ୧ ଲକ୍ଷ ୩୦ ହଜାର ଟଙ୍କା ଦିଆଯାଉଛି। ପୂର୍ବରୁ ଯୋଜନା ବନ୍ଦ ହେବାରୁ ତାଙ୍କ ଟଙ୍କା ମିଳି ପାରିନାହିଁ। ନୂତନ ଟଙ୍କା ଆସିବା ପରେ ଖୁବ୍‌ଶୀଘ୍ର ତାଙ୍କ ବାକିଆ ଟଙ୍କା ଦିଆଯିବ ବୋଲି କହିଛନ୍ତି।



ଭଙ୍ଗାଘର ସମ୍ମୁଖରେ ଭିନ୍ନକ୍ଷମ କ୍ଷୀରସିନ୍ଧୁ ବେହେରା।

### ସମ୍ବଲପୁର, ବରଗଡ଼ରେ ୪ଦିନ ବିଦ୍ୟୁତ୍ କାଟ

**ସମ୍ବଲପୁର,୫।୭ (ବ୍ୟୁରୋ)**

ସମ୍ବଲପୁର ଚିପିଲିମା ପାୱାର ହାଉସ୍‌ରେ ମରାମତି କାମ ଯୋଗୁ ସମ୍ବଲପୁର ଓ ବରଗଡ ଜିଲାର ଅନେକ ଅଞ୍ଚଳକୁ ୪ଦିନ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହେବ। ଓଏଚ୍‌ପିସି ପକ୍ଷରୁ ଚିପିଲିମାରେ ପାୱାର ଟ୍ରାନ୍ସଫର୍ମରରେ ୧୨.୫ ଏମ୍‌ଭିଏ କ୍ଷମତାବିଶିଷ୍ଟ ନୂଆ ପାୱାର ବ୍ରେକର ସ୍ଥାପନ କରାଯିବ। ଏହି କାରଣରୁ ୭ ତାରିଖ ସକାଳ ୮ଟାରୁ ୧୦ ତାରିଖ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ସମ୍ବଲପୁର ସର୍କଲର ଗୋଶାଳା, ଚିପିଲିମା, ଧମା, କୁଦରୁଣ୍ଡେରପୁର, ହାତୀବାରି, ତୁଲୁଣ୍ଡି ଓ ଯୁଯୁମୁରା ଅଞ୍ଚଳ ଏବଂ ବରଗଡ ସର୍କଲର ଖୁଣ୍ଟୁଲିପାଲି, ଗଣ୍ଡତୁରୁମ, ମହୁଲପାଲି ଓ ଧାତୁକପାଲି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହେବ। ପ୍ରତି ୩ ଘଣ୍ଟାରେ ଥରେ ଏକଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଞ୍ଚଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ୨୪ ମେଗାୱାଟ ବିଦ୍ୟୁତ୍ ଯୋଗାଣର ଆବଶ୍ୟକତା ଥିବାବେଳେ ଓଏଚ୍‌ପିସି ଏହି ଅବଧି ମଧରେ ମାତ୍ର ୧୬ ମେଗାୱାଟ ବିଦ୍ୟୁତ୍ ଯୋଗାଇବ। ତଥାପି ଓଏଚ୍‌ପିସି ସହିତ ଯୋଗସୂତ୍ର ରକ୍ଷା କରି ପ୍ରତି ୨୪ ଘଣ୍ଟାରେ ସର୍ବାଧିକ ୬ ଘଣ୍ଟା ମଧରେ ବିଦ୍ୟୁତ କାଟ୍ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍‌ର ପକ୍ଷରୁ ଏହାର କର୍ପୋରେଟ୍ କମ୍ୟୁନିକେଶନ୍ ମୁଖ୍ୟ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ କେବିକେ ଯୁଗ୍ମ ପ୍ରଶାସକ



ବ୍ଲକ କାର୍ଯ୍ୟାଳୟରେ କେବିକେ ଯୁଗ୍ମ ପ୍ରଶାସକ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

**ଦେଓଗାଁ,୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ସୋମବାର କେବିକେ ଯୁଗ୍ମ ପ୍ରଶାସକ ନୃପରାଜ ସାହୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ବିଡିଓ ମୂରଲୀଧର ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଯନ୍ତ୍ରୀ ଜ୍ୟୋତିରଞ୍ଜନ ମହାନ୍ତି, କୃଷ୍ଣପ୍ରିୟା ମଣ୍ଡଳ,ସାଗରିକା ଜେନା, କୁମୁଦିନୀ ବେହେରା, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ଏବିଡିଓ ରୁଦ୍ର ପ୍ରସାଦ ସୁନାଙ୍କ ଉପସ୍ଥିତିରେ ସେ ସମୀକ୍ଷା କରିଥିଲେ । ପ୍ରଥମେ ବ୍ଲକରେ ସମ୍ପାଦିତ ବିଜୁ କେବିକେ ଯୋଜନାର ଅଗ୍ରଗତି ଉପରେ ସେ ଆଲୋଚନା କରିଥିଲେ । ପରେ ଅନ୍ୟାନ୍ୟ ଯୋଜନାର ଠିକ ତଥ୍ୟ ନ ମିଳିବାରୁ ବିରକ୍ତି ପ୍ରକାଶ କରିଥିଲେ। ମାସକ ପରେ ଆଉ ଥରେ ସମୀକ୍ଷା କରାଯିବ ଓ ସେ ସମୟରେ ସମସ୍ତ ଯୋଜନାର ଆବଶ୍ୟକ ତଥ୍ୟ ଉପସ୍ଥାପନ କରିବା ପାଇଁ ବ୍ଲକ ପ୍ରଶାସନକୁ ତାଗିଦ୍ କରିଥିଲେ। ପରେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଦସ୍ୟ ଗୁରୁଦେବ ରଣା କେବିକେ ଯୁଗ୍ମ ପ୍ରଶାସକଙ୍କୁ ସାକ୍ଷାତ୍ କରି ବ୍ଲକର ବିଭିନ୍ନ ସମସ୍ୟା ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଟୋକନ ଲାପ୍ସକୁ ନେଇ ଧାରଣା

**ଡୁଙ୍ଗୁରିପାଲି, ୫।୭ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଂଗ୍ରେସ କମିଟି ଆନୁକୂଲ୍ୟରେ ସୋମବାର ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଚାଷୀଙ୍କ ଟୋକନ ଲାପ୍ସକୁ ନେଇ ଧାରଣା ଦିଆଯାଇଥିଲା। ବ୍ଲକ ଅଫିସ ବାରଣ୍ଡାରେ ଧାନ ବସ୍ତା ରଖି ଚାଷୀଙ୍କ ସହ କଂଗ୍ରେସ କର୍ମୀମାନେ ପ୍ରତିବାଦ ଜଣାଇଥିଲେ। ଏଥିରେ ଜିଲା କମିଟି ସଭାପିତି ଗୌରୀଶ୍ୟାମ ପଣ୍ଡା, ଉପସଭାପତି ବାଳକୃଷ୍ଣ ଦଣ୍ଡସେନା, ପୂର୍ବତନ ବିଧାୟକ ବିନୋଦ ପାତ୍ର, ଲିଗାଲ ସେଲ ସଭାପତି ସୁଧୀର ପଣ୍ଡା, ସଭ୍ୟ ରାଜା ମିଶ୍ର, ଏସସି ସେଲ ସଭାପତି ସୁରୁବାବୁ ନନ୍ଦ, ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ରାଜୁ ବାଦୀ, ପ୍ରକାଶ ଭୋଇ, ବୀରେନ୍ଦ୍ର ଜୁଆଡି, ଭରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଛଟେଇ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୁନଃନିଯୁକ୍ତି ଦାବି

**ସୋନପୁର,୫।୭(ନି.ପ୍ର.)**

ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷକମାନେ ପୁନଃନିଯୁକ୍ତି ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୪ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଗଣଶିକ୍ଷା ବିଭାଗ ସଚିବଙ୍କୁ ସୋମବାର ପ୍ରଦାନ କରଯାଇଛି। କୋଭିଡ୍‌ର ତୃତୀୟ ଲହରକୁ ଆଖିରେ ରଖି ସମସ୍ତ ଗରିବ ଛାତ୍ରୀଛାତ୍ରଙ୍କ ପାଖରେ ଅନ୍‌ଲାଇନ ଶିକ୍ଷା ପହଞ୍ଚାଇବା ନିମନ୍ତେ ଦୀର୍ଘ ୫ ବର୍ଷ ଧରି ଆଇସିଟି (ଇ-ବିଦ୍ୟାଳୟ) ଯୋଜନାରେ କାର୍ଯ୍ୟ କରି ଆସୁଥିବା ଛଟେଇ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି, ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ ଭିତ୍ତି କରି ସରକାରୀସ୍ତରରେ କମ୍ପ୍ୟୁଟର ଶିକ୍ଷକଙ୍କୁ ଲ୍ୟାବ ହେଣ୍ଡଓଭର, ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ନିମନ୍ତେ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତାମୂଳକ କରିବା, ବର୍ତ୍ତମାନ ଚାଲିଥିବା ୟୁ ଟ୍ୟୁବ୍ କ୍ଲାସ ତଥା ଶିକ୍ଷାଦର୍ପଣ କାର୍ଯ୍ୟକ୍ରମ ଓ ଇ-ପାଠଶାଳାରେ ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପଢାଇବା ନିମନ୍ତେ ସାମିଲ କରିବାକୁ ଦାବି ହୋଇଛି। ସୁବର୍ଣ୍ଣପୁର ଜିଲାର ୫୦ଜଣ କମ୍ପ୍ୟୁଟର ଶିକ୍ଷକ ଗତ ୨୦୧୪ ମସିହାରେ ନିଯୁକ୍ତ ହୋଇଥିଲେ। ରାଜ୍ୟ ସରକାର ୨୦୧୯ ଅପ୍ରେଲ ମାସରେ ସେମାନଙ୍କୁ ଛଟେଇ କରିଥିଲେ। ସଂଘ ସଂଯୋଜକ ସତ୍ୟନାରାୟଣ ଠେଟୁଆଲ, ସୁଜିତ କୁମାର ଚାନ୍ଦ, ବଶିଷ୍ଟ ସାହା, ରବିନ୍ଦ୍ର ପ୍ରଧାନ, ଉତ୍ତମ ସାମଲ ସ୍ମାରକପତ୍ର ପ୍ରଦାନ କରିଥିଲେ।




କମ୍ପ୍ୟୁଟର ଶିକ୍ଷକମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

# ବିସ୍ଥାପିତଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ
- ପ୍ରଥମ ପର୍ଯ୍ୟାୟରେ ୪୭ ଜଣଙ୍କୁ ପଟ୍ଟା ଦିଆଗଲା
- ବଲାଙ୍ଗୀର ଲର୍କିପାଲି ବିସ୍ଥାପିତ କଲୋନୀରେ ପ୍ଲଟ୍ ବଣ୍ଟନ
- ବିସ୍ଥାପିତ କଲୋନୀ ଉନ୍ନତି ପାଇଁ ୨୦ କୋଟି ଅନୁମୋଦନ

**ବଲାଙ୍ଗୀର ଅଫିସ, ୫।୭**

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ବିସ୍ଥାପିତଙ୍କୁ ଘରଡିହ ପଟ୍ଟା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକଳ୍ପ ପ୍ରଭାବିତ ପରଧିଆପାଲି ଗାଁର ୪୭ ବିସ୍ଥାପିତ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ପ୍ରକଳ୍ପ ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଏସପି ନୀତିନ୍ କୁଶଲ୍‌କର, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ୍ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଲମ୍ବୋଦର ଧରୁଆ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲାପାଳ ରାଣା ବଲାଙ୍ଗୀର ଜିଲାର ଜନସ୍ୱାର୍ଥ ପାଇଁ ପରଧିଆପାଲିର ବିସ୍ଥାପିତଙ୍କ ସହଯୋଗକୁ ଲୋକେ ସବୁଦିନ ପାଇଁ ମନେ ରଖିବେ ବୋଲି କହିଥିଲେ। ଆଜି ପ୍ରଥମ ପର୍ଯ୍ୟାୟରେ ଲର୍କିପାଲି ବିସ୍ଥାପନ କଲୋନୀ ପାଇଁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ପୁନର୍ବାସ କଲୋନୀରେ ବିଭିନ୍ନ ସମୟରେ ପ୍ଲଟ୍ ଆଲଟ୍‌ମେଣ୍ଟ କମିଟି ଆକାରରେ ସର୍ଭେ ହିସାବରେ ପ୍ଲଟ୍ ଦିଆଯାଇଥିଲା। ମାତ୍ର ଲୋକଙ୍କୁ ଘରଡିହ ପଟ୍ଟା ଦିଆଯାଇ ନ ଥିଲା। ମାତ୍ର ଆଜି ଗୋଟିଏ ଖୁସିର ଦିନ ଯେ ବିସ୍ଥାପିତଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି ବୋଲି କହିଥିଲେ। ସରକାରଙ୍କୁ ଜଣାଇ ଆସନ୍ତା ଗୋଟିଏ ମାସ ଭିତରେ ପୁନର୍ବାସ କଲୋନୀର ଉନ୍ନତିକରଣ କରାଯିବ। ପ୍ଲଟ୍ ଆଲଟ୍‌ମେଣ୍ଟ କମିଟି ଜରିଆରେ ପ୍ଲଟ୍ ଡେଭଲପମେଣ୍ଟ କରାଯିବ। ପୁର୍ନବାସ କଲୋନୀର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨୦କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଟଙ୍କାରେ ସେଠାରେ ଷ୍ଟ୍ରିଟ୍‌ଲାଇଟ୍, ରାସ୍ତା ଉନ୍ନତିକରଣ, ପିଏଚଡି ପାଣି, ଆରଡବ୍ଲ୍ୟୁଏସ୍ ପାଣି ଯୋଗାଣ, ଶ୍ମଶାନ ଘାଟ କରାଯିବ। ତାଛଡା ସ୍କୁଲ ଓ ଅଙ୍ଗନୱାଡିର ଉନ୍ନତିକରଣ ପାଇଁ ମଧ ସରକାରଙ୍କୁ ପ୍ରସ୍ତାବ ପଠାଯିବ। ଆସନ୍ତା ଏକ ସପ୍ତାହ ମଧରେ ସବୁ କାର୍ଯ୍ୟର ଟେଣ୍ଡର ହୋଇଯିବ ବୋଲି ଜିଲାପାଳ ରାଣା କହିଥିଲେ। ଏହି ଅବସରରେ ସେ ପରଧିଆପାଲିର ବିସ୍ଥାପିତ ଗ୍ରାମବାସୀ, ଲୋୟର ସୁକ୍‌ତେଲ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ପ୍ରଶାସନ ତରଫରୁ ଧନ୍ୟବାଦ ଜଣାଇଥିଲେ। ପରଧିଆପାଲିର ବିସ୍ଥାପିତ ପ୍ରସାଦୀ ଗଡତ୍ୟାଙ୍କୁ ଜିଲାପାଳ ରାଣା ପ୍ରଥମେ ଘରଡିହ ପଟ୍ଟା ବଣ୍ଟନ କରିଥିଲେ। ଏହାପରେ ବସନ୍ତ ତ୍ରିପାଠୀ, ବିପିନ ଗଡତ୍ୟା, ଯୁବରାଜ ସାହୁ, ପ୍ରେମାନନ୍ଦ ସାହୁ, ଛବିଲାଲ ଗଡତ୍ୟା, ରାମ ତ୍ରିପାଠୀ, ଅଭିନୟ ତ୍ରିପାଠୀ, ଅଶୋକ ତ୍ରିପାଠୀ ଓ ଅନ୍ୟମାନଙ୍କୁ ଘରଡିହ ପଟ୍ଟାବଣ୍ଟନ କରିଥିଲେ। ଗତ ୨୯ ତାରିଖ ଦିନ ପରଧିଆପାଲି ଠାରେ ସୁକ୍‌ତେଲ ପ୍ରକଳ୍ପର ପ୍ରଥମ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିସ୍ଥାପନର ୭ ଦିନ ପରେ ପ୍ରଶାସନ ଘରଡିହ ପଟ୍ଟା ବଣ୍ଟନ କରିଥିବାରୁ ବିସ୍ଥାପିତମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।



ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ବିସ୍ଥାପିତଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଉଛି।

### ଘରଡ଼ିହ ପଟ୍ଟା ନ ମିଳିବାରୁ ବିସ୍ଥାପିତ ଅସନ୍ତୁଷ୍ଟ

**ବଲାଙ୍ଗୀର ଅଫିସ, ୫।୭:** ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ପରଧିଆପାଲିର ୪୭ ବିସ୍ଥାପିତଙ୍କୁ ସୋମବାର ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଘରଡିହ ପଟ୍ଟା ବଣ୍ଟନ ପ୍ରକ୍ରିୟା ଚାଲିଥିବାବେଳେ ଆଉ କେତେକ ବିସ୍ଥାପିତ ଅଫିସକୁ ଆସି ସେମାନଙ୍କୁ କାହିଁକି ଘରଡିହ ପଟ୍ଟା ବଣ୍ଟନ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଦୀର୍ଘ ୫ ବର୍ଷ ପୂର୍ବରୁ ପ୍ରଶାସନକୁ ସହଯୋଗ କରି ସେମାନେ ଗାଁ ଛାଡି ଲର୍କିପାଲି ବିସ୍ଥାପିତ କଲୋନୀରେ ଦିଆଯାଇଥିବା ପ୍ଲଟ୍‌ରେ ଘର ତିଆରି କରି ରହୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ଆଜି ଗରଡିହ ପଟ୍ଟା ପ୍ରଦାନ କରାଯାଇନାହିଁ। ଏଣୁ ସେମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ପ୍ରତାପ ବାରିକ, ପ୍ରଶାନ୍ତ ବାରିକ, ମଣ୍ଟୁ ବାଗ, ଟଙ୍କଧର ଗଡତ୍ୟା, ଚିନ୍ତାମଣି ପ୍ରଧାନ, ଶ୍ରୀକାନ୍ତ ତ୍ରିପାଠୀ ୧୨ ପରିବାର ୫ ବର୍ଷ ହେଲା ଲର୍କିପାଲି ବିସ୍ଥାପିତ କଲୋନୀରେ ଘର ତିଆରି କରି ରହୁଛନନ୍ତି। ହେଲେ ସେମାନଙ୍କୁ ପଟ୍ଟା ଦିଆନଯାଇ ସଦ୍ୟ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଘରଡିହ ପଟ୍ଟା ଦିଆଯାଇଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କୁ ପୂର୍ବରୁ ଅଧିକାରୀମାନେ ଏକ ଲିଖିତ କାଗଜ ଦେଇଥିଲେ ମଧ ପଟ୍ଟା ଦେଇ ନ ଥିବା ସୂଚନା ଦେଇଛନ୍ତି।

## 'ମହାମାରୀବେଳେ ଜେଲ ମୃତ୍ୟୁଦଣ୍ଡ ଭଳି'

ଅଦାଲତ ଅବମାନନା ମାମଲାରେ ୧୫ ମାସ ଜେଲଦଣ୍ଡାଦେଶ ପାଇଥିବା ଦକ୍ଷିଣଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକୋବ୍ ଜୁମା(୭୯)ଙ୍କୁ କରୋନା ଡର ଘାରିଛି। ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ତାଙ୍କ ବୟସର ଲୋକଙ୍କୁ ଜେଲ ପଠାଯିବା ମୃତ୍ୟୁଦଣ୍ଡ ସହ ସମାନ ବୋଲି ସେ କହିଛନ୍ତି। ବୟସ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ତାଙ୍କ ଦଣ୍ଡବିଧାନକୁ ବାତିଲ କରିବାକୁ ସେ କୋର୍ଟରେ ଆବେଦନ କରିଛନ୍ତି। ଆସନ୍ତା ୧୨ ତାରିଖରେ ଏହାର ଶୁଣାଣି ହେବ। ସେପର୍ଯ୍ୟନ୍ତ ଜୁମା ବାହାରେ ରହିବେ।

## ସଂକ୍ଷେପରେ

### ମ୍ୟାନ୍‌ମାର ସଂଘର୍ଷରେ ୨୫ ମୃତ

**ନାପିତାଓ, ୫।୭:** ଭାରତ ସୀମାନ୍ତ ନିକଟ ମ୍ୟାନ୍‌ମାରର ଏକ ସହରରେ ଗତ ସପ୍ତାହରେ ସଂଘର୍ଷ ଘଟି ପ୍ରାୟ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଜୁଲାଇ ୨ରେ ମ୍ୟାନ୍‌ମାର ସେନା ସାଗାଇଙ୍ଗ ପ୍ରଦେଶର ସତପ୍ୟାରକିନ୍ ଗ୍ରାମକୁ ଘେରାଉ କରିଥିଲା। ପିପୁଲ୍ସ ଡିଫେନ୍ସ ଫୋର୍ସ(ପିଡିଏଫ୍)ର ସଂଗ୍ରାମୀମାନେ ଅସ୍ତ୍ରଶସ୍ତ୍ର ଧରି ପ୍ରାୟ ୨ ସୈନ୍ୟଙ୍କୁ ବିରୋଧ କରିଥିଲେ। ସେନା ମଧ୍ୟ ସେମାନଙ୍କ ଉପରେ ଗୁଳିଚାଳନା କରିଥିଲା। ପ୍ରାୟ ୪୮ ଘଣ୍ଟା ଧରି ସଂଘର୍ଷ ହେବା ଯୋଗୁ ୧୮ ପିଡିଏଫ୍ ସଦସ୍ୟଙ୍କ ମୃତ୍ୟୁ ଘଟିଛି ଏବଂ ୧୦ରୁ ଅଧିକ ଆହତ ହୋଇଛନ୍ତି। ସେହିପରି ୩ ସ୍ଥାନୀୟ ଲୋକ ଏବଂ ୪ ସୈନ୍ୟ ମଧ୍ୟ ନିହତ ହୋଇଥିବା ଜଣାଯାଇଛି। ପରେ ହଜାର ହଜାର ସଂଖ୍ୟାରେ ଲୋକ ସେମାନଙ୍କ ଘର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି।

### ପଞ୍ଜାବ ପରେ ହରିୟାଣା କଂଗ୍ରେସରେ ଅସ୍ଥିରତା

**ଚଣ୍ଡିଗଡ଼, ୫।୭:** ପଞ୍ଜାବ କଂଗ୍ରେସରେ ଗତ କିଛିଦିନ ହେଲା ନେତୃତ୍ୱକୁ ନେଇ ବିବାଦ ଦେଖାଦେଇଥିବାବେଳେ ଏବେ ହରିୟାଣା କଂଗ୍ରେସରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ହରିୟାଣା କଂଗ୍ରେସ ଶାଖାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡାଙ୍କ ଗୋଟିଏ ଗୋଷ୍ଠୀ ଅନୁଗତ ବର୍ତ୍ତମାନର କଂଗ୍ରେସ ସଭାପତି କୁମାରୀ ସେଲ୍‌ଜାଙ୍କୁ ବିଦା କରିବାକୁ ଉଦ୍ୟମ ଚଳାଇଛନ୍ତି। ସେମାନେ ହୁଡାଙ୍କୁ ବଡ଼ ଦାୟିତ୍ୱ ଦେବାକୁ ଚାହାନ୍ତି। ୬ ବର୍ଷ ପରେ ରାଜ୍ୟ କଂଗ୍ରେସର ସାଂଗଠନିକ ସ୍ତରରେ ଅଦଳବଦଳ ହେବାକୁ ଯାଉଥିବାବେଳେ ସୋମବାର ୧୯ ବିଧାୟକ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଗତ ଶୁକ୍ରବାର ଦଳର ହରିୟାଣା ପ୍ରଭାରୀ ବିବେକ ବଂଶଲଙ୍କୁ ଏହି ନେତାମାନେ ଦିଲ୍ଲୀରେ ଭେଟିଥିଲେ। ତେବେ ଉପରୋକ୍ତ କଳ୍ପନା ଜଳ୍ପନାକୁ ସେଲ୍‌ଜା ଖଣ୍ଡନ କରିଛନ୍ତି। ବିଧାୟକମାନେ ଯେକୌଣସି ସମୟରେ ଦଳ ପ୍ରଭାରୀଙ୍କୁ ଭେଟିପାରନ୍ତି ବୋଲି ସେ କହିଛନ୍ତି।

### ତାଲିବାନ୍ କବ୍‌ଜାରେ ଆଫଗାନ ସୈନ୍ୟଙ୍କ ୭୦୦ ଟ୍ରକ୍



**କାବୁଲ, ୫।୭:** ତାଲିବାନ ଉଗ୍ରପନ୍ଥୀମାନେ ଗତ ମାସରେ ଆଫଗାନିସ୍ତାନ ସୈନ୍ୟବାହିନୀର ପ୍ରାୟ ୭୦୦ ଟ୍ରକ୍ ଓ ଅନ୍ୟ ସାମରିକ ଯାନ କବ୍‌ଜା କରିଥିବା ଜଣାପଡ଼ିଛି। ତାଲିବାନ ଚାପ ଯୋଗୁ କେତେକ ଜିଲାରେ ସ୍ଥାନୀୟ ସୁରକ୍ଷା ବଳ ଉଭାନ ହୋଇଗଲେଣି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରୁଥିବାରୁ ସେଠାରେ ସରକାର ତିଷ୍ଠି ନ ପାରିବା ଧାରଣା ସୃଷ୍ଟି ହୋଇଛି। ତାଲିବାନ ବିରୋଧରେ ଲଢ଼େଇ ପାଇଁ ଆଫଗାନ ସେନାକୁ ମିଳିଥିବା ସାମରିକ ଯୁଦ୍ଧାସ୍ତ୍ର ଏବେ ଉଗ୍ରପନ୍ଥୀଙ୍କ ହାତରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏକ ଅଧ୍ୟୟନ ଅନୁଯାୟୀ ଜୁନ୍ ୩୦ ସୁଦ୍ଧା ତାଲିବାନ ହାତରେ ୭୧୫ ଯାନ ପଡ଼ିଥିବାବେଳେ ଅନ୍ୟ ୬୫ଟି ଧ୍ୱଂସ ହୋଇଯାଇଛି। ତେବେ ପ୍ରକୃତରେ ଏହାଠାରୁ ଆହୁରି ଅଧିକ ସାମରିକ ଯାନ ନଷ୍ଟ ହୋଇଥାଇପାରେ ବୋଲି କୁହାଯାଉଛି।

### ଆଫଗାନିସ୍ତାନରେ ବିମାନରୁ ଆକ୍ରମଣ: ୧୫ ଆତଙ୍କବାଦୀ ନିହତ

**କାବୁଲ, ୫।୭(ଆଇଏଏନ୍ଏସ୍):** ଆଫଗାନିସ୍ତାନର କୁଣ୍ଡୁଜ୍ ପ୍ରଦେଶ ରାଜଧାନୀ ସହର କୁଣ୍ଡୁଜ୍‌ରେ ଆକାଶମାର୍ଗରୁ ଆକ୍ରମଣ କରାଯିବାରୁ ୧୫ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋମବାର ସକାଳେ କୁଣ୍ଡୁଜ୍ ସହରରେ ତାଲିବାନ ଉଗ୍ରବାଦୀମାନେ ଏକତ୍ର ହୋଇଥିବା ଗୋଇନ୍ଦା ସୂଚନା ପାଇ ଆଫଗାନିସ୍ତାନ ସୈନ୍ୟବାହିନୀର ଯୁଦ୍ଧବିମାନଗୁଡ଼ିକ ଉକ୍ତ ଅଞ୍ଚଳକୁ ଟାର୍ଗେଟ କରିଥିଲେ। ଆକାଶମାର୍ଗରୁ ବୋମାମାଡ଼ ଯୋଗୁ ୧୫ ଆତଙ୍କବାଦୀ ନିହତ ହୋଇଥିବା ସୈନ୍ୟବାହିନୀ ମୁଖପାତ୍ର ଅବଦୁଲ ହାଦି ନାଜାରି କହିଛନ୍ତି। ଏହି ଆକ୍ରମଣରେ ଆତଙ୍କବାଦୀଙ୍କର ବହୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଧ୍ୱଂସ ହୋଇଯାଇଛି।

## ମୋଦି, ମମତାଙ୍କୁ ହାସିନାଙ୍କ ଆମ୍ବ ଭେଟି



ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ତାଙ୍କ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଖକୁ ୨,୬୦୦ କିଲୋଗ୍ରାମ ଆମ୍ବ ପଠାଇଛନ୍ତି। ବାଂଲାଦେଶରୁ ଟ୍ରକ୍‌ରେ ଏହି ପ୍ରସିଦ୍ଧ 'ହରିଭାଙ୍ଗା' ଆମ୍ବ ରବିବାର ଅପରାହ୍ନରେ ସୀମା ଅତିକ୍ରମ କରି ଭାରତ ଆସିଛି। ବାଂଲାଦେଶର ରଙ୍ଗପୁର ଜିଲାରେ ଏହି ଆମ୍ବ ଅମଳ ହୋଇଥାଏ। କୋଭିଡ୍ ଟିକା ଯୋଗାଣରେ ନୂଆଦିଲ୍ଲୀ ବିଳମ୍ବ କରୁଥିବାରୁ ଢାକା ଅସନ୍ତୋଷ ପ୍ରକାଶ କରିବା ସହ ଇଲିଶି ରପ୍ତାନି ବନ୍ଦ କରିଥିବାବେଳେ ଆମ୍ବ ଉପହାର ପଠାଇଛି।

## ଆଇସିୟୁରେ କଲ୍ୟାଣ ସିଂ



ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ବରିଷ୍ଠ ଭାଜପା ନେତା କଲ୍ୟାଣ ସିଂ(୮୯)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ତାଙ୍କୁ ରବିବାର ଲକ୍ଷ୍ନୌର ସଞ୍ଜୟ ଗାନ୍ଧୀ ପୋଷ୍ଟଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ସାଧାରଣ ଥିବାବେଳେ ଚେତା ରହିବାରେ ଅସୁବିଧା ହେଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ଯୋଗେ କଲ୍ୟାଣ ସିଂଙ୍କ ପୁଅ ରାଜବୀର ସିଂଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ କଲ୍ୟାଣ ସିଂଙ୍କୁ ଆବଶ୍ୟକ ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରାଇବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। କଲ୍ୟାଣ ସିଂ ୨ ସପ୍ତାହ ହେଲା ଅସୁସ୍ଥ ଅଛନ୍ତି। ପୂର୍ବରୁ ସେ ଡକ୍ଟର ରାମ ମନୋହର ଲୋହିଆ ମେଡିକାଲରେ ଭର୍ତ୍ତି ହୋଇଥିଲେ।

# ଜାମିନ ଶୁଣାଣି ପୂର୍ବରୁ ଆଖି ବୁଜିଲେ ଷ୍ଟାନ୍ ସ୍ୱାମୀ

**ମୁମ୍ବାଇ, ୫।୭**



ଭୀମା କୋରେଗାଁଓ-ଏଲ୍‌ଗାର ପରିଷଦ ମାମଲାରେ ବିଚାରାଧୀନ କଏଦୀ ଥିବା ୮୪ ବର୍ଷୀୟ ଆଦିବାସୀ ଅଧିକାର କର୍ମୀ ଫାଦର ଷ୍ଟାନ୍ ସ୍ୱାମୀଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୁରୁତର ଅସୁସ୍ଥ ଥିବା ସ୍ୱାମୀଙ୍କୁ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ମୁମ୍ବାଇର ହୋଲି ଫାମିଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥତା କାରଣରୁ ତାଙ୍କୁ ଜାମିନରେ ଛଡ଼ାଯିବାକୁ ସ୍ୱାମୀଙ୍କ ଓକିଲ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ।

ଭୀମା କୋରେଗାଁଓ- ଏଲ୍‌ଗାର ପରିଷଦ ମାମଲାରେ ତାଙ୍କୁ ୨୦୨୦ ଅକ୍ଟୋବର ୮ରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ଗିରଫ କରାଯାଇଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା ୟୁଏପିଏରେ ଗିରଫ ହେବାରେ ଷ୍ଟାନ୍ ସ୍ୱାମୀ ହେଉଛନ୍ତି ଶେଷ ରାଜନୈତିକ ଭିନ୍ନ ମତବାଦୀ। ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ ସ୍ୱାମୀ ୮ ମାସ ହେଲା ତାଲୋଜା କେନ୍ଦ୍ରୀୟ ଜେଲ୍‌ରେ ରହିଥିଲେ, ଯେଉଁଠି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବନତି ଦେଖାଦେଇଥିଲା।

ସୋମବାର ଅପରାହ୍ନ ୨ଟା ୩୦ ମିନିଟରେ ଷ୍ଟାନ୍ ସ୍ୱାମୀଙ୍କ ଜାମିନ ଶୁଣାଣି ଥିଲା। ଜଷ୍ଟିସ ଏସ୍.ଏସ୍. ସିନ୍ଦେ ଏବଂ ଏନ୍.ଜେ. ଜମାଦାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ଆବେଦନର ଶୁଣାଣି କରିଥାନ୍ତେ। ତେବେ ଏହାର ପ୍ରାୟ ଏକଘଣ୍ଟା ପୂର୍ବରୁ ସ୍ୱାମୀ ଆଖି ବୁଜିଥିଲେ। କୋର୍ଟରେ ଶୁଣାଣି ବେଳେ ସ୍ୱାମୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର କିଛି କହିବାକୁ ଚାହାନ୍ତି ବୋଲି ଜଣାଇଥିଲେ। ଅତ୍ୟନ୍ତ ଦୁଃଖର ସହ ଅଦାଲତଙ୍କୁ ଜଣାଇବାକୁ ପଡୁଛି ଯେ, ଫାଦର ଷ୍ଟାନ୍ ସ୍ୱାମୀ ଆଉ ନାହାନ୍ତି ବୋଲି ହୋଲି ଫାମିଲି ହସ୍ପିଟାଲର ଡାକ୍ତର ଡି ସୌଜା କହିଥିଲେ। ସ୍ୱାମୀଙ୍କ ପରଲୋକ ଖବରରେ ଖଣ୍ଡପୀଠ ଦୁଃଖ ପ୍ରକାଶ କରିଥିଲେ। ପ୍ରଥମ ଦିନ ଶୁଣାଣିରେ ଉକ୍ତ ଖଣ୍ଡପୀଠ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବା ଲାଗି ନିର୍ଦ୍ଦେଶ ଦେଇଥିବା କହିଥିଲେ। ହସ୍ପିଟାଲରେ ଚିକିତ୍ସାକୁ ନେଇ କୌଣସି ଅଭିଯୋଗ ନ ଥିବା ଆଇନଜୀବୀ ଦେଶାଇ କୋର୍ଟଙ୍କୁ ଜଣାଇଥିଲେ। ଏହା ପରେ ତାଙ୍କ ମୃତଦେହକୁ ଫାଦର ଫ୍ରାନ୍ସିସ୍‌ଙ୍କୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫାଦର ଫ୍ରାନ୍ସିସ୍ ସେଣ୍ଟ ଜାଭିୟର୍ସ କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ। ଚିକିତ୍ସା ସମୟରେ ସ୍ୱାମୀଙ୍କୁ ହସ୍ପିଟାଲରେ ଭେଟିବା ଲାଗି କୋର୍ଟ ଫ୍ରାନ୍ସିସ୍‌ଙ୍କୁ ଅନୁମତି ଦେଇଥିଲେ। ସ୍ୱାମୀ ଜଣେ ଖ୍ରୀଷ୍ଟିଆନ ଧର୍ମ ପ୍ରଚାରକ ଓ ତାଙ୍କର ପରିବାର ନାହାନ୍ତି ବୋଲି ଦେଶାଇ ଖଣ୍ଡପୀଠଙ୍କୁ ଜଣାଇଥିଲେ। ବନ୍ଦୀ ଥାଇ ପ୍ରାଣ ହରାଇଥିବାରୁ ତାଙ୍କ ଶବ ବ୍ୟବଚ୍ଛେଦ କରାଇ ରିପୋର୍ଟ କୋର୍ଟରେ ଦାଖଲ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ଷ୍ଟାନ୍ ସ୍ୱାମୀ କିଏ

୧୯୩୭ ଏପ୍ରିଲ ୨୬ରେ ତାମିଲନାଡୁର ତ୍ରିଚିରେ ଜନ୍ମିତ ଷ୍ଟାନ୍ ସ୍ୱାମୀ ସୋସିଓଲୋଜିରେ ଏମ୍ଏ କରିବା ପରେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇଥିଲେ। ପରେ ସେ ଝାଡ଼ଖଣ୍ଡ ଆସି ଆଦିବାସୀ ଓ ଅବହେଳିତମାନଙ୍କ ପାଇଁ କାର୍ଯ୍ୟ କରିଥିଲେ। ପ୍ରଥମେ ପାଦ୍ରୀ ଭାବେ କାମ କରୁଥିବା ସ୍ୱାମୀ ପରେ ଆଦିବାସୀମାନଙ୍କ ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ସେ ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷାନୁଷ୍ଠାନ ଏବଂ ଟେକ୍‌ନିକାଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟ ଚଳାଉଥିଲେ। ପଥଲଗଡ଼ି ଆନ୍ଦୋଳନରେ ଝାଡ଼ଖଣ୍ଡ ସରକାରଙ୍କ ବିରୋଧରେ ସ୍ୱାମୀଙ୍କ ମନ୍ତବ୍ୟକୁ ନେଇ ତାଙ୍କ ସମେତ ୨୦ ଜଣଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା।

## ଭୀମା କୋରେଗାଁଓ ମାମଲା କ'ଣ

ମହାରାଷ୍ଟ୍ରର ପୁଣେ ଅନ୍ତର୍ଗତ ଭୀମା କୋରେଗାଁଓରେ ୨୦୧୮ ଜାନୁୟାରୀ ୧ରେ ଦଳିତମାନଙ୍କର ଏକ କାର୍ଯ୍ୟକ୍ରମ ଏଲ୍‌ଗାର ପରିଷଦ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିଂସାକାଣ୍ଡ ଘଟି ବହୁ ଗାଡ଼ି ପୋଡ଼ିଦିଆଯିବା ସହ ଅନେକ ଦୋକାନ ଭଙ୍ଗାରୁଜା ହୋଇଥିଲା। ହିଂସାରେ ଜଣଙ୍କର ମୃତ୍ୟୁ ହେବା ସହ କେତେଜଣ ଆହତ ହୋଇଥିଲେ। ଏଲ୍‌ଗାର ପରିଷଦ କାର୍ଯ୍ୟକ୍ରମରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଅଭିଯୋଗରେ ଷ୍ଟାନ୍ ସ୍ୱାମୀଙ୍କୁ ଏନ୍ଆଇଏ ଗତବର୍ଷ ଅକ୍ଟୋବରରେ ଗିରଫ କରିଥିଲା। ସେ ମାଓବାଦୀ ସଂଗଠନ ସହ ସମ୍ପୃକ୍ତ ଥିବା ଅଭିଯୋଗ ଲଗାଯାଇଥିଲା। ଅଭିଯୋଗକୁ ସ୍ୱାମୀ ଖଣ୍ଡନ କରିଥିଲେ ମଧ୍ୟ ତାଙ୍କୁ ମାଓବାଦୀ ଦର୍ଶାଇବା ପାଇଁ ଏନ୍ଆଇଏ ବିଭିନ୍ନ ଦସ୍ତାବିଜ୍ ଯୋଗାଡ଼ କରିଥିଲା। ଏସବୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଥିଲା। କେହି ଜାଲିଆତି କରି ତାଙ୍କ କମ୍ପ୍ୟୁଟରରେ ଉପରୋକ୍ତ ଦସ୍ତାବିଜ୍ ରଖିଥିବା ସ୍ୱାମୀ ଅଭିଯୋଗ କରିଥିଲେ। ଷ୍ଟାନ୍ ସ୍ୱାମୀ ସବୁଠୁ ବରିଷ୍ଠ ବ୍ୟକ୍ତି ଯାହାଙ୍କ ନାମରେ ଆତଙ୍କବାଦ ଅଭିଯୋଗ ଅଣାଯାଇଥିବା କୁହାଯାଏ।

## ଆଇଟି ଆକ୍ଟର ରଦ୍ଦ ଧାରା ବ୍ୟବହାର 'ଆଶ୍ଚର୍ଯ୍ୟଜନକ'

### କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ



**ନୂଆଦିଲ୍ଲୀ, ୫।୭**

ଆଇଟି ନିୟମର ରଦ୍ଦ ହୋଇଥିବା ଧାରା ୬୬(ଏ)କୁ ଲୋକଙ୍କ ବିରୋଧରେ ବ୍ୟବହାର କରାଯିବା ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଏ ନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ସୋମବାର ନୋଟିସ ଜାରି କରିଛନ୍ତି। ୨ ସପ୍ତାହ ମଧ୍ୟରେ ଏହାର ଜବାବ ରଖିବାକୁ କୁହାଯାଇଛି। ପିପୁଲ୍ସ ୟୁନିୟନ ଫର୍ ସିଭିଲ ଲିବର୍ଟିଜ(ପିୟୁସିଏଲ୍) ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆର୍‌ଏଫ୍ ନରିମାନଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏପରି ପ୍ରତିକ୍ରିୟା ଦେଇଛନ୍ତି। ୨୦୧୫ରେ ଉକ୍ତ ଧାରାକୁ ଉଚ୍ଛେଦ କରାଯାଇଥିବାବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୧୧ ରାଜ୍ୟର ଜିଲା ଅଦାଲତଗୁଡ଼ିକରେ ଏପରି ୭୪୫ ମାମଲା ବିଚାରାଧୀନ ରହିଛି, ଯେଉଁଥିରେ ଅଭିଯୁକ୍ତମାନଙ୍କୁ ଆଇଟି ନିୟମ ଧାରା ୬୬(ଏ) ଅଧୀନରେ କୋର୍ଟଚାଲାଣ କରାଯାଇଛି। ଅବୈଧ ଘୋଷିତ ହୋଇଥିବା ଆଇନର ଧାରାକୁ ପୋଲିସ ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ବ୍ୟବହାର କରୁଥିବା ନେଇ ଇଣ୍ଟରନେଟ ଫ୍ରିଡମ୍ ଫାଉଣ୍ଡେଶନ ଦ୍ୱାରା ସଂଗୃହୀତ ତଥ୍ୟ ଆଧାରରେ ପିୟୁସିଏଲ୍ ଏହି ଆବେଦନ କରିଥିଲା।

## ଟିଏମ୍‌ସିରେ ପ୍ରଣବ ମୁଖାର୍ଜୀଙ୍କ ପୁଅ

**କୋଲକାତା, ୫।୭**



ଟିଏମ୍‌ସିରେ ଯୋଗ ଦେଇଥିବା ଅଭିଜିତ୍ ମୁଖାର୍ଜୀ (ବାମ)ଙ୍କୁ ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ ସମ୍ବର୍ଦ୍ଧିତ କରୁଛନ୍ତି।

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପୁଅ ଅଭିଜିତ୍ ମୁଖାର୍ଜୀ ସୋମବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ଫଳରେ ତାଙ୍କର ଦଳ ବଦଳକୁ ନେଇ କିଛି ସପ୍ତାହ ହେଲା ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିକଟରେ ଭାଜପାର ସାମ୍ପ୍ରଦାୟିକତା ଲହରକୁ ଯେପରି ଅଟକାଇଲେ, ଭବିଷ୍ୟତରେ ଅନ୍ୟମାନଙ୍କ ସମର୍ଥନରେ ସେ ସାରା ଦେଶରେ ଏହି ଶକ୍ତିକୁ ରୋକିବାରେ ସମର୍ଥ ହେବେ। ଏନେଇ ତାଙ୍କର ଦୃଢ଼ ବିଶ୍ୱାସ ରହିଥିବା ଅଭିଜିତ୍ ଟିଏମ୍‌ସିରେ ଯୋଗଦେବା ପରେ କହିଛନ୍ତି। ପୂର୍ବରୁ ଜାଙ୍ଗିପୁରରୁ କଂଗ୍ରେସ ଏମ୍‌ପି ଏବଂ ନାଲହାଟିରୁ ବିଧାୟକ ଥିବା ଅଭିଜିତ୍‌ଙ୍କୁ ଟିଏମ୍‌ସି ଜାଙ୍ଗିପୁର ବିଧାନସଭା ଆସନରୁ ଉପନିର୍ବାଚନ ଲଢ଼ିବା ଲାଗି ଟିକେଟ ଦେଇପାରେ ବୋଲି କୁହାଯାଉଛି। ସେଠାରେ ନିର୍ବାଚନ ପୂର୍ବରୁ ପ୍ରାର୍ଥୀଙ୍କ ପରଲୋକ ଯୋଗୁ ମତଦାନ ବନ୍ଦ ରହିଥିଲା। ପ୍ରଣବ ମୁଖାର୍ଜୀ ଜାଙ୍ଗିପୁର ଲୋକ ସଭା ଆସନରୁ ଦୁଇଥର ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ କଂଗ୍ରେସ ବାମଦଳ ସହ ମିଶି ନିର୍ବାଚନ ଲଢ଼ିଥିଲେ ମଧ୍ୟ ଗୋଟିଏ ବି ଆସନ ଜିତିପାରି ନ ଥିଲା।

## ଅଗଷ୍ଟରେ ଆସିପାରେ ତୃତୀୟ ଲହର

**ନୂଆଦିଲ୍ଲୀ, ୫।୭**

ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ତାଣ୍ଡବ ରଚିବା ପରେ ଆସନ୍ତା ଅଗଷ୍ଟରେ ତୃତୀୟ ଲହର ଆସିପାରେ ବୋଲି ଏସ୍‌ବିଆଇର ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି। ସେପ୍ଟେମ୍ବର ସୁଦ୍ଧା ସଂକ୍ରମଣ ଶୀର୍ଷକୁ ଛୁଇଁପାରେ ବୋଲି 'କୋଭିଡ୍-୧୯: ଦି ରେସ୍ ଟୁ ଫିନିଶିଂ ଲାଇନ' ଶୀର୍ଷକ ଏସ୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନର ତଥ୍ୟକୁ ଆକଳନ କଲେ ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ ଭାରତର ବିଭିନ୍ନ ସ୍ଥାନରେ ଦୈନିକ ସଂକ୍ରମଣ ୧୦ ହଜାର ଉପରେ ରହିପାରେ ଏବଂ ଅଗଷ୍ଟ ମଧ୍ୟଭାଗ ଆଡ଼କୁ ଏହା ତୀବ୍ରଗତିରେ ବୃଦ୍ଧି ପାଇପାରେ ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି।



ଏଟ୍‌ନା ପାର୍କର ବୋଭେଭାଲିଠାରେ ୟୁରୋପର ସର୍ବବୃହତ ଜୀବନ୍ତ ଆଗ୍ନେୟଗିରି ମାଉଣ୍ଟ ଏଟ୍‌ନାରୁ ଲାଭା ଉଦ୍‌ଗୀରଣ ହେଉଛି।

## କଶ୍ମୀରକୁ ରାଜ୍ୟ ମାନ୍ୟତା ପରେ ନିର୍ବାଚନ: ଗୁପ୍‌କାର ମେଣ୍ଟ

**ନୂଆଦିଲ୍ଲୀ, ୫।୭**

ଜମ୍ମୁ-କଶ୍ମୀରକୁ କେନ୍ଦ୍ର ସରକାର ରାଜ୍ୟ ମାନ୍ୟତା ଫେରାଇବା ପରେ ସେଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପିପୁଲ୍ସ ଆଲିଆନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ଗୁପ୍‌କାର ମେଣ୍ଟ) ପକ୍ଷରୁ ସୋମବାର କୁହାଯାଇଛି। ଗତ ମାସ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ସବୁ ରାଜନୈତିକ ଦଳର ନେତାମାନଙ୍କ ସହ ବୈଠକ କରିଥିଲେ। ଏହା ପରେ ପ୍ରଥମ ଥର ପାଇଁ ଗୁପ୍‌କାର ମେଣ୍ଟ ସର୍ବସାଧାରଣରେ ଉପରୋକ୍ତ ମନ୍ତବ୍ୟ ଦେଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲା। ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଥିଲେ। ତେବେ ଏହି ବୈଠକର ନିଷ୍କର୍ଷକୁ ନେଇ ମେଣ୍ଟ ଅସନ୍ତୋଷ ବ୍ୟକ୍ତ କରିଛି। ଏପର୍ଯ୍ୟନ୍ତ କଶ୍ମୀରର କେତେଜଣ ରାଜନୈତିକ ନେତାଙ୍କୁ ଗୃହବନ୍ଦୀ ରଖାଯାଇଛି। ବୈଠକରେ ଆସ୍ଥା ସ୍ଥାପନ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ମୁକ୍ତ କରିବା କିମ୍ବା ଅନ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପରେ ପ୍ରଥମ ଥର ପାଇଁ ଗୁପ୍‌କାର ମେଣ୍ଟର ନେତାମାନେ ସୋମବାର ଶ୍ରୀନଗରରେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, ଦଳର ମୁଖପାତ୍ର ଏମ୍.ୱାଇ. ତାରିଗାମି, ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ପ୍ରମୁଖ। ଜମ୍ମୁ-କଶ୍ମୀରକୁ ସୀମା ପୁନଃ ନିର୍ଦ୍ଧାରଣ କମିଶନ ସଦସ୍ୟମାନେ ଯିବା ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହୋଇଛି।

## ଦେଶରେ ପ୍ରଥମ ଥର

# ଶିକ୍ଷକଙ୍କୁ ଟପିଲେ ଶିକ୍ଷୟିତ୍ରୀ

**ବେଙ୍ଗାଲୁରୁ, ୫।୭**

ଦେଶରେ ପ୍ରଥମ ଥର ପାଇଁ ସ୍କୁଲ ଶିକ୍ଷକଙ୍କ ସଂଖ୍ୟାକୁ ଟପିଛନ୍ତି ଶିକ୍ଷୟିତ୍ରୀ। ୟୁନିଫାଇଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେଶନ ଅନ୍ ସ୍କୁଲ ଏଜୁକେଶନ ୨୦୧୯-୨୦ ରିପୋର୍ଟ ଅନୁଯାୟୀ, ଦେଶରେ ମୋଟ ୯୬.୮ ଲକ୍ଷ ଜଣ ଶିକ୍ଷାଦାନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୪୯.୨ ଲକ୍ଷ ହେଉଛନ୍ତି ଶିକ୍ଷୟିତ୍ରୀ। ୨୦୧୨-୧୩ ବର୍ଷରେ ଭାରତରେ ମୋଟ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୫.୮ ଲକ୍ଷ ରହିଥିବାବେଳେ ୪୨.୪ ଲକ୍ଷ ଶିକ୍ଷକ ପାଠ ପଢ଼ାଉଥିଲେ। ଗତ ୭ ବର୍ଷ ମଧ୍ୟରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୭ ପ୍ରତିଶତ ବୃଦ୍ଧି ପାଇଛି। ସମାନ ସମୟରେ ଶିକ୍ଷକଙ୍କ ସଂଖ୍ୟା ମାତ୍ର ୫.୩ ଲକ୍ଷ ବଢ଼ିଛି।




## ପ୍ରାଇମେରି ସ୍କୁଲରେ ଅଧିକ ଶିକ୍ଷୟିତ୍ରୀ

ରିପୋର୍ଟରେ ଅନ୍ୟ ଏକ ଦିଗ କହୁଛି, କେବଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଶିକ୍ଷକଙ୍କ ତୁଳନାରେ ଅଧିକ ରହିଛି। ପ୍ରି-ପ୍ରାଇମେରି ସ୍କୁଲରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି, ଯେଉଁଠି କି ଶିକ୍ଷକଙ୍କ ସଂଖ୍ୟା ମାତ୍ର ୨୭ ହଜାର। ହେଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏହା ପରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି। ପ୍ରାଇମେରି ଗ୍ରେଡ୍‌ରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅନୁପାତ ଯଥାକ୍ରମେ ୧୯.୬ ଲକ୍ଷ ଏବଂ ୧୫.୭ ଲକ୍ଷରେ ସନ୍ତୁଳିତ ରହିଛି। ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୧୧.୫ ଲକ୍ଷ ଶିକ୍ଷକ ଏବଂ ୧୦.୬ ଲକ୍ଷ ଶିକ୍ଷୟିତ୍ରୀ ଅଛନ୍ତି। ମାଧ୍ୟମିକ ସ୍କୁଲରେ ୬.୩ ଲକ୍ଷ ଶିକ୍ଷକ ଓ ୫.୨ ଶିକ୍ଷୟିତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲରେ ଏହି ସଂଖ୍ୟା ଯଥାକ୍ରମେ ୩.୭ ଲକ୍ଷ ଓ ୨.୮ ଲକ୍ଷ ରହିଛି। ସରକାରୀ ଏବଂ ସରକାରୀ ସହାୟତାରେ ଚାଲୁଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ସଂଖ୍ୟା ଅଧିକ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

## ଆଗରେ କେରଳ

ଅପରପକ୍ଷେ କେରଳ, ଦିଲ୍ଲୀ, ମେଘାଳୟ, ପଞ୍ଜାବ ଏବଂ ତାମିଲନାଡୁକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟଗୁଡ଼ିକରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି। କେରଳରେ ମୋଟ ଟିଚର୍ସଙ୍କ ମଧ୍ୟରୁ ୭୯%, ପଞ୍ଜାବରେ ୭୬%, ତାମିଲନାଡୁରେ ୭୫% ଏବଂ ଦିଲ୍ଲୀରେ ୭୪% ଶିକ୍ଷୟିତ୍ରୀ ରହିଛନ୍ତି। ଅଧିକ ପ୍ରାପ୍ୟ ପାଇଁ ଭାରତରେ ଅଧିକ ସଂଖ୍ୟାରେ ଶିକ୍ଷକ ସରକାରୀ ଏବଂ ମାଧ୍ୟମିକ ତଥା ଉଚ୍ଚ ବିଦ୍ୟାଳୟରେ ପଢ଼ିବାକୁ ପସନ୍ଦ କରୁଥିବା ଟିଚର୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ମାୟା ମେନନ କହିଛନ୍ତି।

**ଆମାଜନରେ ସୁପର ଭାଲ୍ୟୁ ଡେଜ୍**

ଆମାଜନ ଡଟ୍ ଇନରେ ସୁପର ଭାଲ୍ୟୁ ଡେଜ୍ ଆରମ୍ଭ ହୋଇଛି। ଗ୍ରସେରି, ଘରର ବିଭିନ୍ନ ସାମଗ୍ରୀ, ପ୍ୟାକେଟ ଖାଦ୍ୟ, ବ୍ୟକ୍ତିଗତ ସାମଗ୍ରୀ,ପେଟ୍ କେୟାର ଏବଂ ଅନ୍ୟ ବର୍ଗରେ ସାମଗ୍ରୀ ଉପରେ ୪୫% ଯାଏ ରିହାତି ଉପଲବ୍ଧ ହେଉଛି। ଏହା ଚଳିତ ମାସ ୭ ତାରିଖ ଯାଏ ଚାଲିବ। ଫାଷ୍ଟ ଡେଲିଭର ସୁବିଧା ସହ କିଛି ନିର୍ଦ୍ଦିଷ୍ଟ କମ୍ପାନୀର କାର୍ଡ ଟ୍ରାଞ୍ଜାକଶନରେ ଅତିରିକ୍ତ ରିହାତି ମଧ୍ୟ ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ରିଲାଏନ୍ସ ନୂଆ କମ୍ପାନୀ ବୋର୍ଡରେ ଅନନ୍ତ ଅମ୍ବାନୀ



ନୂଆଦିଲ୍ଲୀ, ୫।୭

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ରିଲାଏନ୍ସର ୨ ନୂଆ ସୋଲାର କମ୍ପାନୀ ବୋର୍ଡରେ ସାମିଲ ହୋଇଛନ୍ତି। ରିଲାଏନ୍ସ ନିୟୁ ଏନର୍ଜି ସୋଲାର ଏବଂ ରିଲାଏନ୍ସ ନିୟୁ ସୋଲାର ଏନର୍ଜି କମ୍ପାନୀରେ ଅନନ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି। ଜୁନ ୨୪ରେ ଶେଷ ହୋଇଥିବା କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ମୁକେଶ ଗ୍ରୀନ ଏନର୍ଜି ପ୍ଲାନ ସମ୍ପର୍କରେ ଘୋଷଣା କରିଥିଲେ। ଚଳିତ ବର୍ଷ ଫେବୃୟାରୀରେ ୨୬ ବର୍ଷୀୟ ଅନନ୍ତ ରିଲାଏନ୍ସ ଓଟୁସି ଏବଂ ଜିଓ ପ୍ଲାଟଫର୍ମର ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ।

# ନିୟନ୍ତ୍ରିତ ହେବେ ଡାଇରେକ୍ଟ ସେଲିଂ କମ୍ପାନୀ

ନୂଆଦିଲ୍ଲୀ, ୫।୭

 କେନ୍ଦ୍ର ସରକାର ଡାଇରେକ୍ଟ ସେଲିଂ କମ୍ପାନୀଗୁଡ଼ିକ ଲାଗି ନୂଆ ଡ୍ରାଫ୍ଟ ଆଇନ ଜାରି କରିଛନ୍ତି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ଡ୍ରାଫ୍ଟ ଆଇନ ଅନୁସାରେ ପ୍ରତ୍ୟକ୍ଷ ବିକ୍ରି କ୍ଷେତ୍ରରେ କାମ କରୁଥିବା କମ୍ପାନୀଗୁଡ଼ିକ ଏଜେଣ୍ଟଙ୍କଠାରୁ ପଞ୍ଜୀକରଣ କିମ୍ବା ଅନ୍ୟ ଚାର୍ଜ ଆଦାୟ କରିପାରିବେ ନାହିଁ। ଆମ୍‌ୱେ, ଓରିଫ୍ଲେମ୍ ଏବଂ ଟପରୱେର ଭଳି କମ୍ପାନୀଗୁଡ଼ିକ ଲାଗି ଏହି ନୂଆ ଆଇନ ଅନିବାର୍ଯ୍ୟ ହେବ। ପ୍ରସ୍ତାବିତ ନିୟମ ମୁତାବକ, ଡାଇରେକ୍ଟ ସେଲିଂ କମ୍ପାନୀଗୁଡ଼ିକ ଲାଗି ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଏହାବାଦ ଡାଇରେକ୍ଟ ସେଲର ବା ଏଜେଣ୍ଟଙ୍କ ସୁରକ୍ଷା ଏବଂ କମ୍ପାନୀଗୁଡ଼ିକୁ ଗ୍ରାହକଙ୍କ ପ୍ରତି ଉତ୍ତରଦାୟୀ କରିବା ଭଳି ନିୟମ ମଧ୍ୟ ଏଥିରେ ସାମିଲ ରହିଛି।

### ଖାଉଟି ଆଇନ ଆଧାରରେ ପ୍ରସ୍ତୁତ

ପ୍ରଥମ ଥର ଲାଗି ସରକାର ଏହି ବର୍ଗର କମ୍ପାନୀଗୁଡ଼ିକ ଲାଗି ନିୟମ ପ୍ରସ୍ତୁତ କରିଛନ୍ତି। କମ୍ପାନୀଗୁଡ଼ିକ ଏଜେଣ୍ଟଙ୍କଠାରୁ ଏଣ୍ଟ୍ରି ଫି କିମ୍ବା ପଞ୍ଜୀକରଣ ବାବଦ ଦେୟ ଆଦାୟ କରି ପାରିବେ ନାହିଁ। ସେହିଭଳି ବିକ୍ରି ଲାଗି ପ୍ରଦର୍ଶନ କରାଯାଉଥିବା ଉପକରଣ କିମ୍ବା ଅନ୍ୟ ମ୍ୟାଟେରିଆଲ ଅର୍ଥ ମଧ୍ୟ କମ୍ପାନୀଗୁଡ଼ିକ ଆଦାୟ କରିପାରିବେ ନାହିଁ। ୨୦୧୬ରେ ସରକାର ପ୍ରଥମ ଥର ଲାଗି ଏ ସଂକ୍ରାନ୍ତ ଗାଇଡ୍‌ଲାଇନ ଜାରି କରିଥିଲେ। ଏହା କେବଳ ଏକ ଆଡଭାଇଜରି ରହିଥିଲା। ବର୍ତ୍ତମାନ ଜାରି କରାଯାଇଥିବା ଡ୍ରାଫ୍ଟ ଆଇନ ଖାଉଟି ସୁରକ୍ଷା ଆଇନ ଆଧାରରେ ପ୍ରସ୍ତୁତ ହୋଇଛି। କମ୍ପାନୀଗୁଡ଼ିକ ନିୟମ ଉଲ୍ଲଂଘନ କ୍ଷେତ୍ରରେ ଜରିମାନା ଦେବାକୁ ପଡ଼ିବ। ଡ୍ରାଫ୍ଟ ନିୟମ ମୁତାବକ, ଭାରତରେ କାରବାର କରୁଥିବା ପ୍ରତ୍ୟେକ ଡାଇରେକ୍ଟ ସେଲିଂ କମ୍ପାନୀ ଶିଳ୍ପ ବିଭାଗ (ଡିପିଆଇଆଇଟି) ନିକଟରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ହେବ। କମ୍ପାନୀଗୁଡ଼ିକର ଗୋଟିଏ ଅଫିସ ଅତିକମ୍‌ରେ ଭାରତରେ ରହିବା ଆବଶ୍ୟକ।

### ଏଜେଣ୍ଟଙ୍କଠାରୁ ପଞ୍ଜୀକରଣ କିମ୍ବା ଅନ୍ୟ ଚାର୍ଜ ଆଦାୟ କରିପାରିବେନି




### ଅଭିଯୋଗ ସମାଧାନ

ଡାଇରେକ୍ଟ ସେଲିଂ କମ୍ପାନୀଗୁଡ଼ିକର ପଞ୍ଜୀକରଣ ନମ୍ବର ସେମାନଙ୍କ ୱେବ୍‌ସାଇଟରେ କିମ୍ବା ପ୍ରତ୍ୟେକ ୱେବ୍‌ସାଇଟରେ ଭଲ ଭାବେ ଡିସ୍‌ପ୍ଲେ ହୋଇଥିବା ଆବଶ୍ୟକ। ସେହିଭଳି ଖାଉଟିଙ୍କ ସମସ୍ୟା ସମାଧାନ କରିବା ଲାଗି କମ୍ପାନୀଗୁଡ଼ିକ ବିଶେଷ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପଡ଼ିବ। ସମସ୍ତ ପ୍ରକାର ଅଭିଯୋଗ ସମାଧାନ କରିବା ଲାଗି ୨୪ ଘଣ୍ଟିଆ କଷ୍ଟମର କେୟାର ନମ୍ବର ମଧ୍ୟ ରଖିବାକୁ ପଡ଼ିବ।

### ପିରାମିଡ୍ ସ୍କିମ୍ ଚଳାଇ ପାରିବେନି

ଡାଇରେକ୍ଟ ସେଲିଂ କମ୍ପାନୀଗୁଡ଼ିକ ପିରାମିଡ୍ ସ୍କିମ୍‌କୁ ଉତ୍ସାହିତ କରିପାରିବେନି ବୋଲି ଡ୍ରାଫ୍ଟ ରୁଲ୍‌ରେ କୁହାଯାଇଛି। ମନି ସର୍କୁଲେଶନ ସ୍କିମ୍‌ରେ ଭାଗନେବା ଲାଗି କମ୍ପାନୀଙ୍କୁ ବାରଣ କରାଯାଇଛି। ପିରାମିଡ୍ ସ୍କିମ୍ ଏମିତି ଏକ ବିଜ୍‌ନେସ ମଡେଲ ଯେଉଁଥିରେ ଯୋଡି ହେଉଥିବା ସଦସ୍ୟ ଅନ୍ୟ ସଦସ୍ୟଙ୍କୁ ଯୋଡ଼ିଲେ ଯୋଡୁଥିବା ବ୍ୟକ୍ତିଙ୍କୁ ଅର୍ଥ କିମ୍ବା କିଛି ସେବା ଉପଲବ୍ଧ ହୋଇଥାଏ। କମ୍ପାନୀଗୁଡ଼ିକ ପ୍ରସ୍ତାବିତ ନିୟମକୁ ୯୦ ଦିନ ମଧ୍ୟରେ ପାଳନ କରିବାକୁ ପଡିବ।

### ନକଲି, ଖରାପ ଜିନିଷ ପ୍ରତ୍ୟାହାର ହେବ

କମ୍ପାନୀ ଯଦି ଗ୍ରାହକଙ୍କୁ ନକଲି କିମ୍ବା ଖରାପ ଜିନିଷ ଦେଇଥାନ୍ତି ତେବେ ତାକୁ ଫେରାଇ ନେବାକୁ ପଡ଼ିବ। ସେହିଭଳି କୌଣସି ଜିନିଷ ଲାଗି ଲୋକଙ୍କଠାରୁ ନେଇଥିବା ଅର୍ଥକୁ ମଧ୍ୟ ଫେରାଇବାକୁ ପଡ଼ିବ। କୁଲିଂ ଅଫ୍ ପିରିୟଡ ସମ୍ପର୍କରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

## ସାଇବର ବୀମା କମ୍ପାନୀଙ୍କ ଚିନ୍ତା ବଢୁଛି

### ରାନ୍‌ସମୱେରଠାରୁ ବର୍ତ୍ତିବା କଷ୍ଟକର

ବୋଷ୍ଟନ, ୫।୭

ଦିନକୁ ଦିନ ସାଇବର ଆକ୍ରମଣ ଏବଂ ରାନ୍‌ସମୱେର ମାମଲା ବଢ଼ିଚାଲିଛି। ଗତ କିଛି ସପ୍ତାହ ମଧ୍ୟରେ ରାନ୍‌ସମୱେର ଅପରାଧୀମାନେ ସମ୍ବେଦନଶୀଳ ଡାଟା ଚୋରି କରିବା ସହ ଏଥିଲାଗି ଜୋର ଜବରଦସ୍ତି ଅର୍ଥ ଦାବି କରୁଛନ୍ତି। ଏହା ପ୍ରଭାବଠାରୁ ବୀମା କମ୍ପାନୀ ମଧ୍ୟ ବର୍ତ୍ତିପାରି ନାହାନ୍ତି। ବର୍ତ୍ତମାନ ବୀମା କ୍ଲେମ୍ ବଢ଼ିଥିବାରୁ ଅତି କମ୍‌ରେ ୩ଟି ଉତ୍ତର ଆମେରିକୀୟ ବୀମା ବ୍ରୋକ୍‌ରେଜ କମ୍ପାନୀ ପ୍ରଭାବିତ ହେଉଥିବା ଦେଖାଯାଇଛି। ଏହି କମ୍ପାନୀଗୁଡ଼ିକ ଅନ୍ୟମାନଙ୍କୁ ନେଟ୍‌ୱାର୍କ-ପାରାଲାଇଜିଂ, ଡାଟା-ଚୋରି ଚୋରି ଆକ୍ରମଣରୁ ବର୍ତ୍ତିବାରେ ସାହାଯ୍ୟ କରିବାକୁ ନୀତି ପ୍ରଦାନ କରିଥାଏ। ଏମାନେ ମଧ୍ୟ ବର୍ତ୍ତମାନ ସମସ୍ୟା ସାମ୍ନା କରୁଛନ୍ତି।

ସାଇବର ଅପରାଧୀମାନେ ସମ୍ବେଦନଶୀଳ ତଥ୍ୟ ଚୋରି ପାଇଁ କର୍ପୋରେଟ ଏବଂ ସରକାରୀ ନେଟ୍‌ୱାର୍କରେ ହ୍ୟାକ୍ କରୁଥିବା ଦେଖାଯାଉଛି। ପୀଡ଼ିତଙ୍କ ପାଖରେ କେତେ ସାଇବର ବୀମା କଭରେଜ ଅଛି ତାହା ଜାଣିବାକୁ ସାଇବର ଅପରାଧୀମାନେ ଚେଷ୍ଟା କରୁଛନ୍ତି। ପୀଡ଼ିତମାନେ କ'ଣ ଦେବାକୁ ସକ୍ଷମ ତାହା ଜାଣିବା ଦ୍ୱାରା ସେମାନଙ୍କ ଡାଟାର ମୁକ୍ତି ଲାଗି ଲୋକଙ୍କ ସହ ମୂଲଚାଲ କରୁଛନ୍ତି। ସାଇବର ବୀମା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକୁ ମଧ୍ୟ ଗ୍ରାହକଙ୍କ ପରିଚୟ ଏବଂ କଭରେଜ ପରିସର ପାଇଁ ଟାର୍ଗେଟ କରାଯାଉଛି। ଫଳରେ ଉଭୟ ପଟୁ କମ୍ପାନୀ ପ୍ରଭାବିତ ହେଉଛନ୍ତି। ବ୍ୟବସାୟ, ଡାକ୍ତରଖାନା, ବିଦ୍ୟାଳୟ ଏବଂ ସ୍ଥାନୀୟ ପ୍ରଶାସନ ଏକ ବ୍ୟାପକ ପରିମାଣର ବିଶ୍ୱ ମହାମାରୀରେ ପରିଣତ ହେବା ପୂର୍ବରୁ ସାଇବର ବୀମା ଏକ ଲାଭଜନକ ଶିଳ୍ପ ଥିଲା।

ସାଇବର ଅପରାଧ କ୍ଷେତ୍ରରେ ଲୋକଙ୍କୁ ବୀମା ସୁବିଧା ଦ୍ୱାରା କମ୍ପାନୀ ଅନେକଙ୍କୁ ଦେବାଳିଆ ପରିସ୍ଥିତିରୁ ଦୂରେଇ ରଖିଥିଲେ। ବର୍ତ୍ତମାନ, ଏହି କ୍ଷେତ୍ର ଅପରାଧୀଙ୍କ ଟାର୍ଗେଟରେ ରହିଛି। ଗତ ବର୍ଷ ରାନ୍‌ସମୱେର ମାମଲା ବହୁତ ବଢ଼ିଯାଇଛି। ଏ କ୍ଷେତ୍ରରେ ଗତ ବର୍ଷ ୪୦୦%ରୁ ଅଧିକ ବୃଦ୍ଧି ହୋଇଛି। ଏହାଦ୍ୱାରା ଜୋର କରି ହ୍ୟାକରମାନେ ଅର୍ଥ ଦାବି କରୁଛନ୍ତି। ଫଳରେ କମ୍ପାନୀଗୁଡ଼ିକର କାରବାରକୁ ଏହା ପ୍ରଭାବିତ କରିଛି। କମ୍ପାନୀଗୁଡ଼ିକ ଯେତେ ପରିମାଣରେ ଅର୍ଥ ପ୍ରିମିୟମ ଭାବେ ସଂଗ୍ରହ କରୁଛନ୍ତି ସେମାନଙ୍କ ଖର୍ଚ୍ଚ ବର୍ତ୍ତମାନ ୭୦% କିମ୍ବା ଏହାଠାରୁ ଅଧିକ ରହୁଛି। ରାନ୍‌ସମୱେର ବିଶେଷଜ୍ଞ ଥିବା ସାଇବର ସିକ୍ୟୁରିଟି ଫାର୍ମ ଏମ୍ସିସଫ୍ଟର ମୁଖ୍ୟ ଟେକ୍ନିକାଲ ଅଧିକାରୀ ଫାବିଆନ ୱୋସର କହିଛନ୍ତି, ବୀମାକାରୀଙ୍କ ମଧ୍ୟରେ ପୂର୍ବଭଳି ମନୋଭାବ ଆଉ ନାହିଁ। ଅପରାଧୀଙ୍କୁ ଦେୟ ଦେବାରେ ସମସ୍ୟା ଉପୁଜୁଛି। ରାନ୍‌ସମୱେର ଯୋଗୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାରୁ କମ୍ପାନୀ ଚାହୁଁଛନ୍ତି ଯେ ଏହି ସମସ୍ୟା ଯେଭଳି ନ ରହୁ। ସେ ପୁଣି କହିଛନ୍ତି, ରେନ୍ସୱେୟାର ଗୋଷ୍ଠୀଗୁଡିକ ଅତି ଶୀଘ୍ର ଲୋଭୀ ହୋଇ ଯାଇଛନ୍ତି। ରାନ୍‌ସମୱେର ଲାଗି ଅର୍ଥ ଦେବାକୁ ପଡ଼ିବ ବୋଲି କମ୍ପାନୀ କେବେ ବିଚାର କରି ନ ଥିଲେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବୃହତ୍ତମ ରେନ୍ସୱେୟାର ଆକ୍ରମଣ ବୀମାକାରୀଙ୍କୁ କିପରି ପ୍ରଭାବିତ କରିବ ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଏହା ଭଲ ହୋଇପାରିବ ନାହିଁ । ମୁକ୍ତି ପାଇଁ ଅର୍ଥ ଫେରସ୍ତ ବନ୍ଦ କରିବା ନିମନ୍ତେ ଶିଳ୍ପ ଉପରେ ଚାପ ସୃଷ୍ଟି ହେଉଛି। ମେ ମାସରେ ପ୍ରମୁଖ ସାଇବର ବୀମାକାରୀ ଆକ୍ସା ଫ୍ରାନ୍ସର ସମସ୍ତ ନୂତନ ନୀତି ସହିତ ଏହା କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏହା ଏ ପର୍ଯ୍ୟନ୍ତ ଶିଳ୍ପରେ ଏକାକୀ ଅଛି। ସରକାରମାନେ କ୍ଷତିପୂରଣ ବାବଦ କୌଣସି ପଦକ୍ଷେପ ନେଇନାହାନ୍ତି।




## ଶକ୍ତିଭୋଗ ଅଟା ଅଧ୍ୟକ୍ଷ ଗିରଫ

### ୩୨୬୯ କୋଟିର ବେଆଇନ ଅର୍ଥ କାରବାର ମାମଲା

ନୂଆଦିଲ୍ଲୀ, ୫।୭

ଲୋକପ୍ରିୟ ବ୍ରାଣ୍ଡ ଶକ୍ତିଭୋଗ ଅଟା ପ୍ରସ୍ତୁତ କରୁଥିବା କମ୍ପାନୀ ଶକ୍ତିଭୋଗ ଫୁଡସ୍ ଲିମିଟେଡ୍‌ର ଅଧ୍ୟକ୍ଷ କେ. କୃଷ୍ଣକୁମାରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ବେଆଇନ ଅର୍ଥ କାରବାର ନେଇ ତାଙ୍କ ନାମରେ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ୧୦ ବ୍ୟାଙ୍କରୁ ୩୨୬୯ କୋଟି ଟଙ୍କାର ଋଣ ଠକେଇ ନେଇ ଅଭିଯୋଗ ମଧ୍ୟ ରହିଛି। ରବିବାର ରାତିରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ବେଆଇନ ଅର୍ଥ କାରବାର ମାମଲାରେ ସ୍ୱତନ୍ତ୍ର କୋର୍ଟ ଜୁଲାଇ ୯ ତାରିଖ ଯାଏ ତାଙ୍କୁ ଇଡି ହେପାଜତରେ ନେବାକୁ ଅନୁମତି ଦେଇଛନ୍ତି। ତାଙ୍କୁ ଗିରଫ କରିବା ପୂର୍ବରୁ ଇଡି ପକ୍ଷରୁ ଦିଲ୍ଲୀ ଏବଂ ହରିୟାଣାର ୯ ସ୍ଥାନ ଉପରେ ଚଢ଼ାଉ କରାଯାଇଥିଲା। ଏହି ମାମଲାରେ ପ୍ରଥମେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ନିକଟରେ ଏକ ମାମଲା ଦାୟର କରାଯାଇଥିଲା।



## ଆଶଙ୍କାରେ କୃଷି ଯନ୍ତ୍ରାଂଶ ଉତ୍ପାଦନକାରୀ

ଭୁବନେଶ୍ୱର,୫।୭

କରୋନା ମହାମାରୀ ସମୟରେ ସବୁ କିଛି ବନ୍ଦ ଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ସହ ଜଡ଼ିତ ସମସ୍ତ କ୍ଷେତ୍ରକୁ ଖୋଲା ରଖିବା ପାଇଁ ଅନୁମତି ଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି କୃଷକଙ୍କ ମନରେ ଖୁସି ଦେଇଥିବା ବେଳେ କୃଷି ସାମଗ୍ରୀ ଉତ୍ପାଦନ କରୁଥିବା ବ୍ୟବସାୟୀମାନେ ହତାଶ ହୋଇ ପଡିଥିବା ଓଡ଼ିଶା ଏଗ୍ରିକଲ୍‌ଚର ଇମ୍ପ୍ଲିମେଣ୍ଟସ ମାନୁଫାକ୍‌ଚରର୍ସ ଆସୋସିଏଶନ (ଓଏମା)ର ସଦସ୍ୟମାନେ କହିଛନ୍ତି। ସରକାର ଓ କୃଷକଙ୍କ ସୁବିଧା ପାଇଁ ସେମାନେ କୋଟି କୋଟି ଟଙ୍କା ବିନିଯୋଗ କରି ବିଭିନ୍ନ ଉତ୍ପାଦନ ଓ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଉତ୍ପାଦିତ ଯନ୍ତ୍ରପାତିଗୁଡ଼ିକୁ ରାଜ୍ୟ ସରକାରଙ୍କ ୪ଟି ସଂସ୍ଥା ଯଥା- ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ (ଓଏଆଇସି), ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେଶନ (ଓଏସ୍‌ଆଇସି), ଜିଲା ମୁଖ୍ୟ କୃଷି ଅଧିକାରୀ ଏବଂ ଜିଲା କୃଷି ଯନ୍ତ୍ରୀ ସମେତ ରାଜ୍ୟର ପ୍ରମୁଖ ଚାଷୀ ଓ କୃଷକଙ୍କୁ ବିଭିନ୍ନ କୃଷି ଜାତ ସାମଗ୍ରୀ ବିକ୍ରି କରାଯାଇଥାଏ। ଏ ସମ୍ପର୍କରେ ଓଏମା ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ବିଭିନ୍ନ କୃଷିଜାତ ସାମଗ୍ରୀ ଉପରେ ପ୍ରାୟ ୫୦% ସବ୍‌ସିଡି କୃଷି ସହ ଜଡ଼ିତ ସବୁ ବର୍ଗଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ରାଜ୍ୟର ଛୋଟ ଓ ନାମମାତ୍ର ଚାଷୀଙ୍କୁ ସରକାର ୨୦ ରୁ ୩୦ କୋଟି ଟଙ୍କାର ସବ୍‌ସିଡି ଦେଉଥିବା ବେଳେ କୃଷିକ୍ଷେତ୍ର ଜଡିତ ଅନ୍ୟାନ୍ୟା କୃଷି ବ୍ୟବସାୟୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୪୦୦ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଥାନ୍ତି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ବନ୍ଦ ରହିଛି। ଫଳରେ ରାଜ୍ୟର ପ୍ରାୟ ୨୦୦ କୃଷି ସାମଗ୍ରୀ ଉତ୍ପାଦନକାରୀ ସଂସ୍ଥା ବର୍ତ୍ତମାନ ସମୟରେ କ'ଣ କରିବେ ଆଉ କୁଆଡେ ଯିବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ସରକାରଙ୍କ କୃଷି ବିଭାଗର ବିଭିନ୍ନ ସଂସ୍ଥା ଯଦି ରାଜ୍ୟର କୃଷି ସାମଗ୍ରୀ ଉତ୍ପାଦନକାରୀଙ୍କ ହାତ ଛାଡ଼ି ଦେବେ ତା' ହେଲେ ଆମେ କ'ଣ କରିବୁ ଏବଂ ବ୍ୟାଙ୍କରୁ ଆଣିଥିବା ଋଣ ଏବଂ ଇଏମ୍‌ଆଇ କିପରି ପରିଶୋଧ କରିବୁ ବୋଲି ଓଏମାର ସାଧାରଣ ସମ୍ପାଦକ ବିଜୟ କେ. ମଞ୍ଜୁଲା କହିଛନ୍ତି। ସରକାରଙ୍କ ଏଭଳି ନୀତି ଦ୍ୱାରା ୨୦୦୦ ପରିବାର ବର୍ତ୍ତମାନ ଦାଣ୍ଡକୁ ଆସିଯିବେ ସେ ମତବ୍ୟକ୍ତ କରିଛନ୍ତି।

**ଫୁରସତ୍**

# 'ପ୍ରାଣୀଙ୍କଠାରୁ ସଂକ୍ରମିତ ରୋଗକୁ ରୋକିବା'

### ଆଜି ବିଶ୍ୱ ଜୁନୋସେସ୍ ଦିବସ

ଆଜି ହେଉଛି ବିଶ୍ୱ ଜୁନୋସେସ୍ ଦିବସ। ୧୮୮୫ ମସିହାଠାରୁ ପ୍ରତିବର୍ଷ ଜୁଲାଇ ୬ ତାରିଖରେ ପାଳିତ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା- ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗର ଭୟାବହତା ଆଶଙ୍କା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ଏଥିସହିତ ସତର୍କତାମୂଳକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ସଂଗେ ସଂଗେ ନିଜକୁ ସୁରକ୍ଷିତ ରଖିବା ।

ଏ ସମ୍ପର୍କରେ ବରିଷ୍ଠ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀରକିଶୋର ପରିଡ଼ା କୁହନ୍ତି, ''ଜୁନୋସେସ୍ ବା ଜୁନୋସିସ୍ ହେଉଛି ଏକ ଜୀବାଣୁ, ଭୂତାଣୁ, ପରଜୀବୀ ଆଦି ଜନିତ ମାରାତ୍ମକ ସଂକ୍ରାମକ ରୋଗ ; ଯାହା କି ମେରୁଦଣ୍ଡୀ ପ୍ରାଣୀଠାରୁ ମନୁଷ୍ୟକୁ କିମ୍ବା ମନୁଷ୍ୟଠାରୁ ପ୍ରାଣୀକୁ ସଂକ୍ରମଣ କରିଥାଏ । ଏହିସବୁ ରୋଗ ମଧ୍ୟରୁ କେତେକ ସାଧାରଣ ରୋଗ ହେଲା- ଜୀବାଣୁଜନିତ ରୋଗ ଯଥା - ଆନ୍ଥ୍ରାକ୍ସ, ଯକ୍ଷ୍ମା, ବ୍ରୁସେଲୋସିସ୍, ଲେପ୍ରସି, ଲେପ୍ଟୋସ୍ପାଇରୋସିସ୍, ସାଲ୍‌ମୋନେଲୋସିସ୍ ଇତ୍ୟାଦି । ସେହିପରି ଭୂତାଣୁ ଜନିତ ରୋଗ ମଧ୍ୟରେ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ବା ବାର୍ଡଫ୍ଲୁ , ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ), ଜଳାତଙ୍କ, ଫାଟୁଆ, ଆଫ୍ରିକାନ୍ ସ୍ଲିପିଙ୍ଗ୍ ସିକନେସ୍, ଏବୋଲା ଭାଇରସ୍, ନିପାହ ଭାଇରସ୍ ସଂକ୍ରମଣ, ସ୍ୱାଇନ୍ ଫ୍ଲୁ ଆଦି ଅନ୍ୟତମ । କୃମିଜନିତ ରୋଗ ମଧ୍ୟରେ ଅଙ୍କୁଶ କୃମି, ଗୋଲାକୃତି କୃମି ଆଦି ପ୍ରଧାନ । ଏହି ସବୁ ରୋଗ ସଂକ୍ରମିତ ପ୍ରାଣୀର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ କିମ୍ବା ପରୋକ୍ଷଭାବେ ସେମାନଙ୍କର ବର୍ଜ୍ୟପଦାର୍ଥ ଯଥା ମଳ, ମୂତ୍ର, ଲାଳ, ସିଙ୍ଘାଣି ଆଦିର ସଂସ୍ପର୍ଶରେ ଆସିଲେ ରୋଗ ସହଜରେ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗ ସୃଷ୍ଟି କରାଇଥାଏ । ବିଭିନ୍ନ ପ୍ରାଣିଜ ଖାଦ୍ୟ ଯଥା- ଦୁଗ୍ଧ, ମାଂସ ଓ ଅଣ୍ଡା ମାଧ୍ୟମରେ ମଧ୍ୟ କେତେକ ରୋଗ ମନୁଷ୍ୟଙ୍କଠାରେ ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । ସୂଚନାଯୋଗ୍ୟ ବାଦୁଡିକୁ କୋଭିଡ୍-୧୯ ବା କରୋନା ମହାମାରୀର ଉତ୍ସ କୁହାଯାଉଥିବାବେଳେ ପ୍ରାଣୀଠାରୁ ମନୁଷ୍ୟକୁ ସଂକ୍ରମିତ ରୋଗର ବଡ଼ ଉଦାହରଣ ଭାବରେ ନିଆଯାଉଛି। ଚଳିତବର୍ଷ ଉକ୍ତ ଦିବସ ଲାଗି ବାର୍ତ୍ତା ରହିଛି 'ପ୍ରାଣୀଙ୍କଠାରୁ ମନୁଷ୍ୟକୁ ସଂକ୍ରମିତ ରୋଗର ଧାରାକୁ ରୋକିବା'। ତେଣୁ ଏସବୁ ପ୍ରତି ସଚେତନ ହେବା ସହ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ।''



# ମହିଳା ଏମ୍‌ପିଙ୍କୁ ଚାପୁଡ଼ା

**ଟ୍ୟୁନିସ୍:** ଟ୍ୟୁନିସିଆର ପାର୍ଲାମେଣ୍ଟରେ ଏକ ଅପ୍ରୀତିକର ଘଟଣା ଘଟିଛି। ବିତର୍କ ସମୟରେ ଜଣେ ମହିଳା ଏମ୍‌ପିଙ୍କୁ ଅନ୍ୟ ଜଣେ ଏମ୍‌ପି ମାଡ଼ ମାରିଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟରେ ବିତର୍କ ଚାଲୁଥିବା ବେଳେ ଟ୍ୟୁନେଶିଆ ସରକାର ଓ କାତର ଫଣ୍ଡ ଫର୍ ଡେଭଲପ୍‌ମେଣ୍ଟ (କ୍ୟୁଏଫ୍‌ଏଫ୍‌ଡି) ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଫ୍ରି ଡିଷ୍ଟୋରିଆନ ପାର୍ଟିର ନେତ୍ରୀ ତଥା ମହିଳା ଏମ୍‌ପି ଅବୀର ମୌସି ବିରୋଧ କରିଥିଲେ। ଏହାକୁ ନେଇ ଏମ୍‌ପି ସାହବୀ ସମରା ଓ ଅବୀର ମୌସିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ ଏତେ ବଢ଼ିଯାଇଥିଲା ଯେ, ସାହବୀ ସମରା ନିଜ ସିଟ୍‌ରୁ ଉଠି ଅବୀର ମୌସିଙ୍କ ପାଖକୁ ଯାଇ ତାଙ୍କୁ ଚାପୁଡା ମାରିଥିଲେ। ସେହି ସମୟରେ ଅନ୍ୟ ଏମ୍‌ପିମାନେ ଅବୀର ମୌସିଙ୍କୁ ରକ୍ଷା କରିବା ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ମହିଳା ଏମ୍‌ପି ଜଣଙ୍କ ସେତେବେଳେ ଫେସ୍‌ବୁକ ଲାଇଭ୍ ଅନ୍ ରଖିଥିବାବେଳେ ଏହି ଆକ୍ରମଣର ଦୃଶ୍ୟ ମଧ୍ୟ ଲାଇଭ୍ ହୋଇଥିଲା। ଏହି ଭିଡିଓକୁ ସେ ଶେୟାର କରିବା ସହ କ୍ୟାପସନ୍‌ରେ ଲେଖିଛନ୍ତି, ସାହବୀ ସମରାଙ୍କ ଏ ହେଉଛି ଅସଲି ରୂପ। ହିଂସା ଘଟାଇବା ଓ ମହିଳାଙ୍କ ଅପମାନ କରିବା ହେଉଛି ତାଙ୍କ ପ୍ରକୃତି। ଭିଡିଓଟି ଜୁଲାଇ ୧ର ବୋଲି କୁହାଯାଉଥିବା ବେଳେ ଏବେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଟ୍ୟୁନିସିଆ ରାଷ୍ଟ୍ରପତି ପ୍ରତିକ୍ରିୟା ଦେଇଛନ୍ତି। ଏହି ମାମଲାରେ ସେ ଅବୀରଙ୍କୁ ଦାୟୀ କରିଛନ୍ତି।



»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524



ସୈଫ ଅଲ୍ଲୀ ଖାନ୍

# 'ଭୂତ୍ ପୋଲିସ'ରେ ସୈଫଙ୍କ ଫାଷ୍ଟ ଲୁକ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୈଫ ଅଲ୍ଲୀ ଖାଁଙ୍କ ଅପକମିଂ ହରର୍ ଓ କମେଡି ଫିଲ୍ମ 'ଭୂତ୍ ପୋଲିସ' ଖୁବଶୀଘ୍ର ପରଦାକୁ ଆସିବାକୁ ଯାଉଛି। ଫିଲ୍ମରେ ସୈଫ ବିଭୂତି ଚରିତ୍ରରେ ନଜର ଆସିବେ। ତେବେ ସୋମବାର ବିଭୂତି ଚରିତ୍ର ଥିବା ସୈଫଙ୍କ ଫାଷ୍ଟ ଲୁକ୍ ସାମ୍ନାକୁ ଆସିଛି। ଏଥିରେ ସୈଫ ବ୍ଲାକ୍ କଲରର ଡ୍ରେସ୍ ପିନ୍ଧିଥିବା ବେଳେ ଗଳାରେ ଏକ ମାଳା ଓ ହାତରେ ଏକ ଅଜବ ବାଡ଼ି ଧରିଥିବା ଦେଖିବାକୁ ମିଳିଛି। ଏଥିସହ ତାଙ୍କ ମୁହଁରେ ଏକ ଭୟଙ୍କର ହସ ରହିଥିବା ନଜର ଆସିଛି। ସୈଫଙ୍କ ଏହି ଲୁକ୍‌କୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ସ୍ତ୍ରୀ ତଥା ଅଭିନେତ୍ରୀ କରୀନା କପୁର ଖାଁ ସୈଫଙ୍କ ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତ। ଏଥିସହ ସେ କ୍ୟାପସନ୍‌ରେ ଲେଖିଛନ୍ତି, ପାରାନର୍ମାଲଙ୍କୁ ଭୟ କର ନାହିଁ, ବରଂ ବିଭୂତି ସହ ସୁରକ୍ଷିତ ଅନୁଭବ କର। ଖୁବ୍‌ଶୀଘ୍ର ଏହି ଫିଲ୍ମ ଡିଜିଟାଲ ପ୍ଲାଟଫର୍ମ ଡିସ୍‌ନି ହଟ୍ ଷ୍ଟାର ଭିଆଇପିରେ ରିଲିଜ୍ ହେବ। ଫିଲ୍ମର ଘୋଷଣା ପରେ ଟୁଇଟର୍‌ରେ ଏବେ ସୈଫ ଟ୍ରେଣ୍ଡ କରୁଛନ୍ତି। ପ୍ରଶଂସକ ବହୁ ଉତ୍କଣ୍ଠାର ସହ ଏହି ଫିଲ୍ମର ରିଲିଜକୁ ଅପେକ୍ଷା କରିଛନ୍ତି। ଏଥିରେ ସୈଫଙ୍କ ସହ ୟାମି ଗୌତମ, ଜ୍ୟାକଲିନ୍ ଫର୍ନାଡିଜ୍ ଓ ଅର୍ଜୁନ କପୁର ନଜର ଆସିବେ। ଏହାର ଶୁଟିଂ ହିମାଚଳ ପ୍ରଦେଶ, ମୁମ୍ବାଇ ଓ ରାଜସ୍ଥାନର ଜୈସଲମେରରେ କରାଯାଇଛି। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ପବନ କ୍ରିପାଲାନୀ ତୁଲାଇଛନ୍ତି।

# ରୋଡ ସେଫ୍‌ଟି ଆମ୍ବାସାଡର ଦିବ୍ୟାଙ୍ଗ ଦମ୍ପତି

**ଥିରୁଭାନନ୍ତପୁରମ୍:** ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ କରିବା ଆଉ ସମାଜରେ ସହଜ ଏବଂ ସୁଖମୟ ଜୀବନ ଭେଟି ଦେବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଛି। ତେବେ ସେମାନଙ୍କ କଷ୍ଟ ଓ ଅସୁବିଧାକୁ ଠିକ୍ ଭାବେ ବୁଝିପାରି ସେହି ଅନୁରୂପ ସାହାଯ୍ୟ କରିବା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି କେରଳର ଦମ୍ପତି। କେରଳ ଥିରୁଅନନ୍ତପୁରମର ଦମ୍ପତି ଜର୍ଜ କେ ଥୋମାସ୍ ଏବଂ ତାଙ୍କ ପତ୍ନୀ ଜୈସମିନ୍ ଇସାକ୍ ଏବେ ଦିବ୍ୟାଙ୍ଗମାନଙ୍କ ପାଇଁ କାମ କରୁଛନ୍ତି। ଉଭୟେ ସ୍ୱତନ୍ତ୍ର ବହି ଲେଖି ସେମାନଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରାଉଛନ୍ତି। ଦିବ୍ୟାଙ୍ଗମାନଙ୍କୁ ପବ୍ଲିକ ଟ୍ରାନ୍ସପୋର୍ଟରେ ହେଉଥିବା ଅସୁବିଧା ବାବଦରେ ଅବଗତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପୁସ୍ତକରେ ଚିତ୍ର ମାଧ୍ୟମରେ ସୁନ୍ଦରଭାବେ ଦର୍ଶାଇଛନ୍ତି। ଏହା ସହିତ ସେମାନଙ୍କୁ ସଚେତନ କରିବା ନିମନ୍ତେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ତିଆରି କରିଛନ୍ତି। ଏହା ମାଧ୍ୟମରେ ଦିବ୍ୟାଙ୍ଗମାନେ ସହଜରେ ସଚେତନ ହୋଇପାରିବେ ବୋଲି ସେ କହିଛନ୍ତି। କେବଳ ଦିବ୍ୟାଙ୍ଗମାନଙ୍କ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ମଧ୍ୟ ସଡକ ସୁରକ୍ଷା ନେଇ ସଚେତନ କରାଉଥିବାରୁ ଏହି ଦମ୍ପତି ଏବେ ରୋଡ୍ ସେଫ୍‌ଟି ଆମ୍ବାସାଡରଭାବେ ପରିଚିତ ହେଉଛନ୍ତି। ଜୈସମିନ୍ ଥରେ ଏକ ବାଇକରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଅଣ୍ଟା ହାଡ଼ ଭାଙ୍ଗି ଯାଇଥିଲା ଓ ସେ ହ୍ୱିଲଚେୟାରରେ ବସିବାକୁ ବାଧ୍ୟ ହୋଇଥିଲେ। ଥୋମାସ ମଧ୍ୟ ଦୁର୍ଘଟଣାର ଶିକାର ହେବା ପରେ ହ୍ୱିଲଚେୟାର ବ୍ୟବହାର କରିଥିଲେ। ଉଭୟ ଏକ ଡାକ୍ତରଖାନାରେ ଭେଟ ହେବା ପରେ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୪ ମସିହାରେ ପରସ୍ପରକୁ ବିବାହ କରି ସେମାନେ ଦିବ୍ୟାଙ୍ଗମାନଙ୍କ ପାଇଁ କାମ କରିଆସୁଛନ୍ତି।



ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବିଷ୍ଣୁପ୍ରିୟା ଦାଶ
କପିଳା ମାନ୍ଧାତା ପାଟଣା, ଯାଜପୁର
ଆବିର୍ଭାବ: ୦୫।୧୧।୧୯୩୯
ତିରୋଧାନ: ୨୩।୦୬।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ପ୍ରଭୁ ଶ୍ରୀ ରାଧାମୋହନଙ୍କ ଚରଣରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ: ପୁତ୍ର: ରବି, ଅରି, ପୁତ୍ରବଧୂ: ରେଣୁ, କନକ, ଝିଅ, ଜ୍ୱାଇଁ: ରାବି, ରାହାସ, ବାବୁଲି, ଦୁର୍ଗା, ନାତି, ନାତୁଣୀ, ପୁତୁରା, ପୁତୁରାବୋହୂ, ନାତି: ଜୁଲୁ, ନାତୁଣୀବୋହୂ: ନିରୁ ଓ ଅଣନାତି ।
ଧ-୬୦୮୯୨

ସୌନ୍ଦର୍ଯ୍ୟ

# ମୁଗ ଡାଲିରୁ ସୌନ୍ଦର୍ଯ୍ୟ



➤ମୁଗ ଡାଲିକୁ ରାତି ସାରା ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରି ଦିଅନ୍ତୁ। ଏହି ପେଷ୍ଟରେ କିଛି ବାଦାମ ତେଲ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୨୦ ମିନିଟ୍ ପରେ ମୁହଁକୁ ଖାଲି ପାଣିରେ ଧୋଇ ଦିଅନ୍ତୁ।

➤ମୁଗ ଡାଲିକୁ ରାତି ସାରା କଞ୍ଚା କ୍ଷୀରରେ ଭିଜାଇ ରଖନ୍ତୁ। ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ।

➤୪ ଚାମଚ ମୁଗକୁ ରାତି ସାରା ଭିଜାଇ ତା'ର ପେଷ୍ଟ ତିଆରି କରନ୍ତୁ। ସେଥିରେ କମଳା ଚୋପାର ଗୁଣ୍ଡ ୨ ଚାମଚ ଏବଂ ୨ ଚାମଚ ଚନ୍ଦନ ପାଉଡର ମିଶାଇ ସ୍କ୍ରବ୍ ତିଆରି କରି ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ା ହୋଇଗଲେ ଏଥିରେ କିଛି କ୍ଷୀର ମିଶାନ୍ତୁ। ଏହାକୁ ଅତି କମ୍‌ରେ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ସ୍କ୍ରବ କରି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି ସ୍କ୍ରବ କରିବା ଫଳରେ ମୁହଁରେ ଥିବା ଅନାବଶ୍ୟକ ଲୋମ ସବୁ ବାହାରି ଯାଇଥାଏ।

➤ମୁଗ ଡାଲିର ପେଷ୍ଟରେ ଦହି ମିଶାଇ ଏହାର ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

➤ମୁଗ ଡାଲିର ପେଷ୍ଟରେ ୨ ଚାମଚ ଘିଅ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ପ୍ରତିଦିନ ଏଭଳି ପେଷ୍ଟ ତିଆରି କରି ଲଗାଇବା ଫଳରେ ମୁହଁରେ ଥିବା ବ୍ରଣ ସମସ୍ୟା ରହି ନ ଥାଏ ଏବଂ ତ୍ୱଚା ଧୀରେ ଧୀରେ କୋମଳ ତଥା ସୁନ୍ଦର ହୋଇଥାଏ।

# ବର୍ଷାଦିନେ ଘରର ଯତ୍ନ

କଥାରେ ଅଛି ଘରକୁ ସୁନ୍ଦର ଘରଣୀ। ଘରଣୀଟିଏ ହିଁ ଘରକୁ ସୁନ୍ଦର କରି ସଜେଇ ରଖିବା ପାଇଁ ସବୁବେଳେ ପ୍ରୟାସ କରିଥାଏ। ଘରର କେଉଁ ଜିନିଷକୁ କେଉଁ ସ୍ଥାନରେ ଆଉ କିପରିଭାବେ ରଖିବାକୁ ହେବ ସେଥିପାଇଁ ସବୁବେଳେ ନୂଆ ନୂଆ ଚିନ୍ତା କରିଥାନ୍ତି ଗୃହିଣୀମାନେ। ଆଉ ସମୟ ଅନୁସାରେ ଜିନିଷପତ୍ରର କିପରି ଯତ୍ନ ନେବାକୁ ହେବ ସେକଥା ବି ଆଦୌ ଭୁଲି ନ ଥାନ୍ତି। ଖାସ୍ ସେଇଥି ପାଇଁ ଏବେ ବର୍ଷା ଦିନ ଆସିଥିବାରୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଗୃହିଣୀମାନେ...



ବର୍ଷାଦିନ ଆସିଲେ ସବୁ ଘରେ କିଛି ଛୋଟ ମୋଟ ସମସ୍ୟା ଦେଖାଯାଏ। ସେଥିପାଇଁ ସ୍ୱତନ୍ତ୍ରଭାବେ ଯତ୍ନ ନେବାକୁ ହୋଇଥାଏ। ଯେମିତି କି ଘରର କୌଣସି ଆସବାବପତ୍ର ନଷ୍ଟ ହେବନି କିମ୍ବା ଘରର କୌଣସି ସଦସ୍ୟ ଯେପରି ଥଣ୍ଡା ଜ୍ୱର କି ଅନ୍ୟ ରୋଗର ଶିକାର ନ ହେବେ। ଏଥିପାଇଁ କାଠ ଜିନିଷଠାରୁ ଆରମ୍ଭ କରି ଲୁଗାପଟା ଆଉ ସ୍ୱାସ୍ଥ୍ୟର ଠିକ୍ ଭାବେ ଯତ୍ନ ନେବାକୁ ହୋଇଥାଏ।

**ଘରକୁ ଶୁଖିଲା ରଖନ୍ତୁ:** ବର୍ଷାଦିନେ ଓଦାଳିଆ ଲାଗିବା ଏକ ସାଧାରଣ ସମସ୍ୟା। ଏହି ଋତୁରେ ଘରେ ଟୋପାଏ ପାଣି ପଡ଼ିଲେ ବି ସହଜରେ ଶୁଖି ନ ଥାଏ। କିନ୍ତୁ ଅଧିକ ସମୟ ଘରେ କୌଣସି ସ୍ଥାନରେ ପାଣି ଜମି ରହିଲେ ତା' ଉପରେ ଚାଲିବା ଫଳରେ ଆପଣଙ୍କୁ ମଧ୍ୟ ଥଣ୍ଡା କିମ୍ବା ଇନଫେକସନ୍ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ। ତେଣୁ ଘରେ ପାଣି ପଡ଼ିବା ମାତ୍ରେ ତାକୁ ଶୀଘ୍ର ପୋଛି ଦେଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ।

**କାଠ ଜିନିଷର ଯତ୍ନ:** ବର୍ଷାଦିନେ କପବୋର୍ଡ ସବୁର ଠିକ୍ ଭାବେ ଯତ୍ନ ନେବାକୁ ହେବ। କପବୋର୍ଡରେ ଯେପରି ପାଣି ନ ଲାଗେ କିମ୍ବା ଓଦା ଜିନିଷ କିଛି ନ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ବେଳେବେଳେ ବର୍ଷାଦିନେ ଜଳୀୟବାଷ୍ପ ପ୍ରଭାବରେ ବି କପବୋର୍ଡ କିମ୍ବା ଟେବୁଲ ଡ୍ର ଆଦି ଠିକ୍ ଭାବେ ବନ୍ଦ ହୋଇ ନ ଥାଏ। ସେ ସମୟରେ ଜୋର କରି କପବୋର୍ଡ ବନ୍ଦ କରିବାକୁ ଚେଷ୍ଟା କରନ୍ତୁ ନାହିଁ, ହୁଏତ ଭାଙ୍ଗି ଯାଇପାରେ। ବରଂ କପବୋର୍ଡକୁ ଭଲଭାବେ ଶୁଖିବା ପାଇଁ ଦିଅନ୍ତୁ, ତାହା ଆପେ ଆପେ ଠିକ୍ ହୋଇଯିବ।



**ଲୁଗାପଟାର ଯତ୍ନ:** ବର୍ଷାଦିନେ ସାଧାରଣତଃ ଲୁଗାପଟା ଶୀଘ୍ର ଶୁଖି ନ ଥାଏ। ତେଣୁ ଏହି ଋତୁରେ ପତଳା ଲୁଗା ପିନ୍ଧନ୍ତୁ। ପିଲାଙ୍କୁ ମଧ୍ୟ ସେହିଭଳି ପୋଷାକ ପିନ୍ଧାନ୍ତୁ, ଯାହା ଶୀଘ୍ର ଶୁଖିପାରିବ। ତା' ଛଡ଼ା ଆଲମୀରାରେ ସାଇତା ହୋଇ ରହିଥିବା ଲୁଗାପଟାକୁ ମଧ୍ୟ କିଛି ସମୟ ବ୍ୟବଧାନରେ ବାହାର କରି ଅଳ୍ପ ଖରା ଦିଅନ୍ତୁ। କାରଣ ବେଶି ଦିନ ଲୁଗା ଭଙ୍ଗା ହୋଇ ରହିବା ଫଳରେ ଲୁଗା ବେଳେବେଳେ ଫିମ୍ପି ମାରିବା ଭଳି ହୋଇଥାଏ କିମ୍ବା ଭାଙ୍ଗ ହୋଇରହିଥିବା ସ୍ଥାନରୁ ଚିରି ଯାଇଥାଏ। ବିଶେଷକରି ପାଟଲୁଗାର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ। ଭଲଭାବେ ଶୁଖି ନ ଥିବା ଲୁଗା ଆଦୌ ପିନ୍ଧନ୍ତୁ ନାହିଁ।

**ଖାଦ୍ୟ ପ୍ରତି ସତର୍କ :** ଏହି ଋତୁରେ ଖାଦ୍ୟପେୟ ପ୍ରତି ସବୁଠୁ ଅଧିକ ସତର୍କ ରହିବାକୁ ହୋଇଥାଏ। କାହିଁକି ନା ବର୍ଷାଦିନେ ହଜମ ନ ହେବାର ସମସ୍ୟା ଅଧିକ ଦେଖା ଦେଇଥାଏ। ତେଣୁ ସହଜରେ ପେଟ ଖରାପ ହେବା କିମ୍ବା ଝାଡ଼ା ବାନ୍ତି ଭଳି ସମସ୍ୟା ଦେଖା ଦେଇଥାଏ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଘରର ସମସ୍ତଙ୍କୁ ଗରମ ଖାଦ୍ୟ ହିଁ ଖାଇବାକୁ ଦିଅନ୍ତୁ। ବାସି ଖାଦ୍ୟ ଆଦୌ ଘରେ ରଖନ୍ତୁ ନାହିଁ। ନିଜେ ବାସି ଖାଦ୍ୟ ଖାଆନ୍ତୁ ନାହିଁ କିମ୍ବା ଘରେ କାହାକୁ ଦିଅନ୍ତୁ ନାହିଁ।



## ଏମାନେ କ'ଣ କହନ୍ତି



ଧରିତ୍ରୀ

**ଗରମ ଖାଦ୍ୟ ଖାଇବାକୁ ଦିଏ**

ବର୍ଷାଦିନେ ମୁଁ ସବୁବେଳେ ପିଲାଙ୍କର ବେଶି ଯତ୍ନ ନେବାକୁ ଚେଷ୍ଟା କରେ। ସେମାନଙ୍କୁ ଗରମ ପାଣିରେ ଗାଧୋଇ ଦିଏ ଆଉ ସକାଳୁ ଗରମ ପାଣି ପିଇବାକୁ ଦିଏ। ପ୍ରତିଦିନ ରାତିରେ ମୁଁ ସମସ୍ତଙ୍କୁ କ୍ଷୀରରେ ହଳଦୀ ମିଶାଇ ପିଇବାକୁ ଦିଏ। ତା' ଛଡ଼ା ପ୍ରତିଦିନ ତୁଳସୀ ପତ୍ର ମହୁ ଖାଇବା ସହିତ ରସୁଣ ମଧ୍ୟ ସମସ୍ତଙ୍କୁ ଖାଇବାକୁ ଦେଇଥାଏ। ଖାଲି ସେତିକି ନୁହେଁ ରାତିରେ ଶୋଇବା ସମୟରେ ସମସ୍ତଙ୍କ ପାଦରେ ତେଲ ମାଲିସ କରିବାକୁ କହିଥାଏ।

*–**ଧରିତ୍ରୀ ନାୟକ**, ଗୃହିଣୀ, ରାଇଘରପୋଖରୀ, ପୀରହାଟ ବଜାର, ଭଦ୍ରକ*



ମଧୁସ୍ମିତା



କରିଶ୍ମା

**ବାସି ଖାଦ୍ୟ ଆଦୌ ରଖେ ନାହିଁ**

ବର୍ଷାଦିନେ ମୋର ରୋଷେଇ ଘର ସଫା କରିବା ପାଇଁ ବହୁ ସମୟ ଯାଏ। ରୋଷେଇ ଘରକୁ ସଫା ରଖିବା ପାଇଁ ମୁଁ ସବୁବେଳେ ସତର୍କ ରହିଥାଏ। ତା' ଛଡ଼ା ଘରେ ସମସ୍ତଙ୍କୁ ଫ୍ରେଶ ଖାଦ୍ୟ ହିଁ ତିଆରି କରି ଦେଇଥାଏ। ଯଦି କୌଣସି କାରଣରୁ ଜଳଖିଆ ତିଆରି କରି ପାରେ ନାହିଁ ତେବେ ବିସ୍କୁଟ, ମୁଢ଼ି କିମ୍ବା ଚୁଡା ଆଦି ଖାଇବାକୁ ଦିଏ। କିନ୍ତୁ ବାସି ଖାଦ୍ୟ କି ଜଙ୍କ୍ ଫୁଡ୍ ଆଦୌ ଖାଇବାକୁ ଦିଏନି।

*–**କରିଶ୍ମା ବିଶ୍ୱାଳ**, କର୍ମଜୀବୀ, ଗଡମହାବୀର ବିହାର, ଓଲ୍ଡ ଟାଉନ୍, ଭୁବନେଶ୍ୱର*

**କାଢା ପିଇବାକୁ ଦେଉଛି**

ବର୍ଷାଦିନେ ଘରର ସମସ୍ତେ ଛଣା ଖାଦ୍ୟ ପକୁଡ଼ି ବରା ଆଦି ଖାଇବାକୁ ଭଲପାନ୍ତି। କିନ୍ତୁ ସବୁବେଳେ ସେସବୁ ଖାଦ୍ୟ ମୁଁ ସେମାନଙ୍କୁ ଖାଇବାକୁ ଦିଏନି। ବାହାରୁ ଏସବୁ ଖାଇବା ଆଣିବା ବଦଳରେ ମୁଁ କେବେକେବେ ଘରେ ଏସବୁ ଖାଦ୍ୟ ତିଆରି କରି ଦେଇଥାଏ। ତା' ଛଡା ଥଣ୍ଡା ଶର୍ଦ୍ଦି ନ ହେବା ପାଇଁ ଘରେ ସମସ୍ତଙ୍କୁ ସକାଳୁ ତୁଳସୀ ପତ୍ର ସହିତ ମହୁ ଖାଇବାକୁ ଦିଏ। ଏବେ କରୋନା ଆସିବା ପରଠୁ ପ୍ରାୟ ସବୁଦିନ କାଢା ବି ପିଇବାକୁ ଦେଉଛି।

*–**ମଧୁସ୍ମିତା ମହାନ୍ତି**, କର୍ମଜୀବୀ, ହଂସପାଳ, ଭୁବନେଶ୍ୱର*

# ଶିଶୁଙ୍କ କୋଷ୍ଠକାଠିନ୍ୟର ଘରୋଇ ଉପାୟ

ସାଧାରଣତଃ ଡବା କ୍ଷୀର ଉପରେ ନିର୍ଭର କରୁଥିବା ଶିଶୁଙ୍କର କୋଷ୍ଠକାଠିନ୍ୟ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ। ଆପଣଙ୍କ ଶିଶୁ ଯଦି ଏପରି ସମସ୍ୟାର ଶିକାର ହୋଇଥାଏ ତେବେ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...



➤ଶିଶୁକୁ ହାଲ୍କା ବ୍ୟାୟାମ କରାନ୍ତୁ। ଯେପରି କି ତା'ର ଗୋଡ଼, ହାତକୁ ଆଗ ପଛ କରି ବୁଲାନ୍ତୁ। ଏହା ସହିତ ସାବଧାନତାର ସହିତ ଗୋଡ଼କୁ ସାଇକେଲ ଭଳି ବୁଲାନ୍ତୁ।

➤କୋଷ୍ଠକାଠିନ୍ୟ ସମସ୍ୟା ରହିଥିଲେ ଶିଶୁକୁ ଉଷୁମ ପାଣିରେ ସ୍ନାନ କରାନ୍ତୁ। ଏହା ଫଳରେ ମାଂସପେଶୀକୁ ଆରାମ ମିଳିଥାଏ, ଏହା ସହିତ କୋଷ୍ଠକାଠିନ୍ୟ ଫଳରେ ଦରଜ ରହିଥିବା ସ୍ଥାନକୁ ବି ଆରାମ ମିଳିଥାଏ।

➤କୋଷ୍ଠକାଠିନ୍ୟ ଫଳରେ ଶିଶୁର ଦରଜ ହୋଇଥିବା ସ୍ଥାନରେ ନଡ଼ିଆ ତେଲ ଲଗାନ୍ତୁ। ଦରଜ କମ୍ ହେବା ସହିତ ପୁଣି ଥରେ ଝାଡ଼ା ହେବା ବେଳକୁ କଷ୍ଟ କମ୍ ହୋଇଯିବ।

➤ପାନମହୁରି ମଧ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ। ତେଣୁ ଏକ ଚାମଚ ପାନମହୁରିକୁ ଏକ କପ୍ ପାଣିରେ ସିଝାଇ ଥଣ୍ଡା କରି ଦିଅନ୍ତୁ। ପାନମହୁରିକୁ ଛାଣି ଦେଇ ସେହି ପାଣିକୁ ଦିନକୁ ତିନି ଚାରି ଥର କରି ଶିଶୁକୁ ଚାମଚରେ ପିଆଇ ଦିଅନ୍ତୁ।

➤ଶରୀରରେ ପାଣି କମିଗଲେ କୋଷ୍ଠକାଠିନ୍ୟ ସମସ୍ୟା ଦେଖା ଦେଇଥାଏ। ଯଦି ଶିଶୁକୁ ୬ ମାସରୁ ଅଧିକ ହୋଇଥାଏ ତେବେ ତାକୁ ସୁପ୍, ଫଳ ରସ, କ୍ଷୀର ଓ ପାଣି ଆଦି ପିଆନ୍ତୁ।

➤ଶିଶୁର ସମ୍ପୂର୍ଣ୍ଣ ମାଲିସ ସହିତ ବିଶେଷକରି ପେଟ ଏବଂ ପେଟ ତଳକୁ ହାଲ୍କା ମାଲିସ କରନ୍ତୁ। ଏପରି କରିବା ଫଳରେ ଶିଶୁର କୋଷ୍ଠକାଠିନ୍ୟ ସମସ୍ୟା ଅନେକାଂଶରେ ଦୂର ହୋଇଯାଏ।

# ପୂର୍ବସୂରୀଙ୍କ ପ୍ରତିଶ୍ରୁତି ରକ୍ଷାରେ ଆମେ କେତେ ସମର୍ଥ?




ଅଜୟ ନାୟକ

ଆଜକୁ ଠିକ୍ ୭୩ ବର୍ଷ ପୂର୍ବେ ଅର୍ଥାତ୍ ୬, ଜୁଲାଇ ୧୯୪୮ ମସିହାରେ ଆମର ସର୍ବ ପୁରାତନ ପ୍ରିୟତମ ଉଚ୍ଚ ଶିକ୍ଷାନୁଷ୍ଠାନ ଭଦ୍ରକ କଲେଜ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଇଣ୍ଟରମିଡିଏଟ୍ ଆର୍ଟ୍ସ କଲେଜ ଭାବେ ପରିଚାଳିତ ହେଉଥିଲା। ୧୯୫୪-୫୫ ମସିହାରେ ଏଠାରେ ସାଇନ୍ସ ଓ କମର୍ସ ଖୋଲିଥିଲା। ସେହିପରି ଏଠାରେ କଳାରେ ଡିଗ୍ରୀ ପାଠ୍ୟକ୍ରମ ୧୯୫୧ରେ ଆରମ୍ଭ ହୋଇଥିଲା ଓ ୧୯୬୧ରେ ଡିଗ୍ରୀରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲା ଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ବେସରକାରୀ ଭାବେ ପରିଚାଳିତ ହୋଇ ୧୯୭୧ ମସିହାରେ ଏହା ସରକାରୀ ମହାବିଦ୍ୟାଳୟ ରୂପେ ସ୍ୱୀକୃତି ଲାଭ କରିଥିଲା। ୧୯୯୯ ମସିହାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବାପରେ ଏହାର ଡିଗ୍ରୀ କୋର୍ସ ସେହି ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହୋଇଥିଲା। ଏହାପରେ ୨୦୦୨ରେ ଏହି ମହାବିଦ୍ୟାଳୟକୁ ସ୍ୱୟଂଶାସିତ ପରିଧି ଭିତରକୁ ଅଣାଯାଇଥିଲା। ଅଧୁନା ଡିଗ୍ରୀରେ ମୋଟ ୨୨ଟି ସମ୍ମାନ ବିଭାଗ ଓ ୮ଟି ବିଷୟରେ ପି.ଜି. ଅଧ୍ୟୟନର ସୁବିଧା ରହିଛି। ସର୍ବମୋଟ ୭, ୮୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେବଳ ଛାତ୍ରୀମାନଙ୍କ ସଂଖ୍ୟା ହେଉଛି ୪, ୬୦୦।

ଏହି ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ। ସେ ସେତେବେଳେ ଭଦ୍ରକ କଲେଜକୁ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ ଓ ସେଥିଲାଗି ମଧ୍ୟ ଆହ୍ୱାନ ଦେଇଥିଲେ। ଛକଡ଼ି ମହାନ୍ତି ଓ ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ଦାସଙ୍କ ପରି ଅନୁଷ୍ଠାନପ୍ରେମୀ ବ୍ୟକ୍ତିଙ୍କ ଅବଦାନ ମଧ୍ୟ ସେତେବେଳେ କିଛି କମ୍ ନ ଥିଲା। ମୋଟ ୨୭ ଏକର ବିଶିଷ୍ଟ ଏହାର କ୍ଷେତ୍ର ଭଦ୍ରକ ଜିଲାର ମୁଖ୍ୟାଳୟ ଓ ୪୨ ନମ୍ବର ଜାତୀୟ ରାଜପଥ ତଥା ସାଳନ୍ଦୀ ଅବବାହିକାରେ ଅବସ୍ଥିତ। ଭାରତୀୟ ରେଳ ପୂର୍ବତଟ ବିଭାଗ ଅଧୀନ ଭଦ୍ରକ ଷ୍ଟେଶନଠାରୁ ଏହା ଅନତି ଦୂରରେ। ଭଦ୍ରକ ହେଉଛି ଓଡ଼ିଶାର ଏକ ଉତ୍ତର-ପୂର୍ବ ଜିଲା; ଯାହା କି ପୂର୍ବରେ ବଙ୍ଗୋପସାଗର, ଦକ୍ଷିଣରେ କେନ୍ଦ୍ରାପଡ଼ା, ଯାଜପୁର ଜିଲା, ପଶ୍ଚିମରେ କେନ୍ଦୁଝର ଓ ଉତ୍ତରରେ ବାଲେଶ୍ୱର ଜିଲା ଅବସ୍ଥିତ। ଏହାର ଶାନ୍ତିପୂର୍ଣ୍ଣ ପରିବେଶ ଓ ବର୍ଷସାରା ମଧ୍ୟମ ଜଳବାୟୁ ହେତୁ ଅନେକେ ଭଦ୍ରକ କଲେଜକୁ ଦ୍ୱିତୀୟ ଶାନ୍ତିନିକେତନର ଆଖ୍ୟା ଦେଇଥାନ୍ତି। ଅତୀତରେ ଏହାର ଶୈକ୍ଷିକ ବାତାବରଣ ଏତେ ଉନ୍ନତ ଥିଲା ଯେ ଜିଲା ବାହାରୁ ଏପରି କି କଟକ, ଭୁବନେଶ୍ୱର, କେନ୍ଦୁଝର ଓ ବାଲେଶ୍ୱର ଇତ୍ୟାଦିରୁ ମେଧାବୀ ଛାତ୍ରମାନେ ଭଦ୍ରକ କଲେଜରେ ପାଠପଢ଼ି ନିଜକୁ ଗର୍ବ ଅନୁଭବ କରୁଥିଲେ। ଏମିତି କି ସେତେବେଳେ କୁହାଯାଉଥିବା ରେଭେନ୍ସା ପରର ମହାବିଦ୍ୟାଳୟ ହେଉଛି ଭଦ୍ରକ କଲେଜ।

ଭଦ୍ରକ କଲେଜର ବଡ଼ ବଡ଼ କୋଠାଘର, ଛାତ୍ରାବାସ, ଏହାର ସୁଦୀର୍ଘ ଖେଳପଡ଼ିଆ ଓ ଆମ୍ରବିଥିକାର ଛାୟାସ୍ନିଗ୍ଧ ପରିବେଶ ଜିଲା ପ୍ରଶାସନ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପରିଚାଳନା କରିବାର ଏକ ପ୍ରକୃଷ୍ଟ କ୍ଷେତ୍ର ହୋଇଛି। ବର୍ଷା ଯୋଗୁ ନେହେରୁ ଷ୍ଟାଡିୟମ୍ ପଡ଼ିଆରେ ପାଣି ଜମିଯାଇଛି ତ ପ୍ରଶାସନ ଭଦ୍ରକ କଲେଜ ପଡ଼ିଆରେ ବିଭିନ୍ନ ଜାତୀୟ ଦିବସରେ ପତାକା ଉତ୍ତୋଳନ କରିବାକୁ ନିଷ୍ପତ୍ତି ନେଉଛନ୍ତି। ଜିଲାର ବିଭିନ୍ନ ନିର୍ବାଚନ ପରିଚାଳନାଠାରୁ ଆରମ୍ଭ କରି ପ୍ରଶିକ୍ଷଣ କେନ୍ଦ୍ର ଭାବେ ଭଦ୍ରକ କଲେଜକୁ ମାସ ମାସ ଧରି ବ୍ୟବହାର କରାଯାଉଛି। ଅଧୁନା କରୋନା ମହାମାରୀ କାଳରେ ଭଦ୍ରକ କଲେଜ ହୋଇଛି କୋଭିଡ୍ ହସ୍ପିଟାଲ। ଯେତେବେଳେ କୌଣସି ସରକାରୀ ଦାୟିତ୍ୱ ମେଣ୍ଟାଇବା କଥା ଆସୁଛି, ସେତେବେଳେ ମନେପଡୁଛି ଭଦ୍ରକ କଲେଜ ଓ ଏହାର ଉପଯୋଗୀ ପରିବେଶ। କିନ୍ତୁ ଏହାର ଆଶାନୁରୂପ ଉନ୍ନତି କେମିତି ହେବ ଓ ଏହାର ଶୈକ୍ଷିକ ବାତାବରଣରେ କିପରି ଅଭିବୃଦ୍ଧି ଘଟିବ, ସେଥିପାଇଁ କାହାରି ଚିନ୍ତା ନାହିଁ।

ଆଜି କହିବାର କଥା ହେଉଛି, ଭଦ୍ରକ କଲେଜର ବହୁ ପଛରେ ରାଜ୍ୟରେ ଗଢ଼ିଉଠିଥିବା ମହାବିଦ୍ୟାଳୟଗୁଡ଼ିକ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଥିଲା ବେଳେ ଭଦ୍ରକ ମହାବିଦ୍ୟାଳୟ ସେଥିରୁ ବଞ୍ଚିତ ହୋଇଛି। ପୁରାତନ ଛାତ୍ରସଂସଦ ପକ୍ଷରୁ ଏଥିପାଇଁ ହୋଇଥିବା ଅନେକ ସଂଗ୍ରାମ ଓ ଉଦ୍ୟମ ଫସର ଫାଟିଯାଇଛି। ନିକଟ ଅତୀତରେ ଶିକ୍ଷାବିତ୍ ଡ. ଶୈଳେନ୍ଦ୍ର ମହାପାତ୍ର, ଡ. ବ୍ରଜମୋହନ ମିଶ୍ର, ପ୍ରଫେସର ଡ. ସ୍ୱର୍ଗତ ସନାତନ ମହାନ୍ତି ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ନେଇ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରିବା ପାଇଁ ସଭାସମିତି ସାଙ୍ଗକୁ ରାଜଧାନୀ ଭୁବନେଶ୍ୱରରେ ରହୁଥିବା ଭଦ୍ରକ ଲୋକମାନଙ୍କୁ ନେଇ ରେଡକ୍ରସ୍ ଭବନରେ ଏକ ସଭାର ଆୟୋଜନ ହୋଇଥିଲା; ଯେଉଁଥିରେ ତତ୍କାଳୀନ ଭଦ୍ରକ ବିଧାୟକ ଯୁଗଳକିଶୋର ପଟ୍ଟନାୟକ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ଏହା ଭୁବନେଶ୍ୱରର ସମସ୍ତ ଗଣମାଧ୍ୟମରେ ସ୍ଥାନ ପାଇଥିଲା। ଏପରି କି ଭଦ୍ରକ କଲେଜ ଛାତ୍ରସଂସଦର ବାର୍ଷିକ ଉତ୍ସବ ଅବସରରେ ଅତିଥି ଭାବେ ଆସି ପ୍ରାକ୍ତନ ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯିବ ବୋଲି ଘୋଷଣା କରିଥିଲେ। ଉକ୍ତ ସଭାରେ ବର୍ତ୍ତମାନର ଜିଲା ଯୋଜନା କମିଟି ଅଧ୍ୟକ୍ଷ ବ୍ୟୋମକେଶ ରାୟ ଉପସ୍ଥିତ ରହି ଏହାକୁ ସମର୍ଥନ କରିଥିଲେ। ଏପରି କି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅନ୍ୟଏକ କାର୍ଯ୍ୟକ୍ରମରେ ଆସି ଏହାକୁ ବିଶ୍ୱବିଦ୍ୟାଳୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ କଲେଜ କ୍ୟାମ୍ପସ୍‌ରେ ଅଡିଟୋରିୟମ୍ ପ୍ରତିଷ୍ଠା ପାଇଁ ଏକକୋଟି ଟଙ୍କା ବ୍ୟୟବରାଦ କରିଥିଲେ ଓ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଏସବୁ ସତ୍ତ୍ୱେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ 'ପଲ୍ଲୀଭାରତୀ' ବିଶ୍ୱବିଦ୍ୟାଳୟ ହେବା ତ ଦୂରର କଥା, ବର୍ତ୍ତମାନ ମହାବିଦ୍ୟାଳୟକୁ ୟୁନିଟାରୀ ୟୁନିଭର୍ସିଟି କିମ୍ବା କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ମାନ୍ୟତାରୁ ମଧ୍ୟ ବଞ୍ଚିତ କରାଗଲା। ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ମହତାବଙ୍କ ସ୍ୱପ୍ନର ଉଚ୍ଚଶିକ୍ଷା କେନ୍ଦ୍ର ଏହି ଭଦ୍ରକ ମହାବିଦ୍ୟାଳୟଟି ଆଜି ସୁଦ୍ଧା କେବଳ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇ ରହିଗଲା। ଏଥିଲାଗି ମନରେ ପ୍ରଶ୍ନ ଉଠୁଛି, ଆମେ ଆଜି ପୂର୍ବସୂରୀଙ୍କ ପ୍ରତିଶ୍ରୁତି ଓ ସ୍ୱପ୍ନକୁ ସାକାର କରିବାରେ କେତେ ସମର୍ଥ ସତେ!

## ଭଦ୍ରକ କଲେଜ ୭୪ତମ ପ୍ରତିଷ୍ଠା ଦିବସ

–ସମ୍ପାଦକ, ପୁରାତନ ଛାତ୍ରସଂସଦ
ଭଦ୍ରକ ମହାବିଦ୍ୟାଳୟ, ଭଦ୍ରକ
ମୋ: ୯୦୪୦୪୦୪୦୭୮

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୬/୨୦୨୧ Sambalpur, Tuesday, July 6/ 2021

# ଖେଳରତ୍ନ ପାଇଁ ପ୍ରମୋଦଙ୍କ ନାମ ସୁପାରିସ

**ଭୁବନେଶ୍ୱର, ୫।୭(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଆଉ ୨ ଓଡ଼ିଆ ଖେଳାଳିଙ୍କ ନାମ ସୁପାରିସ କରାଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଏବଂ ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ସଦସ୍ୟା ତଥା ଟୋକିଓ ଅଲିମ୍ପିକ୍ସ ପାଇଁ ଦଳର ଉପ ଅଧିନାୟିକା ମନୋନୀତ ହୋଇଥିବା ଦୀପ୍‌ଗ୍ରେସ୍ ଏକ୍କାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏକାଧିକଥର ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ବିଜେତା ପ୍ରମୋଦ କ୍ୟାରିୟରରେ ୪୮ଟି ଜାତୀୟ ଏବଂ ୫୩ଟି ଅନ୍ତର୍ଜାତୀୟ ପଦକ ଜିତି ସାରିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ୨୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୧୭ ବ୍ରୋଞ୍ଜ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ତାଙ୍କୁ ୨୦୧୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିବର୍ଷ ସେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ମଧ୍ୟ ପାଇଥିଲେ। ୨୦୨୦ରେ ପାରା ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ଭାବେ ସ୍ପୋର୍ଟ୍ସଷ୍ଟାର ଏସେସ୍ ପୁରସ୍କାର ହାସଲ କରିଥିଲେ। ସେ ଟୋକିଓ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ମଧ୍ୟ ହାସଲ କରି ସାରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ମଧ୍ୟ ପ୍ରମୋଦଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ତାଙ୍କ ନାମ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ପାଇଁ ସୁପାରିସ ହୋଇଥିବାରୁ ଖୁସି ଜାହିର କରିଛନ୍ତି ପ୍ରମୋଦ। 'ମୁଁ ଏବେ ଟ୍ରେନିଂ ଉପରେ ଫୋକସ କରୁଛି। ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ଏକମାତ୍ର ଲକ୍ଷ୍ୟ' ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଦୀପ୍‌ଗ୍ରେସ୍ ଗତ କିଛିବର୍ଷ ଧରି ଭାରତୀୟ ସିନିୟର ମହିଳା ହକି ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ନିକଟ ଅତୀତରେ ଭାରତୀୟ ଦଳର ସଫଳତାରେ ନିଜର ଯୋଗଦାନ ଦେଇ ଆସିଥିବା ଦୀପ୍‌ଗ୍ରେସ୍ ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି।

ପ୍ରକାଶ ଯୋଗ୍ୟ ଯେ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପାଇଁ ସୁପାରିସ ହୋଇଛି। ର୍‍ୟାଙ୍କିଂଭିତ୍ତିରେ ଟୋକିଓ ଅଲିମ୍ପିକ୍ସର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ଦୂତୀ ଗତବର୍ଷ ଅର୍ଜୁନ ପୁରସ୍କାର ପାଇଥିଲେ। ସେହିପରି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିକଟକୁ ସିନିୟର ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଖେଳିଥିବା ବୀରେନ୍ଦ୍ର ଏବେ ୨୦୨୧ ଟୋକିଓ ଅଲିମ୍ପିକ୍ସ ପାଇଁ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ଭାରତୀୟ ଦଳର ଉପ ଅଧିନାୟକ ଭାବେ ମଧ୍ୟ ମନୋନୀତ କରାଯାଇଛି। ଦେଶକୁ ଅନେକ କ୍ୱାଲିଟି ହକି ଖେଳାଳି ଭେଟି ଦେଇଥିବା ଭେଟେରାନ ହକି କୋଚ୍ କାଳୁ ଚରଣ ଚୌଧୁରୀଙ୍କ ନାମ ଦ୍ରୋଣାଚାର୍ଯ୍ୟ ଏବଂ ହର୍ଡଲ୍ସ କୁଇନ୍ ତଥା ୧୦୦ ମିଟର ହର୍ଡଲ୍ସରେ ଜାତୀୟ ରେକର୍ଡଧାରିଣୀ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ନାମ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ସୁପାରିସ ହୋଇଛି। ଏହା ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନ ନାମ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାରପାଇଁସୁପାରିସକରାଯାଇଛି।


ପ୍ରମୋଦ ଭଗତ



ଦୀପ୍‌ଗ୍ରେସ୍ ଏକ୍କା

**ଅର୍ଜୁନ ପୁରସ୍କାର ଲାଗି ଦୀପ୍‌ଗ୍ରେସ୍ ଏକ୍କା**

**ଆଇସିସି ସୀମିତ ଓଭର ଇଭେଣ୍ଟ**

# ଭାରତ, ଅଷ୍ଟ୍ରେଲିଆ ସମେତ ୧୫ ଦେଶ ଆଗ୍ରହୀ

**ଦୁବାଇ, ୫।୭ (ପି.ଟି.):** ୨୦୨୪ରୁ ୨୦୩୧ ପରବର୍ତ୍ତୀ ୮ବର୍ଷ ଟୁର୍ନାମେଣ୍ଟ ଚକ୍ର ବେଳେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୀମିତ ଓଭର ଇଭେଣ୍ଟଗୁଡ଼ିକର ଆୟୋଜନ ଲାଗି ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସମେତ ୧୭ଟି ସଦସ୍ୟ ଦେଶ ଆଗ୍ରହୀ ଅଛନ୍ତି। ଖେଳର ବିଶ୍ୱ ପରିଚାଳନା ପରିଷଦ ସୋମବାର ଏହି ସୂଚନା ଦେଇଛି। ରିପୋର୍ଟ ଅନୁସାରେ ସୀମିତ ଓଭର ଫର୍ମାଟ୍‌ର ଦୁଇ ବିଶ୍ୱକପ୍ ସମେତ ୩ଟି ଗ୍ଲୋବାଲ ଇଭେଣ୍ଟର ଆୟୋଜନ ଲାଗି ବିଡ୍ ଦାଖଲ ପାଇଁ ବିସିସିଆଇ ଗତ ମାସରେ ନିଷ୍ପତ୍ତି ନେଇଛି। କିନ୍ତୁ ଭାରତୀୟ ବୋର୍ଡ କୌଣସି ଆୟୋଜନ ଫି' ଦେବାକୁ ଆଗ୍ରହୀ ନୁହେଁ। କୌଣସି ଆଇସିସି ଇଭେଣ୍ଟ ଆୟୋଜନ ପାଇଁ ଟିକସ ଛାଡ଼ କରିବା ବିସିସିଆଇ ଲାଗି ଏକ ସମସ୍ୟା ହୋଇ ଦେଖାଦେଇପାରେ। ଏଥିପାଇଁ ସରକାରଙ୍କ ଅନୁଗ୍ରହ ଆବଶ୍ୟକ ପଡ଼ିପାରେ। ବିସିସିଆଇ ଗୋଟିଏ ଚାମ୍ପିୟନ୍ସ ଟ୍ରଫି, ଏକ ଟି୨୦ ବିଶ୍ୱକପ୍ ଓ ଗୋଟିଏ ୫୦ ଓଭର ବିଶ୍ୱକପ୍ ପାଇଁ ବିଡ୍ ଦାଖଲ କରିବ।

# ଅଂଶୁମାନ ଚାମ୍ପିୟନ, ଅମୃତାଂଶୁ ରନର୍ସଅପ୍

**ଭୁବନେଶ୍ୱର, ୫।୭(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ଚାମ୍ପିୟନଶିପ୍‌ର ୩୪ ତମ ସଂସ୍କରଣ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ପ୍ରତିଯୋଗିତାରେ ଅଂଶୁମାନ ସାମଲ ଚାମ୍ପିୟନ ଏବଂ ଅମୃତାଂଶୁ ମହାନ୍ତି ରନର୍ସଅପ୍ ହୋଇଛନ୍ତି। ପ୍ରଦର୍ଶନଭିତ୍ତିରେ ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ମନସିଜ ସାମଲ, ସାଇଶକ୍ତି ପଣ୍ଡା, ଦେବୀ ପ୍ରସାଦ ନାୟକ, ଗତିକୃଷ୍ଣ ଭୂୟାଁ, ବିଭୋର ଅଦକ, ଅଂଶୁମାନ ପତି, କୀର୍ତ୍ତି ଅନୁରାଗ ପ୍ରତିହାରୀ ଓ ସୁମିତ ଓଝା। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ତନିରିକା ସାହୁ, ଈଶାନୀ ଦାସ, ଲଳିତ ରଞ୍ଜନ ସାହୁ, ଆୟାନ ଅଙ୍କିତ ସ୍ୱାଇଁ, ହର୍ଷିତ ରଞ୍ଜନ ସାହୁ ଏବଂ ଶ୍ରେଷ୍ଠ ବାଳିକା ଖେଳାଳିଭାବେ ସାହାନା ଲେଙ୍କା ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛନ୍ତି। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର, ଦୀପକ କୁମାର ପଲାଇ ସହକାରୀ ଆର୍ବିଟର ଏବଂ ଶୀତେନ୍ଦୁ ରାଜଗୁରୁ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।




# ଡୋପିଂ ମାମଲାରେ ଲାଇସେଙ୍କୋ ବାସନ୍ଦ

**ମୋନାକୋ, ୫।୭ (ଏପି)**

କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ରୁଲିଂ ସୋମବାର ପ୍ରକାଶ ପାଇଛି। ତଦନୁସାରେ ରୁଷିଆ ହାଇଜମ୍ପର ଡାନିଲ ଲାଇସେଙ୍କୋ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଆଣ୍ଟି ଡୋପିଂ ସଂସ୍ଥାକୁ ସମୟକୁ ସମୟ ତାଙ୍କର ଅବସ୍ଥାନ ସମ୍ପର୍କରେ ସେ ସୂଚନା ଦେଇ ନ ଥିଲେ। ଏହାଦ୍ୱାରା ଆକସ୍ମିକ ଡୋପ୍ ଟେଷ୍ଟକୁ ଏଡାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ପକ୍ଷରୁ ଅଭିଯୋଗର ସତ୍ୟତା ନେଇ ତଦନ୍ତ ହୋଇଥିଲା। ଲାଇସେଙ୍କୋ ୨୦୧୭ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଏବଂ ଏହାର ବର୍ଷକ ପରେ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ଲାଇସେଙ୍କୋ ତାଙ୍କ ଦୋଷ ସ୍ୱୀକାର କରିବା ସହ ତଦନ୍ତ କାର୍ଯ୍ୟରେ ସହଯୋଗ କରିଥିବାରୁ ବାସନ୍ଦ ଦଣ୍ଡରୁ ୨ବର୍ଷ ସସ୍‌ପେଣ୍ଡ କରାଯାଇଛି। ହୋୟାରଅବାଉଟ୍ସ ପ୍ରସଙ୍ଗରେ ପ୍ରଥମେ ସାମୟିକ ସସ୍‌ପେଣ୍ଡ ହୋଇ ସାରିଥିବାରୁ ୨୦୨୨ ଅଗଷ୍ଟ ବେଳକୁ ୪ବର୍ଷ ବାସନ୍ଦ ଦଣ୍ଡ ଶେଷ ହୋଇଯାଇଥିବ। ଏହାପରଠାରୁ ସେ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ରୁଷିଆ ଆଥଲେଟିକ୍ ମହାସଂଘ କେତେଜଣ ସିନିୟର ଅଫିସିଆଲ ଲାଇସେଙ୍କୋଙ୍କ ମାମଲାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିଥିଲେ।

# ଜୋକୋଭିଚ୍, ଖାଚାନୋଭ କ୍ୱାର୍ଟର ଫାଇନାଲରେ

**ଲଣ୍ଡନ, ୫।୭**

ସର୍ବିୟାର ନୋଭାକ୍ ଜୋକୋଭିଚ୍, ରୁଷିଆର କରେନ ଖାଚାନୋଭ ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ ଅଫ୍-୧୬ ମ୍ୟାଚରେ ଜୋକୋଭିଚ୍ ଚିଲିର କ୍ରିଷ୍ଟିଆନ ଗାରିନ୍‌ଙ୍କୁ ୬-୨, ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୨୫ତମ ସିଡ୍ ଖାଚାନୋଭ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ୩-୬, ୬-୪, ୬-୩, ୫-୭, ୧୦-୮ରେ ହରାଇ ପ୍ରଥମଥରପାଇଁ ୱିମ୍ବେଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସୋମବାର ଥିଲା କୋର୍ଡାଙ୍କ ୨୧ତମ ଜନ୍ମଦିନ। ଖାଚାନୋଭ ଓ କୋର୍ଡାଙ୍କ ମଧ୍ୟରେ ଅନ୍ତିମ ସେଟ୍ ମାରାଥନ ୮୧ ମିନିଟ ବିଶିଷ୍ଟ ଥିଲା। ଅନ୍ୟ ଏକ ମ୍ୟାଚରେ ଡେନିସ ଶାପୋଭାଲୋଭ ୬-୧, ୬-୩, ୭-୫ ସେଟ୍‌ରେ ରୋବେର୍ଟୋ ବୌଟିଷ୍ଟା ଅଗୁଟଙ୍କୁ ଏବଂ ମାଟେଓ ବେରେଟିନି ୬-୪, ୬-୩, ୬-୧ ସେଟ୍‌ରେ ଇଲ୍ୟା ଇଭାସ୍କାଙ୍କୁ ହରାଇ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମାର୍ଟୋନ ଫୁକ୍‌ସୋଭିକ୍ସ ୬-୩, ୪-୬, ୪-୬, ୬-୦, ୬-୩ ସେଟ୍‌ରେ ବିଜୟୀ ହୋଇ ଆନ୍ଦ୍ରେ ରୁବଲୋଭଙ୍କ ଅଭିଯାନ ଶେଷ କରିଛନ୍ତି।

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ**

## ପ୍ଲିସ୍‌କୋଭା, ବାର୍ଟି ବିଜୟୀ

ମହିଳା ସିଙ୍ଗଲ୍ସରେ କାରୋଲିନା ପ୍ଲିସ୍‌କୋଭା, ଆଶ୍‌ଲେ ବାର୍ଟି ପ୍ରମୁଖ ନିଜ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚରେ ପ୍ଲିସ୍‌କୋଭା ୬-୨, ୬-୩ ସେଟ୍‌ରେ ଲୁଡମିଲା ସାମସୋନୋଭା, ବାର୍ଟି ୭-୫, ୬-୩ରେ ବାର୍ବୋରା କ୍ରେଜିକୋଭା, ଆରିନା ସାବାଲେଙ୍କା ୬-୩, ୪-୬, ୬-୩ରେ ଏଲିନା ରିବାକିନା ଏବଂ ଓନ୍ସ ଜାବେଉର ୫-୭, ୬-୧, ୬-୧ରେ ଇଗା ସ୍ୱିଟେକଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି।

# ମେରିକମ୍, ମନପ୍ରୀତ୍ ଭାରତର ପତାକା ବାହକ ହେବେ


ଏମ୍. ସି. ମେରିକମ୍


ମନପ୍ରୀତ୍ ସିଂ

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଟୋକିଓ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ବକ୍ସର ଏମ୍. ସି. ମେରିକମ୍ ଓ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ୍ ସିଂ ଭାରତର ପତାକା ବାହକ ହେବେ। ଅଗଷ୍ଟ ୮ ଉଦ୍‌ଯାପନୀ ଉତ୍ସବରେ ରେସ୍‌ଲର ବଜରଙ୍ଗ ପୁନିଆ ଭାରତର ପତାକା ବାହକ ହେବେ। ଭାରତୀୟ ଅଲିମ୍ପିକ କମିଟି (ଆଇଓଏ) ଗେମ୍ସର ଆୟୋଜକ କମିଟି ସହ ଯୋଗାଯୋଗ ପରେ ଏହି ନିଷ୍ପତ୍ତି ନେଇଛି। ପୂର୍ବରୁ ଲିଙ୍ଗଭେଦ ସମାନତାକୁ କାର୍ଯ୍ୟକାରୀ କରିବାକୁ ଯାଇ ଆସନ୍ତା ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ପ୍ରଥମ ଥର ଜଣେ ପୁରୁଷ ଓ ଜଣେ ମହିଳା ଦୁଇଜଣଙ୍କୁ ପତାକା ବାହକ କରିବା ଲାଗି ସ୍ଥିର କରିସାରିଥିଲା। ୨୦୧୬ ରିଓ ଡି' ଜେନିରୋ ଗେମ୍ସର ଉଦ୍‌ଘାଟନୀ ଉତ୍ସବରେ ଦେଶର ଏକମାତ୍ର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ତୁଲାଇଥିଲେ। ଟୋକିଓ ଗେମ୍ସ ଜୁଲାଇ ୨୩ରୁ ଆରମ୍ଭ ହେବ। ପ୍ରକୃତରେ ଏହି ଉତ୍ସବ ଗତବର୍ଷ ଆୟୋଜନ ହେବାର ଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଗତବର୍ଷ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି)ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଗେମ୍ସରେ ଭାଗ ନେଉଥିବା ୨୦୬ ଦେଶ ସେମାନଙ୍କ ଦଳରେ ଅତିକମ୍‌ରେ ଜଣେ ପୁରୁଷ ଓ ଜଣେ ମହିଳା ଆଥ୍‌ଲେଟ ପତାକା ବାହକ ରଖିବା ଉଚିତ ବୋଲି ଏଥିରେ ମତପ୍ରକାଶ ପାଇଥିଲା।

# ଏଏଫ୍‌ଆଇର ୨୬ ଜଣିଆ ଦଳ ଘୋଷଣା

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ସୋମବାର ୨୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାରୁ ଏକମାତ୍ର ଦୂତୀ ଚାନ୍ଦ ସ୍ଥାନ ପାଇଛନ୍ତି। ଦୂତୀ ୧୦୦ ଓ ୨୦୦ ମିଟରରେ ରେସ୍ କରିବାକୁ ସୁଯୋଗ ପାଇଛନ୍ତି। ୨୬ ଜଣିଆ ଦଳରେ ବ୍ୟକ୍ତିଗତ ଇଭେଣ୍ଟ ପାଇଁ ୧୬ ଆଥଲେଟ୍ ଥିବାବେଳେ ୪x–୪୦୦ ମିଟର ରିଲେ ପାଇଁ ୫ ପୁରୁଷ ଏବଂ ୪x୪୦୦ ମିଟର ମିକ୍ସଡ ରିଲେ ପାଇଁ ୨ ପୁରୁଷ ଓ ୩ ମହିଳା ଆଥଲେଟ୍ ସ୍ଥାନ ପାଇଛନ୍ତି। ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟ ଜୁଲାଇ ୩୧ରୁ ଆରମ୍ଭ ହେବ।




**ଭାରତୀୟ ଦଳ**

**ମହିଳା:** ଦୂତୀ ଚାନ୍ଦ (୧୦୦ ଓ ୨୦୦ ମିଟର), କମଲପ୍ରୀତ କୌର ଓ ସୀମା ଆଣ୍ଟିଲ ପୁନିଆ(ଡିସ୍‌କସ୍ ଥ୍ରୋ), ଅନୁ ରାଣୀ (ଜାଭେଲିନ ଥ୍ରୋ), ଭାବନା ଜାଟ୍ ଓ ପ୍ରିୟଙ୍କା ଗୋସ୍ୱାମୀ (୨୦ କି.ମି. ଚାଲି) ଏବଂ ରେବତୀ ବୀରମଣି, ଶୁଭ ଭେଙ୍କଟେସନ ଓ ଧନଲକ୍ଷ୍ମୀ ସେଖର (ମିକ୍ସଡ ୪x୪୦୦ ମିଟର ରିଲେ)।

**ପୁରୁଷ:** ଅବିନାଶ ସାବ୍‌ଲେ (୩୦୦୦ ମି. ଷ୍ଟିପଲଚେଜ୍), ଏମ୍.ପି. ଜାବିର (୪୦୦ମି. ହର୍ଡଲ୍ସ), ଏମ. ଶ୍ରୀଶଙ୍କର (ଲଙ୍ଗଜମ୍ପ), ତାଜିନ୍ଦରପାଲ ସିଂ ତୁର୍ (ଶଟ୍‌ପୁଟ୍), ନୀରଜ ଚୋପ୍ରା ଓ ଶିବପାଲ ସିଂ (ଜାଭେଲିନ ଥ୍ରୋ), କେ.ଟି. ଇରଫାନ, ସନ୍ଦୀପ କୁମାର ଓ ରାହୁଲ ରୋହିଲା (୨୦ କି.ମି. ଚାଲି), ଗୁରପ୍ରୀତ ସିଂ (୫୦ କି.ମି. ଚାଲି), ଅମୋଜ ଜ୍ୟାକବ, ରାଜୀବ ଆରୋକିଆ, ଅହମଦ ଆନାସ, ନାଗାନାଥନ ପାଣ୍ଡି, ନୋଆ ନିର୍ମଳ ଟମ୍ (୪x୪୦୦ ମିଟର ରିଲେ), ସାର୍ଥକ ଭାମ୍ବ୍ରି, ଆଲେକ୍ସ ଆଣ୍ଟୋନୀ (୪x୪୦୦ ମିଟର ମିକ୍ସଡ ରିଲେ)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଚୋରି ସାମଗ୍ରୀ ଉଦ୍ଧାର: ୭ ଗିରଫ

କୁଚିଣ୍ଡା,୫।୭ (ଡି.ଏନ.ଏ.): କୁଚିଣ୍ଡା ସହର ସଇଡା ଭେଡେନ ନଦୀଠାରେ ଚାଲିଥିବା ସେତୁ କାମ ସାଇଡ୍‌ରୁ ଗତ ୩ ତାରିଖରେ କିଛି ଯନ୍ତ୍ରପାତି ଚୋରି ହୋଇଥିଲା। ଏ ନେଇ ସାଇଡ୍ ମ୍ୟାନେଜର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୁଚିଣ୍ଡା ଥାନା କେସ୍ ନଂ.୧୨୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏପରିସ୍ଥଳେ ପୋଲିସ ସୋମବାର ଅଭିଯୁକ୍ତ ମୁନୁ ଓରଫ୍ ସୁରେନ୍ଦ୍ର କୁସୁମ (୨୫), ବାଦଲ କୁସୁମ (୧୯), ସାଗର ଓରଫ୍ କାର୍ତ୍ତିକ କୁସୁମ (୨୨), ସୁନୀଲ ସେଠୀ (୨୫), ଆଲୋକ ସାହୁ (୩୧), କମଳ ମାକର (୨୯) ଓ ଚିଣ୍ଟୁ ମଣ୍ଡଳ (୩୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଏକ କଟର ମେଶିନ, ଦୁଇଟି ଡ୍ରିଲ୍ ମେଶିନ ଜବତ ହୋଇଛି।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ ଗିରଫ

ରାଜଗାଙ୍ଗପୁର, ୫।୭(ଡି.ଏନ.ଏ.): ଯୌତୁକ ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୱାର୍ଡ ନଂ. ୧୬ ମଧୁସୂଦନ କଲୋନୀ ନିବାସୀ ବିଜୟ ସାହାଙ୍କୁ ପୋଲିସ ସୋମବାର ଗିରଫ କରିଛି। ବିଜୟ ରାଉରକେଲା ସେକ୍ଟର-୨୧ ନୟାବଜାରସ୍ଥିତ ସଙ୍ଗୀତା ଦେବୀଙ୍କ ସହ ବିବାହ କରିଥିଲେ। ବିବାହ ପରେ ତାଙ୍କର ୨ଟି ପୁତ୍ର ସନ୍ତାନ। ଗତ ଜୁନ ୧୯ ତାରିଖ ସନ୍ଧ୍ୟାରେ ସଙ୍ଗୀତା ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପରେ ତାଙ୍କ ଭାଇ ପ୍ରମୋଦ ଗୁପ୍ତା ରାଜଗାଙ୍ଗପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ ଯେ, ତାଙ୍କ ଭଉଣୀକୁ ଯୌତୁକ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ବାରମ୍ବାର ନିର୍ଯାତନା ଦିଆଯାଉଥିଲା। ଏହାର ଆପୋଷ ସମାଧାନ ପାଇଁ ୮ ରୁ ୧୦ ଥର ସମସ୍ତେ ବସି ଆଲୋଚନା କରିଥିଲୁ। ତଥାପି ତାହା ସମାଧାନ ହୋଇ ନ ଥିଲା। ଶେଷରେ ମୋ ଭଉଣୀଙ୍କୁ ମାରି ଆତ୍ମହତ୍ୟାର ରୂପ ଦେଉଛନ୍ତି। ଅଭିଯୋଗ ପରେ ଥାନା ଅଧିକାରୀ ବୀଭସ୍ତ ପ୍ରଧାନ ଏହାର ତଦନ୍ତ କରି ଶେଷରେ ସୋମବାର ମୃତକଙ୍କ ସ୍ୱାମୀ ବିଜୟ ସାହାଙ୍କୁ ଧାରା ୪୯୮ (ଏ), ୩୦୬, ୩୪ ଓ ୪ ଡିପି ଆକ୍ଟ ଅନୁଯାୟୀ ଗିରଫ କରି ସ୍ଥାନୀୟ କୋର୍ଟକୁ ଚାଲାଣ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ସ୍ୱାମୀସ୍ତ୍ରୀ ଗୁରୁତର

କୁତ୍ରା, ୫।୭(ଡି.ଏନ.ଏ):ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ୧୦ ନମ୍ବର ରାଜ୍ୟ ରାଜପଥ ରାଙ୍ଗିରୋଡ଼ ଛକରେ ସଡ଼କ ଦୁର୍ଘଟଣାରେ ସ୍ୱାମୀସ୍ତ୍ରୀ ଗୁରୁତର ହୋଇଛନ୍ତି। ରାଜଗାଙ୍ଗପୁରର ଖଗେଶ୍ୱର ସା ଓ ତାଙ୍କ ସ୍ତ୍ରୀ ଦୁତିକା ରାଜଗାଙ୍ଗପୁରରୁ ବଡ଼ଗାଁକୁ ନିଜ ଦୁଇ ଚକିଆ ଗାଡ଼ିରେ କୌଣସି କାର୍ଯ୍ୟରେ ଯାଉଥିଲେ। ତାଙ୍କ ଆଗରେ ଏକ କାର ଯାଉଥିଲା। ହଠାତ କାର ବ୍ରେକ୍ ମାରିଦେବାରୁ ଖଗେଶ୍ୱର ସା ନିଜ ଗାଡ଼ିରେ ପଛପଟୁ କାରକୁ ଧକ୍କା ଦେଇଥିଲେ। ଫଳରେ ସ୍ୱାମୀସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ କୁତ୍ରା ପୋଲିସ ପହଞ୍ଚି ୨ଜଣଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଦିଆଯାଇଛି।

### ଜମିରେ ହଳ କରୁଥିବାବେଳେ ଚାଷୀଙ୍କ ମୃତ୍ୟୁ

ବଣାଇଁ, ୫।୭ (ସ୍ୱ.ପ୍ର):ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଇନ୍ଦ୍ରପୁର୍ ଗ୍ରାମରେ ଜମିରେ ହଳ କରୁଥିବା ସମୟରେ ଚାଷୀ ଛନ୍ଦା କିଷାନ (୪୨)ଙ୍କ ସୋମବାର ମୃତ୍ୟୁ ଘଟିଛି। ହଠାତ୍ ସେ ଅସୁସ୍ଥ ଅନୁଭବ କରି ପଡ଼ିଯାଇଥିଲେ। ନିକଟରେ ଚାଷ କାମରେ ବ୍ୟସ୍ତ କିଛି ଲୋକ ଏହାକୁ ଦେଖି ତୁରନ୍ତ ତାଙ୍କୁ ଜମିରୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ମୃତ ଘୋଷିତ କରାଯିବା ସହ ଥାନାକୁ ସୂଚନା ପ୍ରଦାନ କରାଯାଇଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ବଣାଇଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ କହିଛି।

### ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ

ଲହୁଣୀପଡା,୫।୭(ଡି.ଏନ.ଏ.):ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ଶଗଡିଆପୋଷ ନିକଟରେ ଗତ ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଏକ ଅଟୋ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ବୃଦ୍ଧଙ୍କ ସୋମବାର ମୃତ୍ୟୁ ଘଟିଛି। ଗତ ୨୫ତାରିଖ ଅଟୋ ଦୁର୍ଘଟଣାରେ ଯାତ୍ରୀମାନେ ଆହତ ହୋଇଥିବାବେଳେ ଲମସି ଗ୍ରାମର ଦୟାନିଧି ବେହେରା(୬୦)ଗୁରୁତର ହୋଇଥିଲେ। ତାଙ୍କୁ ରାଉରକେଲା ଜୟପ୍ରକାଶ ହସ୍ପିଟାଲରେ ଭର୍ତ୍ତିକରି ଚିକିତ୍ସା କରାଯାଇଥିଲେ ମଧ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା।

### ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଡାକ୍ତର ନିଯୁକ୍ତ

ବ୍ରଜରାଜନଗର,୫।୭ (ଡି.ଏନ.ଏ.): ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଦୁଇଜଣ ନୂତନ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନେ ହେଲେ ସର୍ଜରି ବିଭାଗର ଡାକ୍ତର ଲେନିନ ପଟେଲ ଓ ମେଡିସିନ ବିଭାଗର ଜୋସେ ଏକ୍କା। ସ୍ଥାନୀୟ ବିଧାୟକ କିଶୋର ମହାନ୍ତିଙ୍କ ସୁପାରିସ କ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ନିଯୁକ୍ତି ଦେଇଥିବାରୁ ପଞ୍ଚାୟତବାସୀଙ୍କ ତରଫରୁ ଉଭୟଙ୍କୁ ଧନ୍ୟବାଦ ଜଣାଇବା ସହ ଉଭୟ ଡାକ୍ତରଙ୍କୁ ସ୍ୱାଗତ କରାଯାଇଛି।

# ଭାଜପାର ବିକ୍ଷୋଭ ସମାବେଶ

## ଗୋହତ୍ୟା ବିରୋଧରେ ନାହିଁ ପଦକ୍ଷେପ

ସମ୍ବଲପୁର,୫।୭(ବ୍ୟୁରୋ):

ସମ୍ବଲପୁର ସହରରେ ବେଆଇନ ଭାବେ ୨୦ରୁ ଅଧିକ କଂସେଇଖାନା ଚାଲିଛି। ପ୍ରଶାସନ ଓ ପୋଲିସ ପାଖରେ ନିୟମିତ ଅଭିଯୋଗ ହେଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ଅଭିଯୋଗ ଆଣି ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଭାଜପା କର୍ମକର୍ତ୍ତା ଦର୍ଶାଇଥିଲେ, ସମ୍ବଲପୁର ସାମ୍ପ୍ରଦାୟିକ ଦୃଷ୍ଟିରୁ ଏକ ସମ୍ବେଦନଶୀଳ ଅଞ୍ଚଳ। ସହରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଅପରାଧୀମାନେ ନିଜର ଆଡ୍ଡାସ୍ଥଳ କରିଛନ୍ତି। ଏହାସହ ଅନୁପ୍ରବେଶକାରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି। ଉକ୍ତ ଅଞ୍ଚଳରେ ଅତି ନିଷ୍ଠୁର ଭାବେ ଗୋମାତାକୁ ହତ୍ୟା କରାଯାଉଛି। ଗୋ ମାଂସ ସହିତ ଜୀବିତ ଅବସ୍ଥାରେ ଗୋରୁଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏଭଳି ଚାଲିଲେ ପଶ୍ଚିମ ଓଡ଼ିଶାରେ ଗୋବଂଶ ଲୋପ ପାଇଯିବ। ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନେ ନିଶା କାରବାର, ଲୁଟ, ଡକାୟତି, ମାରପିଟ ଭଳି ଘଟଣାରେ ଜଡିତ ରହୁଛନ୍ତି। ଆଗାମୀ ଦିନରେ ଏକାଥରରେ ଶତାଧିକ ଗୋରୁ ଓ ଓଟ ହତ୍ୟା ଯୋଜନା କରାଯାଇଛି। ଗୋହତ୍ୟା ଆଇନଗତ ଅପରାଧ। ମହାନଗର ନିଗମ କୌଣସି କଂସେଇଖାନା ପାଇଁ ଅନୁମତି ପ୍ରଦାନ କରିନାହିଁ। ଧନୁପାଲି ଥାନା ଅଧୀନରେ ଅଧିକ କଂସେଇଖାନା ରହିଛ। ପ୍ରତିଦିନ ୧୦୦ରୁ ଅଧିକ ଗୋ ହତ୍ୟା କରାଯାଉଛି। ଗତ ମାସରେ ଏକ ଟ୍ରକ୍‌ରେ କୋଲକାତା ଚାଲାଣ ହେଉଥିବାବେଳେ ୨୫ ଶହରୁ ଅଧିକ ଗୋରୁ ଚମଡା ଜବତ ହେବା ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। ଏହାସହ ବେଆଇନ କଂସେଇଖାନା ଉପରେ ପୋଲିସ ଚଢ଼ାଉ କରି ଗୋରୁ ଥିବା ଜାଣିବାକୁ ପାଇଥିଲା। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ପରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାବେଶରେ ଜିଲା ଭାଜପା ସଭାପତି ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଅନୀଲ ବେହେରା, ସୁରେଶ ସାହୁ, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ବିଧାୟକ ରବି ନାଏକ, କଲୋନେଲ ପ୍ରଭାତ ପଣ୍ଡା, ସୁଷମା ସାହୁ, ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ସାମିଲ ରହିଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପାର ଧାରଣା ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର

## ମହଙ୍ଗା ମାଡ଼ରେ ମଧ୍ୟବିତ୍ତ ପରିବାର


ସମ୍ବଲପୁର ଆର୍‌ଡିସି ଅଫିସରେ ମଧ୍ୟବିତ୍ତ ମହାସଂଘ କର୍ମକର୍ତ୍ତା ।

ସମ୍ବଲପୁର,୫।୭(ବ୍ୟୁରୋ): ସମ୍ପ୍ରତି ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଛି। ଏହି ମହଙ୍ଗା ମାଡ଼ରେ ମଧ୍ୟବିତ୍ତ ପରିବାର ବିଶେଷ ପ୍ରଭାବିତ ହୋଇଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସମ୍ବଲପୁର ଆର୍‌ଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି ସମାଜର ପ୍ରାୟ ୪୦ ପ୍ରତିଶତ ମଧ୍ୟବିତ୍ତ ପରିବାର। ଏମାନେ ରାଶନକାର୍ଡ, ଶ୍ରମିକ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ ସହ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ, ଚାକିରିରେ ପଦୋନ୍ନତି, ହୀରାକୁଦ ଡ୍ୟାମ୍‌ରେ ବିସ୍ଥାପିତ ପ୍ରତି ପରିବାରକୁ ୧୦ ଡିସିମିଲ ଜମି, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ଥିବା ଶିଳ୍ପ କାରଖାନାରେ ନିଯୁକ୍ତି, ରେଙ୍ଗାଲି ତଲାବିରା ଏନ୍‌ଏଲ୍‌ସି କୋଇଲା ଖଣି ଓ ଅନ୍ୟ କମ୍ପାନୀରେ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ର, ରାଷ୍ଟ୍ରୀୟ ଉପସଭାପତି ଗୋପୀନାଥ ସାହୁ, ହରେକୃଷ୍ଣ ପାତ୍ର, ଅନିଲ କୁମାର ଯାଦବ, ରବୀନ୍ଦ୍ର ସାହୁ, ସୁବାସ ଡୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୯୫ ଅସହାୟଙ୍କୁ ସହାୟତା

ଦେବଗଡ଼, ୫।୭(ଡି.ଏନ.ଏ)

ଦେବଗଡ଼ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ କରୋନା ବ୍ୟାଧି, ସର୍ପ ଦଂଶନ, ବଜ୍ରପାତ, ଦୁର୍ଘଟଣା, ହତ୍ୟାକାଣ୍ଡ ଏବଂ ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧିରେ ମାତାପିତାଙ୍କୁ ହରାଇ ଅହାୟ ହୋଇପଡିଥିବା ଜିଲାର ୨୨ ଶିଶୁଙ୍କୁ ସୋମବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବାରକୋଟ ବ୍ଲକର ୧୦, ରିଆମାଳ ବ୍ଲକର ୯ ଏବଂ ତିଲେଇବଣି ବ୍ଲକର ୩ଜଣ ରହିଥିବା ଜଣାପଡିଛି। ଏହି ଅସହାୟ ଶିଶୁମାନଙ୍କର ପାଠପଢା ଓ ପରିବାର ମଧରେ ଥଇଥାନ ନିମନ୍ତେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆଗାମୀ ୩ବର୍ଷ ନିମନ୍ତେ ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଜେଲରେ ଆଜୀବନ କାରାଦଣ୍ଡରେ ଦଣ୍ଡ ଭୋଗୁଥିବା ଜଣେ ବନ୍ଦୀର ଆବେଦନ ଅନୁଯାୟୀ ୨ଜଣ ଶିଶୁଙ୍କ ପାଠପଢା ପାଇଁ ଏହି ପୃଷ୍ଟପୋଷକତା ରାଶି ପ୍ରଦାନ କରାଯାଇଥିବା ଜଣାପଡିଛି। ଶିଶୁ ଗୃହରେ ରହୁଥିବା ମୋଟ ୨୩ ଶିଶୁ କନ୍ୟାଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସହାୟତା ରାଶି ସମ୍ପୃକ୍ତ ଶିଶୁଙ୍କୁ ୧୮ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରକାଶ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ବିଭାଗର ତଥ୍ୟ ଅନୁଯାୟୀ ଆର୍ଥିକ ଅନାଟନ ଯୋଗୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ୧୮ ଗରିବ ଛାତ୍ରୀଛାତ୍ରଙ୍କର ପାଠପଢା ଖର୍ଚ୍ଚ ବାବଦରେ ୧୨ ହଜାର ଟଙ୍କା, ୮ଗରିବ ଛାତ୍ରଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ୯ ହଜାର, ୧୯ ଛାତ୍ରୀଛାତ୍ରଙ୍କୁ ଆଇଟିଆଇରେ ନାମ ଲେଖା ପାଇଁ ୯ ହଜାର ଟଙ୍କା ଲେଖାଏଁ ଓ ଜଣେ ମାତୃପିତୃ ହୀନା ଛାତ୍ରୀଙ୍କୁ ଡାଏଟରେ ଶିକ୍ଷକତା ତାଲିମ ନେବା ପାଇଁ ବିଜୁ ଶିଶୁ ସୁରକ୍ଷା ଯୋଜନା ମାଧ୍ୟମରେ ୯ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଶିଶୁ ଆଶ୍ରୟ ଗୃହରେ ରହୁଥିବା ୩ ଶିଶୁଙ୍କୁ ମାଟ୍ରିକ ପାସ ହେବାପରେ ଆଇଟିଆଇ ପାଠପଢା ପାଇଁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।


ଦେବଗଡ଼ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅସହାୟଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ହୀରାକୁଦ ହିଣ୍ଡାଲ୍‌କୋର ଭ୍ରାମ୍ୟମାଣ ଚିକିତ୍ସାସେବା

ସମ୍ବଲପୁର,୫।୭ (ବ୍ୟୁରୋ):

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସେବା ସୋମବାର ଆରମ୍ଭ ହୋଇଛି। ଫ୍ଲୁ, ଜ୍ୱର, ଥଣ୍ଡା, କାଶ, ଝାଡାବାନ୍ତି ଆଦିର ଚିକିତ୍ସା ସକାଶେ ଏହି ଚିକିତ୍ସାସେବା ରୋଗୀଙ୍କ ପାଖରେ ପହଞ୍ଚିବ। ହୀରାକୁଦ ଅଞ୍ଚଳର ଗୁଣ୍ଡୁରୁପଡା, ମହମ୍ମଦପୁର, ଡେଙ୍ଗିମଚା, ବୁଢ଼ାକଣ୍ଟା, ଲରଭଙ୍ଗା, ନୂଆଁଜାମଡା, ଗଡମୁଣ୍ଡା, ନୂଆଁଗୁଜାତଲ, ଲରପଙ୍କ, ରେମେଡ, ଗୋପାଳପାଲି, ରାଣୀବନ୍ଧ ଗ୍ରାମରେ ଏଭଳି ଚିକିତ୍ସା ଜାରି ରହିଛି। ଏଥିସହ ରୋଗୀଙ୍କୁ ଔଷଧ ମଧ ଦିଆଯାଉଛି। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଛି।

## ଉତ୍ତମ ଓ ପ୍ଲାବନୀ ପାଇବେ ପ୍ରମୋଦ ସ୍ମୃତିସମ୍ମାନ

ସମ୍ବଲପୁର,୫।୭ (ବ୍ୟୁରୋ):

ଓଡ଼ିଶାରେ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ନାଟକ ରଚନା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ସ୍ମୃତିରକ୍ଷା ଲାଗି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ପ୍ରମୋଦ ତ୍ରିପାଠୀ ସ୍ମୃତି କମିଟି ପକ୍ଷରୁ ଅଗଷ୍ଟରେ ତିରୋଧାନ ଦିବସ ପାଳନ କରାଯିବ। ଏହି ଅବସରରେ ୯୦ଦଶକର ନାଟ୍ୟଶିଳ୍ପୀ ପ୍ଲାବନୀ ପାଢ଼ୀ ଓ ଅଭିନେତା ଉତ୍ତମ ବେହେରାଙ୍କୁ ପ୍ରମୋଦ ସ୍ମୃତିସମ୍ମାନ ପ୍ରଦାନ କରାଯିବବୋଲି ସ୍ମୃତି କମିଟି ଆବାହକ ଡ. ଦ୍ୱାରିକାନାଥ ନାୟକ ସୂଚିତ କରିଛନ୍ତି।

## ମହାବିଦ୍ୟାଳୟରେ ବନମହୋତ୍ସବ ପାଳିତ

ଦେବଗଡ,୫।୭(ଡି.ଏନ.ଏ)

ଦେବଗଡ଼ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ବନମହୋତ୍ସବ ସହ ଚାରାରୋପଣ ହୋଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିକ୍ରମ କେଶରୀ ନାୟକ, ଜାତୀୟ ସେବା ଯୋଜନାର ଜିଲା ସଂଯୋଜିକା ସସ୍ମିତା ପ୍ରଧାନ ଓ ଡକ୍ଟର ସୁରେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ।

# କରୋନା ମୃତକଙ୍କ ଅସ୍ଥି ବିସର୍ଜନ କରି ଫେରିଲେ ୪ ମଶାଣି ବନ୍ଧୁ


ବିଧାୟିକା କୁସୁମ ଟେଟେ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି।

- ମଶାଣି ବନ୍ଧୁଙ୍କୁ ସ୍ୱାଗତ ଜଣାଇ କରୋନା ଯୋଦ୍ଧାର ମାନ୍ୟତା ପାଇଁ ଦାବି
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲେ ବିଧାୟିକା କୁସୁମ

ସୁନ୍ଦରଗଡ଼, ୫।୭ (ଡି.ଏନ୍.ଏ)

କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ଅସହାୟ ବ୍ୟକ୍ତିଙ୍କ ଶବଦାହ କରି ଶ୍ରେଷ୍ଠ ମାନବିକତାର ପରିଚୟ ଦେଇଥିବା ୪ ମଶାଣିବନ୍ଧୁ ପରବର୍ତ୍ତୀ ସମୟରେ ଅସ୍ଥିକୁ ଆହ୍ଲାବାଦ ପ୍ରୟାଗରାଜରେ ବିସର୍ଜନ କରି ଫେରିବା ପରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସୁନ୍ଦରଗଡ ସହରର ୪ଜଣ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର ବେହେରା, କମଳେଶ ନାଥାନୀ ଓ ମନୋଜ ତ୍ରିପାଠୀ କରୋନା ମହାମାରୀ ଆରମ୍ଭ ହେବା ପରଠାରୁ କରୋନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଶବଦାହ ନିଜ ଖର୍ଚ୍ଚରେ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଗତବର୍ଷ କରୋନାର ପ୍ରଥମ ଲହରରେ ୭୮ଜଣ କରୋନା ମୃତକଙ୍କ ଶବଦାହ କରିଥିବା ବେଳେ ଚଳିତବର୍ଷ ଏପ୍ରିଲରୁ ଆରମ୍ଭ ହୋଇଥିବା କରୋନାର ଦ୍ୱିତୀୟ ଲହର ଆରମ୍ଭ ହେବା ପରଠୁ ବର୍ତ୍ତମାନ ସୁଦ୍ଧା ୨୮୫ କରୋନା ମୃତକଙ୍କ ଶବଦାହ କରି ମଶାଣି ବନ୍ଧୁ ଭାବେ ସବୁରି ମହଲରେ ଭିନ୍ନ ପରିଚୟ ସୃଷ୍ଟି କରି ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ଶବଦାହ ପରେ ଅନେକ ଅପରିଚିତ ବ୍ୟକ୍ତିଙ୍କ ଅସ୍ଥିସଂଗ୍ରହ କରି ରଖିଥିବା ମଶାଣୀର ଏହି ୪ବନ୍ଧୁ ତାଙ୍କ ପରିଜନଙ୍କୁ ଖବର ଦେଲା ପରେ କିଛି ବ୍ୟକ୍ତି ତାଙ୍କ ମୃତ ପରିଜନଙ୍କୁ ଅସ୍ଥି ନେବା ପରେ ବାକି ରହିଯାଇଥିବା ୩୫ ମୃତକଙ୍କ ଅସ୍ଥିକୁ ହିନ୍ଦୁ ରୀତିନୀତି ଅନୁଯାୟୀ ପୂଜା କରି ପ୍ରୟାଗରାଜ ପାଇଁ ସୁନ୍ଦରଗଡରୁ ଆହ୍ଲାବାଦ ଯାଇଥିଲେ। ତ୍ରିବେଣୀ ସଙ୍ଗମରେ ଅସ୍ଥି ବିସର୍ଜନ କରିବା ପରେ ସୋମବାର ସେମାନେ ସୁନ୍ଦରଗଡ ଫେରିବା ପରେ ଆଦର୍ଶନଗରରେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ସମସ୍ତଙ୍କୁ ଗାମୁଛା ଓ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କରୋନା ଯୋଦ୍ଧା ଭାବେ ଘୋଷଣା, ସୁବିଧା ଯୋଗାଇ ଦେବା ସହ ପୁରସ୍କୃତ କରିବାକୁ ଅନୁରୋଧ କରିଛନ୍ତି।

# ସମ୍ପର୍କୀୟଙ୍କୁ ଚାକିରି ଓ କ୍ଷତିପୂରଣ ଦାବିରେ ଧାରଣା

## ବିଦ୍ୟୁତ୍ ଖୁଣ୍ଟରୁ ଖସିପଡ଼ି ଲାଇନ୍‌ମ୍ୟାନ ମୃତ ଘଟଣା

ଦେବଗଡ଼, ୫।୭(ଡି.ଏନ୍.ଏ.)

ଦେବଗଡ଼ ବିଦ୍ୟୁତ୍ ଡ଼ିଭିଜନ ବାରକୋଟ ସେକ୍‌ସନ ଅଧିନରେ କାର୍ଯ୍ୟରତ ଲାଇନ୍‌ମ୍ୟାନ ପୁରୁଷୋତ୍ତମ ବାଡ଼ାଙ୍କ ଶନିବାର ବିଦ୍ୟୁତ୍ ଖୁଣ୍ଟରୁ ଖସିପଡ଼ି ମୃତ୍ୟୁ ଘଟିଥିଲା। ଏନେଇ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଦେବଗଡ଼ ଶାଖା ଡିଭିଜିନାଲ ସେକ୍ରେଟାରୀ ପ୍ରଦ୍ୟୁମ୍ନ ସାମଲ, ସମ୍ବଲପୁର ମୁଖ୍ୟ ସଂଘ କାର୍ଯ୍ୟାଳୟର ସୁନିଲ କୁମାର ସିଂ, ରଞ୍ଜିତ କୁମାର ମହାପାତ୍ର, ନବକିଶୋର ଦାସ, ସତ୍ୟଜିତ ପରିଡ଼ା, ସବଡ଼ିଭିଜିନାଲ ସମ୍ପାଦକ ସୁରେଶ ଦେହୁରୀ, କାର୍ଯ୍ୟକାରୀ ସଦସ୍ୟ ବସନ୍ତ କୁମାର ପ୍ରଧାନ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ମୃତକଙ୍କ ପରିବାରର ଜଣଙ୍କୁ ଚାକିରୀ, କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ଦାବି ରଖି ଦେବଗଡ଼ ଡ଼ିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ଦେଇଛନ୍ତି। ଉକ୍ତ ଦାବି ଉପରେ ଲିଖିତ ପ୍ରତିଶ୍ରୁତ ନ ଦେବାଯାଏ ଧାରଣା ଜାରି ରହିବ ବୋଲି ଧାଣରେ ବସିଥିବା ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।


ଦେବଗଡ଼ ଡ଼ିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# ଲ୍ୟାମ୍ପ୍‌ସରେ ମିଳୁନି ସାର

## ଜିଲାପାଳଙ୍କୁ ଅନୁରୋଧ ପତ୍ର ପ୍ରେରଣ କଲେ ଚାଷୀ

ବଡ଼ଗାଁ,୫।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଚାଷୀମାନେ ପ୍ରତିବର୍ଷ ସାର ପାଇବା ଲାଗି ହଇରାଣ ହେଉଛନ୍ତି। ବର୍ତ୍ତମାନ ଚାଷକାମ ସମୟ ହୋଇଥିବାରୁ ଲ୍ୟାମ୍ପ୍‌ସରେ ସାର ମିଳୁନାହିଁ। ଲ୍ୟାମ୍ପ୍‌ସରେ ୟୁରିଆ, ପଟାସ ଓ ଡିଏପି ସାର ଅଭାବ ଦେଖାଦେଉଥିବାରୁ ଚଢ଼ା ଦରରେ କଳାବଜାରରେ କିଣିବାକୁ ବାଧ ହେଉଛନ୍ତି। ଚଳିତବର୍ଷ ଖରିଫ ଧାନ ଚାଷ ଆରମ୍ଭରୁ ଚାଷୀ ବଡ଼ଗାଁ ଲ୍ୟାମ୍ପ୍‌ସକୁ ସାର ନେବାକୁ ଆସି ନିରାଶ ହେଲାପରେ ସେମାନେ ଜିଲାପାଳଙ୍କୁ ଡାକ ଯୋଗେ ଅନୁରୋଧପତ୍ର ପ୍ରେରଣ କରିଛନ୍ତି। ଲ୍ୟାମ୍ପ୍‌ସର ଏମ୍‌ଡ଼ି ଭୋଳାନାଥ ପଟେଲଙ୍କୁ ସୋମବାର ଅନୁରୋଧପତ୍ରର ନକଲ ପ୍ରଦାନ କରିଛନ୍ତି। ଅଞ୍ଚଳର ଚାଷୀ ତରଣୀସେନ ପୃଷେଟ, ମୋହନ ସାହୁ, ଧନଞ୍ଜୟ ପୃଷେଟ, ବିରଞ୍ଚି ପ୍ରଧାନ, ସୋମବାରୁ ବେହେରା, ତଳେଶ୍ୱର ନାଏକ, ବ୍ରଜବନ୍ଧୁ ସାହୁ, ପଦ୍ମଶେଖର ନାଏକ, ବୈକୁଣ୍ଠ ନାଏକ, ରୀତା ଡୁଙ୍ଗଡୁଙ୍ଗ, ଫ୍ଲୋରା କୁଲୁ, ଗୋମତି କେର୍କେଟା, ସୁଷମା ଚାମ୍ପିଆଙ୍କ ସହିତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ସାର ଯୋଗାଇ ଦେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। ଲ୍ୟାମ୍ପ୍‌ସରେ ସାର ମିଳୁ ନ ଥିବାରୁ ଚଢ଼ା ଦରରେ ଖୋଲା ବଜାରରୁ କିଣୁଥିବାରୁ ଶୀଘ୍ର ୟୁରିଆ, ପଟାସ ଓ ଡିଏପି ସାର ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କ ଠାରୁ ପ୍ରକାଶ, ବର୍ତ୍ତମାନ ବିଲରେ ତଳି ବଢ଼ି ଗଲାଣି। କେଉଁଠି କେମିତି ତଳି ରୁଆ କାମ ଚାଲିଛି। ଏହି ସମୟରେ ଆବଶ୍ୟକ ସାର ଲ୍ୟାମ୍ପ୍‌ସରେ ମିଳୁ ନ ଥିବାରୁ ଚାଷୀ ବଜାରରୁ ଚଢ଼ା ଦରରେ କିଣି ଖର୍ଚ୍ଚାନ୍ତରେ ପଡୁଛନ୍ତି। ତେଣୁ ଅତିଶୀଘ୍ର ସାର ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ପ୍ରତିବର୍ଷ ରୁଆ ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକତା ଠାରୁ ଅନେକ ପରିମାଣରେ କମ୍ ସାର ଲ୍ୟାମ୍ପ୍‌ସକୁ ଆସିବା ଓ ତଳି ରୁଆ ସମୟରେ ସାର ସରିଯିବା ଦେଖାଯାଉଥିବାରୁ ଯୋଜନାବଦ୍ଧ ଭାବେ ଏପରି କରାଯାଇଥିବା ଚାଷୀମାନେ ସନ୍ଦେହ ପ୍ରକଟ କରୁଛନ୍ତି।

# ଆଇଟିଡିଏ ସମ୍ମୁଖରେ କଂଗ୍ରେସର ଗଣଧାରଣା, ବିକ୍ଷୋଭ

- ଆଇଟିଡିଏ ଦ୍ୱାରା ସ୍କୁଲ ନିର୍ମାଣ ଦୁର୍ନୀତି
- ତଦନ୍ତ ପାଇଁ ୫-ଟି ସଚିବଙ୍କୁ ସ୍ମାରକପତ୍ର

ରାଉରକେଲା ଅଫିସ, ୫।୭

ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି। ନୀତି ନିୟମକୁ ଜଳାଜ୍ଞଳି ଦେଇ ଉକ୍ତ ସଂସ୍ଥାରେ ସମସ୍ତ କାର୍ଯ୍ୟ ଚାଲିଥିବାବେଳେ ସମ୍ପ୍ରତି ଓଡ଼ିଶା ସରକାରଙ୍କ ମୋ' ସ୍କୁଲ ଯୋଜନାରେ ରାଉରକେଲାର ୧୦ଟି ହାଇସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ ଆସିଥିବା ୬କୋଟି ଟଙ୍କାର କାର୍ଯ୍ୟକୁ ବିନା ଟେଣ୍ଡରରେ ବାଣ୍ଟି ଦିଆଯାଇଛି। ଆଇଟିଡିଏ କର୍ତ୍ତୃପକ୍ଷଙ୍କ ଏପରି ବେଆଇନ୍ ଓ ମନମୁଖୀ କାର୍ଯ୍ୟ ପାଇଁ ଉକ୍ତ ସଂସ୍ଥାର ବିପୁଳ କ୍ଷତି କରିବାକୁ ଯାଉଥିବାବେଳେ ଉନ୍ନତମାନର କାମ ହେବା ନେଇ ମଧ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏହି ଦୁର୍ନୀତିର ପ୍ରତିବାଦରେ ସୋମବାର ରାଉରକେଲା ଜିଲା କଂଗ୍ରେସ ତରଫରୁ ପାନପୋଷ ଆଇଟିଡିଏ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କୁ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଜିଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଇଂ.ଆର୍.ପି. ସିଂହ, ଗିରିଜା ଶଙ୍କର ମିଶ୍ର, କୀର୍ତ୍ତନ ଦାସ, ଯୁବକଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ସେବାଦଳ ଅଧକ୍ଷ ବିନୋଦ ରାଉତ, ଯୁବନେତା ସାହିର ହୁସେନ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ରାଜ୍ୟ ସରକାର ଜିଲା ଖଣିଜ ପାଣ୍ଠିରୁ ସହରର ୧୦ଟି ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ ଯୋଗାଇ ଦେଇଥିବା ୬ କୋଟି ଟଙ୍କା କାର୍ଯ୍ୟରେ ଖୋଲା ଇ-ଟେଣ୍ଡର କରା ନ ଯାଇ ସ୍ଥାନୀୟ ନେତାଙ୍କ ସୁପାରିଶରେ ତାଙ୍କ ଦଳୀୟ କର୍ମୀମାନଙ୍କୁ ବାଣ୍ଟି ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। ଗତ ପ୍ରାୟ ୬ ମାସ ହେବ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପଦବୀ ଖାଲି ପଡିଥିବା ବେଳେ ଏହି ଦାୟିତ୍ୱରେ ପାନପୋଷ ଉପଜିଲାପାଳଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଉକ୍ତ ସଂସ୍ଥାରେ ଗତ ପ୍ରାୟ ୨ ବର୍ଷ ହେବ ଉପନିର୍ବାହୀ ଯନ୍ତ୍ରୀଙ୍କ ପଦବୀ ଖାଲି ପଡିଥିବାରୁ ଏହି ଦାୟିତ୍ୱରେ ସୁନ୍ଦରଗଡ଼ ଆଇଟିଡିଏର ଉପନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କୁ ରଖାଯାଇଛି। ରାଜ୍ୟ ସରକାର ଅଥବା ୫-ଟି ସଚିବ ଏହି ଦୁର୍ନୀତିକୁ ରୋକିବା ନିମନ୍ତେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ଜିଲା କଂଗ୍ରେସ ପାନପୋଷ ଆଇଟିଡିଏ କାର୍ଯ୍ୟାଳୟରେ ତାଲା ମାରିବାକୁ ବାଧ ହେବ ବୋଲି ଏହି ଧାରଣାରେ ତିର୍କୀ ଘୋଷଣା କରିଛନ୍ତି।


ପାନପୋଷ ଆଇଟିଡିଏ ସମ୍ମୁଖରେ କଂଗ୍ରେସ ନେତା, କର୍ମକର୍ତ୍ତା ଧାରଣା ଦେଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୬/୨୦୨୧ Sambalpur, Tuesday, July 6/ 2021

# ଖେଳରତ୍ନ ପାଇଁ ପ୍ରମୋଦଙ୍କ ନାମ ସୁପାରିସ

**ଭୁବନେଶ୍ୱର, ୫।୭(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଆଉ ୨ ଓଡ଼ିଆ ଖେଳାଳିଙ୍କ ନାମ ସୁପାରିସ କରାଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଏବଂ ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ସଦସ୍ୟା ତଥା ଟୋକିଓ ଅଲିମ୍ପିକ୍ସ ପାଇଁ ଦଳର ଉପ ଅଧିନାୟିକା ମନୋନୀତ ହୋଇଥିବା ଦୀପ୍‌ଗ୍ରେସ୍ ଏକ୍କାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏକାଧିକଥର ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ବିଜେତା ପ୍ରମୋଦ କ୍ୟାରିୟରରେ ୪୮ଟି ଜାତୀୟ ଏବଂ ୫୩ଟି ଅନ୍ତର୍ଜାତୀୟ ପଦକ ଜିତି ସାରିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ୨୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୧୭ ବ୍ରୋଞ୍ଜ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ତାଙ୍କୁ ୨୦୧୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିବର୍ଷ ସେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ମଧ୍ୟ ପାଇଥିଲେ। ୨୦୨୦ରେ ପାରା ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ଭାବେ ସ୍ପୋର୍ଟ୍ସଷ୍ଟାର ଏସେସ୍ ପୁରସ୍କାର ହାସଲ କରିଥିଲେ। ସେ ଟୋକିଓ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ମଧ୍ୟ ହାସଲ କରି ସାରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ମଧ୍ୟ ପ୍ରମୋଦଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ତାଙ୍କ ନାମ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ପାଇଁ ସୁପାରିସ ହୋଇଥିବାରୁ ଖୁସି ଜାହିର କରିଛନ୍ତି ପ୍ରମୋଦ। 'ମୁଁ ଏବେ ଟ୍ରେନିଂ ଉପରେ ଫୋକସ କରୁଛି। ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ଏକମାତ୍ର ଲକ୍ଷ୍ୟ' ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଦୀପ୍‌ଗ୍ରେସ୍ ଗତ କିଛିବର୍ଷ ଧରି ଭାରତୀୟ ସିନିୟର ମହିଳା ହକି ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ନିକଟ ଅତୀତରେ ଭାରତୀୟ ଦଳର ସଫଳତାରେ ନିଜର ଯୋଗଦାନ ଦେଇ ଆସିଥିବା ଦୀପ୍‌ଗ୍ରେସ୍ ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି।

ପ୍ରକାଶ ଯୋଗ୍ୟ ଯେ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପାଇଁ ସୁପାରିସ ହୋଇଛି। ର୍‍ୟାଙ୍କିଙ୍ଗ୍‌ଭିତ୍ତିରେ ଟୋକିଓ ଅଲିମ୍ପିକ୍ସର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ଦୂତୀ ଗତବର୍ଷ ଅର୍ଜୁନ ପୁରସ୍କାର ପାଇଥିଲେ। ସେହିପରି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିକଟକୁ ସିନିୟର ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଖେଳିଥିବା ବୀରେନ୍ଦ୍ର ଏବେ ୨୦୨୧ ଟୋକିଓ ଅଲିମ୍ପିକ୍ସ ପାଇଁ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ଭାରତୀୟ ଦଳର ଉପ ଅଧିନାୟକ ଭାବେ ମଧ୍ୟ ମନୋନୀତ କରାଯାଇଛି। ଦେଶକୁ ଅନେକ କ୍ୱାଲିଟି ହକି ଖେଳାଳି ଭେଟି ଦେଇଥିବା ଭେଟେରାନ ହକି କୋଚ୍ କାଳୁ ଚରଣ ଚୌଧୁରୀଙ୍କ ନାମ ଦ୍ରୋଣାଚାର୍ଯ୍ୟ ଏବଂ ହର୍ଡଲ୍ସ କୁଇନ୍ ତଥା ୧୦୦ ମିଟର ହର୍ଡଲ୍ସରେ ଜାତୀୟ ରେକର୍ଡଧାରିଣୀ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ନାମ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ସୁପାରିସ ହୋଇଛି। ଏହା ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନ ନାମ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାରପାଇଁସୁପାରିସକରାଯାଇଛି।


ପ୍ରମୋଦ ଭଗତ


ଦୀପ୍‌ଗ୍ରେସ୍ ଏକ୍କା

**ଅର୍ଜୁନ ପୁରସ୍କାର ଲାଗି ଦୀପ୍‌ଗ୍ରେସ୍ ଏକ୍କା**

**ଆଇସିସି ସୀମିତ ଓଭର ଇଭେଣ୍ଟ**

## ଭାରତ, ଅଷ୍ଟ୍ରେଲିଆ ସମେତ ୧୫ ଦେଶ ଆଗ୍ରହୀ

**ଦୁବାଇ, ୫।୭ (ପି.ଟି.):** ୨୦୨୪ରୁ ୨୦୩୧ ପରବର୍ତ୍ତୀ ୮ବର୍ଷ ଟୁର୍ନାମେଣ୍ଟ ଚକ୍ର ବେଳେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୀମିତ ଓଭର ଇଭେଣ୍ଟଗୁଡ଼ିକର ଆୟୋଜନ ଲାଗି ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସମେତ ୧୭ଟି ସଦସ୍ୟ ଦେଶ ଆଗ୍ରହୀ ଅଛନ୍ତି। ଖେଳର ବିଶ୍ୱ ପରିଚାଳନା ପରିଷଦ ସୋମବାର ଏହି ସୂଚନା ଦେଇଛି। ରିପୋର୍ଟ ଅନୁସାରେ ସୀମିତ ଓଭର ଫର୍ମାଟ୍‌ର ଦୁଇ ବିଶ୍ୱକପ୍ ସମେତ ୩ଟି ଗ୍ଲୋବାଲ ଇଭେଣ୍ଟର ଆୟୋଜନ ଲାଗି ବିଡ୍ ଦାଖଲ ପାଇଁ ବିସିସିଆଇ ଗତ ମାସରେ ନିଷ୍ପତ୍ତି ନେଇଛି। କିନ୍ତୁ ଭାରତୀୟ ବୋର୍ଡ କୌଣସି ଆୟୋଜନ ଫି' ଦେବାକୁ ଆଗ୍ରହୀ ନୁହେଁ। କୌଣସି ଆଇସିସି ଇଭେଣ୍ଟ ଆୟୋଜନ ପାଇଁ ଟିକସ ଛାଡ଼ କରିବା ବିସିସିଆଇ ଲାଗି ଏକ ସମସ୍ୟା ହୋଇ ଦେଖାଦେଇପାରେ। ଏଥିପାଇଁ ସରକାରଙ୍କ ଅନୁଗ୍ରହ ଆବଶ୍ୟକ ପଡ଼ିପାରେ। ବିସିସିଆଇ ଗୋଟିଏ ଚାମ୍ପିୟନ୍ସ ଟ୍ରଫି, ଏକ ଟି୨୦ ବିଶ୍ୱକପ୍ ଓ ଗୋଟିଏ ୫୦ ଓଭର ବିଶ୍ୱକପ୍ ପାଇଁ ବିଡ୍ ଦାଖଲ କରିବ।

# ଅଂଶୁମାନ ଚାମ୍ପିୟନ, ଅମୃତାଂଶୁ ରନର୍ସଅପ୍

**ଭୁବନେଶ୍ୱର, ୫।୭(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ଚାମ୍ପିୟନଶିପ୍‌ର ୩୪ ତମ ସଂସ୍କରଣ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ପ୍ରତିଯୋଗିତାରେ ଅଂଶୁମାନ ସାମଲ ଚାମ୍ପିୟନ ଏବଂ ଅମୃତାଂଶୁ ମହାନ୍ତି ରନର୍ସଅପ୍ ହୋଇଛନ୍ତି। ପ୍ରଦର୍ଶନଭିତ୍ତିରେ ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ମନସିଜ ସାମଲ, ସାଇଶକ୍ତି ପଣ୍ଡା, ଦେବୀ ପ୍ରସାଦ ନାୟକ, ଗତିକୃଷ୍ଣ ଭୂୟାଁ, ବିଭୋର ଅଦକ, ଅଂଶୁମାନ ପତି, କୀର୍ତ୍ତି ଅନୁରାଗ ପ୍ରତିହାରୀ ଓ ସୁମିତ ଓଝା। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ତନିରିକା ସାହୁ, ଈଶାନୀ ଦାସ, ଲଳିତ ରଞ୍ଜନ ସାହୁ, ଆୟାନ ଅଙ୍କିତ ସ୍ୱାଇଁ, ହର୍ଷିତ ରଞ୍ଜନ ସାହୁ ଏବଂ ଶ୍ରେଷ୍ଠ ବାଳିକା ଖେଳାଳିଭାବେ ସାହାନା ଲେଙ୍କା ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛନ୍ତି। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର, ଦୀପକ କୁମାର ପଲାଇ ସହକାରୀ ଆର୍ବିଟର ଏବଂ ଶୀତେନ୍ଦୁ ରାଜଗୁରୁ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।




# ଡୋପିଂ ମାମଲାରେ ଲାଇସେଙ୍କୋ ବାସନ୍ଦ

**ମୋନାକୋ, ୫।୭ (ଏପି)**

କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ରୁଲିଂ ସୋମବାର ପ୍ରକାଶ ପାଇଛି। ତଦନୁସାରେ ରୁଷିଆ ହାଇଜମ୍ପର ଡାନିଲ ଲାଇସେଙ୍କୋ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଆଣ୍ଟି ଡୋପିଂ ସଂସ୍ଥାକୁ ସମୟକୁ ସମୟ ତାଙ୍କର ଅବସ୍ଥାନ ସମ୍ପର୍କରେ ସେ ସୂଚନା ଦେଇ ନ ଥିଲେ। ଏହାଦ୍ୱାରା ଆକସ୍ମିକ ଡୋପ୍ ଟେଷ୍ଟକୁ ଏଡାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ପକ୍ଷରୁ ଅଭିଯୋଗର ସତ୍ୟତା ନେଇ ତଦନ୍ତ ହୋଇଥିଲା। ଲାଇସେଙ୍କୋ ୨୦୧୭ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଏବଂ ଏହାର ବର୍ଷକ ପରେ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ଲାଇସେଙ୍କୋ ତାଙ୍କ ଦୋଷ ସ୍ୱୀକାର କରିବା ସହ ତଦନ୍ତ କାର୍ଯ୍ୟରେ ସହଯୋଗ କରିଥିବାରୁ ବାସନ୍ଦ ଦଣ୍ଡରୁ ୨ବର୍ଷ ସସ୍‌ପେଣ୍ଡ କରାଯାଇଛି। ହୋୟାରଅବାଉଟ୍ସ ପ୍ରସଙ୍ଗରେ ପ୍ରଥମେ ସାମୟିକ ସସ୍‌ପେଣ୍ଡ ହୋଇ ସାରିଥିବାରୁ ୨୦୨୨ ଅଗଷ୍ଟ ବେଳକୁ ୪ବର୍ଷ ବାସନ୍ଦ ଦଣ୍ଡ ଶେଷ ହୋଇଯାଇଥିବ। ଏହାପରଠାରୁ ସେ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ରୁଷିଆ ଆଥଲେଟିକ୍ ମହାସଂଘ କେତେଜଣ ସିନିୟର ଅଫିସିଆଲ ଲାଇସେଙ୍କୋଙ୍କ ମାମଲାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିଥିଲେ।

# ଜୋକୋଭିଚ୍, ଖାଚାନୋଭ କ୍ୱାର୍ଟର ଫାଇନାଲରେ

**ଲଣ୍ଡନ, ୫।୭**

ସର୍ବିୟାର ନୋଭାକ୍ ଜୋକୋଭିଚ୍, ରୁଷିଆର କରେନ ଖାଚାନୋଭ ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ ଅଫ୍-୧୬ ମ୍ୟାଚରେ ଜୋକୋଭିଚ୍ ଚିଲିର କ୍ରିଷ୍ଟିଆନ ଗାରିନ୍‌ଙ୍କୁ ୬-୨, ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୨୫ତମ ସିଡ୍ ଖାଚାନୋଭ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ୩-୬, ୬-୪, ୬-୩, ୫-୭, ୧୦-୮ରେ ହରାଇ ପ୍ରଥମଥରପାଇଁ ୱିମ୍ବେଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସୋମବାର ଥିଲା କୋର୍ଡାଙ୍କ ୨୧ତମ ଜନ୍ମଦିନ। ଖାଚାନୋଭ ଓ କୋର୍ଡାଙ୍କ ମଧ୍ୟରେ ଅନ୍ତିମ ସେଟ୍ ମାରାଥନ ୮୧ ମିନିଟ ବିଶିଷ୍ଟ ଥିଲା। ଅନ୍ୟ ଏକ ମ୍ୟାଚରେ ଡେନିସ ଶାପୋଭାଲୋଭ ୬-୧, ୬-୩, ୭-୫ ସେଟ୍‌ରେ ରୋବେର୍ଟୋ ବୌଟିଷ୍ଟା ଅଗୁଟଙ୍କୁ ଏବଂ ମାଟେଓ ବେରେଟିନି ୬-୪, ୬-୩, ୬-୧ ସେଟ୍‌ରେ ଇଲ୍ୟା ଇଭାସ୍କାଙ୍କୁ ହରାଇ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମାର୍ଟୋନ ଫୁକ୍‌ସୋଭିକ୍ସ ୬-୩, ୪-୬, ୪-୬, ୬-୦, ୬-୩ ସେଟ୍‌ରେ ବିଜୟୀ ହୋଇ ଆନ୍ଦ୍ରେ ରୁବଲୋଭଙ୍କ ଅଭିଯାନ ଶେଷ କରିଛନ୍ତି।

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ**

## ପ୍ଲିସ୍‌କୋଭା, ବାର୍ଟି ବିଜୟୀ

ମହିଳା ସିଙ୍ଗଲ୍ସରେ କାରୋଲିନା ପ୍ଲିସ୍‌କୋଭା, ଆଶ୍‌ଲେ ବାର୍ଟି ପ୍ରମୁଖ ନିଜ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚରେ ପ୍ଲିସ୍‌କୋଭା ୬-୨, ୬-୩ ସେଟ୍‌ରେ ଲୁଡମିଲା ସାମସୋନୋଭା, ବାର୍ଟି ୭-୫, ୬-୩ରେ ବାର୍ବୋରା କ୍ରେଜିକୋଭା, ଆରିନା ସାବାଲେଙ୍କା ୬-୩, ୪-୬, ୬-୩ରେ ଏଲିନା ରିବାକିନା ଏବଂ ଓନ୍ସ ଜାବେଉର ୫-୭, ୬-୧, ୬-୧ରେ ଇଗା ସ୍ୱିଟେକଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି।

# ମେରିକମ୍, ମନପ୍ରୀତ୍ ଭାରତର ପତାକା ବାହକ ହେବେ


ଏମ୍. ସି. ମେରିକମ୍


ମନପ୍ରୀତ୍ ସିଂ

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଟୋକିଓ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ବକ୍ସର ଏମ୍. ସି. ମେରିକମ୍ ଓ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ୍ ସିଂ ଭାରତର ପତାକା ବାହକ ହେବେ। ଅଗଷ୍ଟ ୮ ଉଦ୍‌ଯାପନୀ ଉତ୍ସବରେ ରେସ୍‌ଲର ବଜରଙ୍ଗ ପୁନିଆ ଭାରତର ପତାକା ବାହକ ହେବେ। ଭାରତୀୟ ଅଲିମ୍ପିକ କମିଟି (ଆଇଓଏ) ଗେମ୍ସର ଆୟୋଜକ କମିଟି ସହ ଯୋଗାଯୋଗ ପରେ ଏହି ନିଷ୍ପତ୍ତି ନେଇଛି। ପୂର୍ବରୁ ଲିଙ୍ଗଭେଦ ସମାନତାକୁ କାର୍ଯ୍ୟକାରୀ କରିବାକୁ ଯାଇ ଆସନ୍ତା ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ପ୍ରଥମ ଥର ଜଣେ ପୁରୁଷ ଓ ଜଣେ ମହିଳା ଦୁଇଜଣଙ୍କୁ ପତାକା ବାହକ କରିବା ଲାଗି ସ୍ଥିର କରିସାରିଥିଲା। ୨୦୧୬ ରିଓ ଡି' ଜେନିରୋ ଗେମ୍ସର ଉଦ୍‌ଘାଟନୀ ଉତ୍ସବରେ ଦେଶର ଏକମାତ୍ର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ତୁଲାଇଥିଲେ। ଟୋକିଓ ଗେମ୍ସ ଜୁଲାଇ ୨୩ରୁ ଆରମ୍ଭ ହେବ। ପ୍ରକୃତରେ ଏହି ଉତ୍ସବ ଗତବର୍ଷ ଆୟୋଜନ ହେବାର ଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଗତବର୍ଷ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି)ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଗେମ୍ସରେ ଭାଗ ନେଉଥିବା ୨୦୬ ଦେଶ ସେମାନଙ୍କ ଦଳରେ ଅତିକମ୍‌ରେ ଜଣେ ପୁରୁଷ ଓ ଜଣେ ମହିଳା ଆଥ୍‌ଲେଟ ପତାକା ବାହକ ରଖିବା ଉଚିତ ବୋଲି ଏଥିରେ ମତପ୍ରକାଶ ପାଇଥିଲା।

# ଏଏଫ୍‌ଆଇର ୨୬ ଜଣିଆ ଦଳ ଘୋଷଣା

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ସୋମବାର ୨୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାରୁ ଏକମାତ୍ର ଦୂତୀ ଚାନ୍ଦ ସ୍ଥାନ ପାଇଛନ୍ତି। ଦୂତୀ ୧୦୦ ଓ ୨୦୦ ମିଟରରେ ରେସ୍ କରିବାକୁ ସୁଯୋଗ ପାଇଛନ୍ତି। ୨୬ ଜଣିଆ ଦଳରେ ବ୍ୟକ୍ତିଗତ ଇଭେଣ୍ଟ ପାଇଁ ୧୬ ଆଥଲେଟ୍ ଥିବାବେଳେ ୪x–୪୦୦ ମିଟର ରିଲେ ପାଇଁ ୫ ପୁରୁଷ ଏବଂ ୪x୪୦୦ ମିଟର ମିକ୍ସଡ ରିଲେ ପାଇଁ ୨ ପୁରୁଷ ଓ ୩ ମହିଳା ଆଥଲେଟ୍ ସ୍ଥାନ ପାଇଛନ୍ତି। ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟ ଜୁଲାଇ ୩୧ରୁ ଆରମ୍ଭ ହେବ।




**ଭାରତୀୟ ଦଳ**

**ମହିଳା:** ଦୂତୀ ଚାନ୍ଦ (୧୦୦ ଓ ୨୦୦ ମିଟର), କମଲପ୍ରୀତ କୌର ଓ ସୀମା ଆଣ୍ଟିଲ ପୁନିଆ(ଡିସ୍‌କସ୍ ଥ୍ରୋ), ଅନୁ ରାଣୀ (ଜାଭେଲିନ ଥ୍ରୋ), ଭାବନା ଜାଟ୍ ଓ ପ୍ରିୟଙ୍କା ଗୋସ୍ୱାମୀ (୨୦ କି.ମି. ଚାଲି) ଏବଂ ରେବତୀ ବୀରମଣି, ଶୁଭ ଭେଙ୍କଟେସନ ଓ ଧନଲକ୍ଷ୍ମୀ ସେଖର (ମିକ୍ସଡ ୪x୪୦୦ ମିଟର ରିଲେ)।

**ପୁରୁଷ:** ଅବିନାଶ ସାବ୍‌ଲେ (୩୦୦୦ ମି. ଷ୍ଟିପଲଚେଜ୍), ଏମ୍.ପି. ଜାବିର (୪୦୦ମି. ହର୍ଡଲ୍ସ), ଏମ. ଶ୍ରୀଶଙ୍କର (ଲଙ୍ଗଜମ୍ପ), ତାଜିନ୍ଦରପାଲ ସିଂ ତୁର୍ (ଶଟ୍‌ପୁଟ୍), ନୀରଜ ଚୋପ୍ରା ଓ ଶିବପାଲ ସିଂ (ଜାଭେଲିନ ଥ୍ରୋ), କେ.ଟି. ଇରଫାନ, ସନ୍ଦୀପ କୁମାର ଓ ରାହୁଲ ରୋହିଲା (୨୦ କି.ମି. ଚାଲି), ଗୁରପ୍ରୀତ ସିଂ (୫୦ କି.ମି. ଚାଲି), ଅମୋଜ ଜ୍ୟାକବ, ରାଜୀବ ଆରୋକିଆ, ଅହମଦ ଆନାସ, ନାଗାନାଥନ ପାଣ୍ଡି, ନୋଆ ନିର୍ମଳ ଟମ୍ (୪x୪୦୦ ମିଟର ରିଲେ), ସାର୍ଥକ ଭାମ୍ବ୍ରି, ଆଲେକ୍ସ ଆଣ୍ଟୋନୀ (୪x୪୦୦ ମିଟର ମିକ୍ସଡ ରିଲେ)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ